# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୮/୨୦୨୫ (୧୨ ପୃଷ୍ଠା) | Bhubaneswar, Thursday, September 18/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 294 | ମୂଲ୍ୟ ₹୭/-







# ସଫଳ: ରାଜ୍ୟରେ ଲାଗିଲା ୧.୫ କୋଟି ଚାରା

- **ସୁନ୍ଦରଗଡ଼ରେ ସର୍ବାଧିକ**
- **ମୋଦିଙ୍କ ବଳିଷ୍ଠ ନେତୃତ୍ୱ ସବୁଠାରୁ ଅନନ୍ୟ : ମୁଖ୍ୟମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଲାଗି ଓଡ଼ିଶା ସରକାର ଯେଉଁ ୭୫ ଲକ୍ଷ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଥିଲେ ତାହାକୁ ରାଜ୍ୟବାସୀ ଦ୍ୱିଗୁଣ କରିଛନ୍ତି। ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ଏବଂ ଶ୍ରଦ୍ଧାକୁ ପ୍ରମାଣିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବୁଧବାର ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ୧ କୋଟି ୪୯ ଲକ୍ଷ ୧୧ ହଜାର ୩୩୯ ଚାରା ରୋପଣ ହୋଇଛି। ତେବେ ଅପରାହ୍ନ ୧.୩୩ ସୁଦ୍ଧା ୭୫ ଲକ୍ଷ ଚାରାରୋପଣ ଲକ୍ଷ୍ୟ ପୂରଣ ହୋଇଥିଲା। ରାଜ୍ୟର ସମୁଦାୟ ୭୧,୯୨୪ଟି ସ୍ଥାନରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ଜିଲା ସର୍ବାଧିକ ୧୪,୨୧,୬୧୮ ଚାରା ଲଗାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୋରାପୁଟ ୧୧,୦୧, ୬୨୪ଟି ଗଛ ଲଗାଇ ଦ୍ୱିତୀୟ ଏବଂ କେନ୍ଦୁଝର ୧୦, ୪୨, ୯୨୭ ଚାରା ରୋପଣ କରି ତୃତୀୟ ସ୍ଥାନ ଅଧିକାର କରିଛି।

ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)

ଚାରାରୋପଣର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହ ସମସ୍ତ ସମ୍ପୃକ୍ତ ବିଭାଗକୁ ପ୍ରଶଂସା କରିବା ସହିତ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏହି ଭଲପାଇବା ତାଙ୍କୁ ଅଭିଭୂତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏକାମ୍ର କଲେଜ ପରିସରରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଗୋଟିଏ ଅଁଳାଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଶର ବିକାଶ ପୁରୁଷ ତଥା ବିଶ୍ୱର ଶ୍ରେଷ୍ଠ ଲୋକପ୍ରିୟ ନେତା ଭାବେ ବର୍ଣ୍ଣନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେକ ନରେନ୍ଦ୍ର ମୋଦି ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏକି ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ୫୫ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ଦେଶମାତୃକାର ସେବା ବିଷୟରେ ହିଁ ଚିନ୍ତା କରିଆସିଛନ୍ତି। ତାଙ୍କର ସମ୍ପୂର୍ଣ୍ଣ ଜୀବନ ମା' ଭାରତୀ'ର ସେବାରେ ଉତ୍ସର୍ଗୀକୃତ। ତାଙ୍କର ଦୂରଦୃଷ୍ଟି, ଦିଗ୍‌ଦର୍ଶନ, ବଳିଷ୍ଠ ନେତୃତ୍ୱ, କାର୍ଯ୍ୟଶୈଳୀ ସବୁଠାରୁ ଭିନ୍ନ ଓ ଅନନ୍ୟ। ପ୍ରଧାନମନ୍ତ୍ରୀ ସାରା ଦେଶ ବୁଲିଛନ୍ତି ଏବଂ ତୃଣମୂଳସ୍ତରର ଲୋକଙ୍କ ସମସ୍ୟା ବୁଝିଛନ୍ତି। ନିଜ ବ୍ୟକ୍ତିଗତ ଅନୁଭବରୁ ଲୋକଙ୍କ ସମସ୍ୟା ଜାଣି ତା'ର ସମାଧାନର ରାସ୍ତା ଖୋଜିଥାନ୍ତି ପ୍ରଧାନମନ୍ତ୍ରୀ। ଉଜ୍ଜ୍ୱଳା ଯୋଜନା ଜରିଆରେ ମା'ମାନଙ୍କ ରୋଷେଇଘରକୁ ଧୂଆଁରୁ ମୁକ୍ତ କରିବା ହେଉ କିମ୍ବା ଜନଧନ ଯୋଜନାରେ ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ହେଉ ଅବା ଆୟୁଷ୍ମାନ୍ ଭାରତ ଯୋଜନାରେ କୋଟି କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା, ମାତୃବନ୍ଦନା ଯୋଜନାରେ ମା'ମାନଙ୍କୁ ସହାୟତା ପ୍ରଦାନ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଜରିଆରେ କୃଷକଙ୍କ ପାଇଁ ସହାୟତା ଭଳି ପ୍ରତ୍ୟେକ ନିଷ୍ପତ୍ତିରେ ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବାର ଲକ୍ଷ୍ୟ ପ୍ରତିଫଳିତ ହୋଇଛି। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ପ୍ରଖର ରାଷ୍ଟ୍ରବାଦ ଓ ଦେଶପ୍ରେମର ଝଲକ ମିଳେ। ରାଷ୍ଟ୍ର ହିତ ମୋଦିଙ୍କ ପାଇଁ ଏକ ସ୍ଲୋଗାନ୍ ନୁହେଁ, ଏହା ତାଙ୍କ ଜୀବନ ପଦ୍ଧତି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଜୀବନ ତାଙ୍କ ମା'ଙ୍କ ଆଶୀର୍ବାଦରେ ଦେଶସେବା ପାଇଁ ପ୍ରେରିତ ହୋଇଛି। ତେଣୁ ମା'ର ସମ୍ମାନରେ ଧରିତ୍ରୀ ମାତାର ସୁରକ୍ଷା ପାଇଁ ମୋଦି ଏହି ଅଭିଯାନ ଆରମ୍ଭ କରିଛନ୍ତି। ତେଣୁ ଏହି ଦିନଟି ଉଭୟ ମା' ଓ ଧରିତ୍ରୀ ମାତା ପାଇଁ ସମର୍ପିତ। ସେ କହିଥିଲେ, ଓଡ଼ିଶାର ବିକାଶ ଲାଗି ମୋଦିଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଗତ ବର୍ଷ ଏହି ସମୟରେ ସେ ଓଡ଼ିଶା ଆସିଥିଲେ ଏବଂ ଆମ ମା'ମାନଙ୍କ ପାଇଁ ସୁଭଦ୍ରା ☞ପୃଷ୍ଠା-୪



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ଭୁବନେଶ୍ୱର ଏକାମ୍ର କଲେଜରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଏକଦିବସୀୟ ଚାରାରୋପଣ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ।

# ଇନ୍‌ସ୍ୟୁରାନ୍ସ ଟଙ୍କା ପାଇଁ ମହିଳା କନ୍‌ଷ୍ଟେବଲଙ୍କୁ ହତ୍ୟା

**ଭୁବନେଶ୍ୱରରେ ମାରି ଘଟଗାଁରେ ପୋତିଥିଲେ ଅଭିଯୁକ୍ତ କନ୍‌ଷ୍ଟେବଲ ସ୍ୱାମୀ**

ଭୁବନେଶ୍ୱର/କେନ୍ଦୁଝର/ ଘଟଗାଁ,୧୭।୯ (ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର ପଟ୍ଟନାୟକ)



ଶୁଭମିତ୍ରା ସାହୁ



ଦୀପକ ରାଉତ

ଇନ୍‌ସ୍ୟୁରାନ୍ସ ଟଙ୍କାକୁ ନେଇ ସୃଷ୍ଟି ହୋଇଥିବା ବିବାଦରୁ ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କୁ ତାଙ୍କ ସ୍ୱାମୀ(କୋର୍ଟରେ ବିବାହିତ) ତଥା କନ୍‌ଷ୍ଟେବଲ ଦୀପକ ରାଉତ ତଣ୍ଟିଚିପି ହତ୍ୟା କରିଥିଲେ। ଏପରି କି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ଭୁବନେଶ୍ୱରରୁ କାର୍ ଯୋଗେ ଘଟଗାଁ ନେଇ ସେଠାରେ ଏକ ଜଙ୍ଗଲରେ ଜଣେ ସମ୍ପର୍କୀୟ ଭାଇଙ୍କ ସହଯୋଗରେ ମାଟି ତଳେ ପୋତିଥିଲେ। ଶୁଭମିତ୍ରା ନିଖୋଜ ହେବାର ୧୧ଦିନ ପରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସ୍ୱୀକାର କରିଛନ୍ତି ଖୋଦ୍ ହତ୍ୟାକାରୀ ସ୍ୱାମୀ ଦୀପକ। କମିଶନରେଟ୍ ପୋଲିସ ଶୁଭମିତ୍ରାଙ୍କ କଲ୍ ଡିଟେଲ୍ସ ଯାଞ୍ଚ ସହ କମିଶନରେଟ୍ ପୋଲିସ ମୁଖ୍ୟାଳୟର ଆକାଉଣ୍ଟ ସେକ୍ସନରେ କାମ କରୁଥିବା କନ୍‌ଷ୍ଟେବଲ ଦୀପକଙ୍କୁ ଜେରା କରିବା ପରେ ସେ ଗୋଟି ଗୋଟି କରି ସତ ମାନିଛନ୍ତି। କମିଶନରେଟ ପୋଲିସର ଏକଟିମ୍ ବୁଧବାର ଦୀପକଙ୍କୁ କେନ୍ଦୁଝର ଘଟଗାଁ ନିକଟ ଜଙ୍ଗଲକୁ ନେଇ ମାଟିଖୋଳି ଶୁଭମିତ୍ରାଙ୍କ ମୃତଦେହ ଜବତ କରିଛି। ଯାଜପୁର ଜିଲା ଟମ୍‌କା ଥାନା ଅନ୍ତର୍ଗତ ବାଙ୍ଗରପଟା ଗ୍ରାମରେ ଦୀପକଙ୍କ ଘର ହୋଇଥିବାବେଳେ ସେ ପୂର୍ବରୁ ଅନ୍ୟଜଣଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୀପକ ଇନ୍‌ସ୍ୟୁରାନ୍ସ ବାବଦ ଏକ କୋଟି ଟଙ୍କା ପାଇଥିଲେ। ଉକ୍ତ ଇନ୍ସ୍ୟୁରାନ୍ସ ଟଙ୍କାକୁ ନେଇ ଶୁଭମିତ୍ରା ଏବଂ ଦୀପକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ତେବେ ଶୁଭମିତ୍ରା ଏବଂ ଦୀପକଙ୍କ ଆକାଉଣ୍ଟ ଯାଞ୍ଚ ଏବଂ ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କମିଶନର ☞ପୃଷ୍ଠା-୪

# ସରକାରୀ ବସ୍‌ରେ ମାଗଣା ସ୍କୁଲ ଯିବେ ଛାତ୍ରୀଛାତ୍ର

**ବିଜ୍ଞପ୍ତି ପ୍ରକାଶ କଲା ଗଣଶିକ୍ଷା ବିଭାଗ**

ଭୁବନେଶ୍ୱର,୧୭।୯ (ସୁଚିସ୍ମିତା ସାହୁ)

ଏଣିକି ଛାତ୍ରୀଛାତ୍ରମାନେ ସରକାରୀ ବସ୍‌ରେ ମାଗଣାରେ ସ୍କୁଲ ଯିବେ। ଏଥିପାଇଁ ସ୍କୁଲ ପୋଷାକ କିମ୍ବା ସ୍କୁଲ ଆଇକାର୍ଡ ଦେଖାଇବାକୁ ପଡିବ। ଏନେଇ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିବାବେଳେ ବୁଧବାର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଡ୍ରପ୍‌ଆଉଟ ହାର କମାଇବା ଲକ୍ଷ୍ୟରେ ପିଲାଙ୍କୁ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟାହ୍ନଭୋଜନ, ସ୍କୁଲ ୟୁନିଫର୍ମ, ପାଠ୍ୟପୁସ୍ତକ, ପାଠପଢ଼ା ଶୈଳୀ ଆଦିରେ ରାଜ୍ୟ ସରକାର ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଏବେ ଯାତାୟାତ ସୁବିଧା ନ ଥିବା କିମ୍ବା ଗାଡି ଖର୍ଚ୍ଚ ପାଇଁ ସ୍କୁଲ ଆସିପାରୁ ନ ଥିବା ଛାତ୍ରୀଛାତ୍ରଙ୍କ ଲାଗି ☞ପୃଷ୍ଠା-୪






# ଡିଜେ ଗାଡ଼ି ଉପରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କଲେ ଜରିମାନା ସହ ପଞ୍ଜୀକରଣ ଓ ଫିଟ୍‌ନେସ୍ ହେବ ରଦ୍ଦ**

କଟକ, ୧୭।୯(କାର୍ତ୍ତିକ ସାହୁ)

ଗତ କିଛି ଦିନ ମଧ୍ୟରେ ବେଆଇନ ଡିଜେ ଗାଡ଼ି ଯୋଗୁ ସାମ୍ନାକୁ ଆସିଥିବା ଅଘଟଣକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଡିଜେ ଗାଡ଼ିଗୁଡ଼ିକ ବେଆଇନ ଭାବେ ଯାନର ଷ୍ଟ୍ରକଚର୍ ବା ମୂଳଢାଞ୍ଚାରେ କରୁଥିବା ପରିବର୍ତ୍ତନ, ଗାଡ଼ିର ଉଚ୍ଚତା, ଲମ୍ବ ଓ ପ୍ରସ୍ଥରେ ପରିବର୍ତ୍ତନ, ଗାଡ଼ିରେ ଲଗାଉଥିବା ଅତି ଉଚ୍ଚ ସ୍ୱରର ସ୍ପିକର ଏବଂ ଚିକ୍‌ମିକ୍ କରୁଥିବା ବେଆଇନ ଆଲୋକ ଇତ୍ୟାଦିକୁ ରୋକିବା ନିମନ୍ତେ ଏଣିକି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ପରିବହନ ବିଭାଗ। ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ସର୍କୁଲାର ପରିବହନ ଆୟୁକ୍ତଙ୍କ ଦ୍ୱାରା ଜାରି କରାଯାଇଛି। ମୋଟରଯାନ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ବେଆଇନ ଭାବେ ତାକୁ ଡିଜେ ଯାନ ଭାବେ (ମୋଟର ଯାନ ଆଇନରେ ଡିଜେ ଭ୍ୟାନର କୌଣସି ପ୍ରଚଳିତ ବ୍ୟବସ୍ଥା ନାହିଁ) ପରିବର୍ତ୍ତନ କରି ବେଆଇନ ଭାବେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଶବ୍ଦ ପ୍ରଦୂଷଣ ☞ପୃଷ୍ଠା-୪

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଅବାଧ ବାଘ ଶିକାର**

ନୂଆଦିଲ୍ଲୀ,୧୭।୯

ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ସଂଘଟିତ ବାଘ ଶିକାର ଓ ବେଆଇନ ବଣ୍ୟପ୍ରାଣୀ ଚାଲାଣ ରାକେଟର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ନେଇ ଦାଖଲ ଏକ ପିଟିଶନ ଉପରେ ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାର, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କୁ ଜବାବ ମାଗିଛନ୍ତି। ରାଜ୍ୟ ଓ ଜାତୀୟସ୍ତରରେ ସଂଘଟିତ ଶିକାର ସିଣ୍ଡିକେଟ୍‌ଗୁଡ଼ିକ ସକ୍ରିୟ ଥିବାରୁ ବ୍ୟାଘ୍ର ବଂଶ ପ୍ରତି ବିପଦ ସୃଷ୍ଟି ହୋଇଥିବା ଆଇନଜୀବୀ ଗୌରବ ଗୌରବ କୁମାର ବଂଶଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଦର୍ଶାଇଛନ୍ତି। ଏଥିରେ ଗୌରବ ଉଲ୍ଲେଖ କରିଛନ୍ତି, ଅନ୍ୟୂନ ୩୦% ବାଘ ସ୍ୱୀକୃତିପ୍ରାପ୍ତ ବ୍ୟାଘ୍ର ସଂରକ୍ଷଣ ବାହାରେ ବସବାସ କରୁଛନ୍ତି। ଏଥିଯୋଗୁ ଅବାଧ ବାଘ ଶିକାର କରାଯାଉଥିବା ନେଇ ପ୍ରକାଶିତ କେତେକ ଖବରର ଅବତାରଣା କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି, କେନ୍ଦ୍ର, ଏନ୍‌ଟିସିଏ ଏବଂ ଅନ୍ୟ ପକ୍ଷମାନଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଛନ୍ତି। କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ ଏହା ଉପରେ ଅବଗତ ହେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ବ୍ୟବସ୍ଥିତ ଢଙ୍ଗରେ ଏକ ସିଣ୍ଡିକେଟ୍ କାର୍ଯ୍ୟ କରୁଛି। ଉକ୍ତ ସିଣ୍ଡିକେଟ୍ ବାଘ ସମେତ ଅନ୍ୟ ବଣ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ଦେଶ ତଥା ଅନ୍ତର୍ଜାତୀୟ ସୀମାକୁ ଚାଲାଣ କରି ଲାଭ ଉଠାଉଥିବାରୁ ଏହା ଉପରେ ଖଣ୍ଡପୀଠ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନେକ ଅଭିଯୁକ୍ତଙ୍କ ଗିରଫଦାରି, ବାଘ ଚମଡ଼ା, ଅସ୍ଥି, ଅସ୍ତ୍ରଶସ୍ତ୍ର ଓ ଆର୍ଥିକ ରେକର୍ଡ ସମେତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ, ଏହି ଆତଙ୍କ କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ହୋଇ ରହିନାହିଁ। ବରଂ ଆଇନକୁ ଫାଙ୍କି ବେଆଇନ ବାଘ ଶିକାର କରୁଥିବା ଏକ ମଜଭୁତ୍ ଆପରାଧିକ ☞ପୃଷ୍ଠା-୪



# ଏସ୍‌ଆଇଆର୍: ଅର୍ଦ୍ଧାଧିକ ଭୋଟରଙ୍କୁ ନୂଆ ଦସ୍ତାବିଜ ଦେବାକୁ ପଡ଼ି ନ ପାରେ

ନୂଆଦିଲ୍ଲୀ,୧୭।୯

ଅଧିକାଂଶ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବେଳେ ଅର୍ଦ୍ଧାଧିକ ମତଦାତାଙ୍କୁ ନୂଆ ଦସ୍ତାବିଜ ଦେବାକୁ ପଡ଼ି ନ ପାରେ ବୋଲି ବୁଧବାର ନିର୍ବାଚନ କମିଶନ(ଇସି) ଅଧିକାରୀମାନେ ସୂଚନା ଦେଇଛନ୍ତି। ଇସିଙ୍କ ପକ୍ଷରୁ କୁହାଯାଇଛି ଯେ, ଅନେକ ରାଜ୍ୟରେ ୨୦୦୨ରୁ ୨୦୦୪ ମଧ୍ୟରେ ଭୋଟର ତାଲିକାର ଏସ୍‌ଆଇଆର୍ କରାଯାଇଛି। ଏହି ବର୍ଷକୁ ସେମାନଙ୍କ ପରବର୍ତ୍ତୀ ଏସ୍‌ଆଇଆର୍ ପାଇଁ କଟ୍‌ଅଫ୍ ତାରିଖ ଭାବେ ବିଚାର କରାଯିବ। ସାରା ଦେଶରେ ଏସ୍‌ଆଇଆର୍ ଲାଗୁ ପାଇଁ ଇସି ଖୁବ୍‌ଶୀଘ୍ର ତାରିଖ ଘୋଷଣା କରିବେ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ଭୋଟର ତାଲିକା ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। କେତେକ ରାଜ୍ୟର ସିଇଓମାନେ ଗତ ଏସ୍‌ଆଇଆର୍ ପରେ ପ୍ରକାଶିତ ଭୋଟର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ୟାଲେଣ୍ଡର ଓ ପୌରାଣିକ କଥା**

## ଦିଲ୍ଲୀରେ ଆଜି




ଗାଜାରେ ଇସ୍ରାଏଲର ନରସଂହାର ବିରୋଧରେ ବୁଧବାର ଦିଲ୍ଲୀର ମଣ୍ଡିହାଉସଠାରେ ବୁଦ୍ଧିଜୀବୀମାନେ ବିକ୍ଷୋଭ କରୁଛନ୍ତି। (ଫଟୋ-ଚମନ ଗୌତମ)

## 'ଆଲେକ୍ସିଙ୍କୁ ଜେଲରେ ବିଷଦେଇ ମାରିଥିଲେ'

ମସ୍କୋ,୧୭।୯(ଏପି)

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସମାଲୋଚକ ତଥା ବିରୋଧୀ ନେତା ଆଲେକ୍ସି ନାଭାଲ୍‌ନିଙ୍କୁ ଜେଲରେ ବିଷଦେଇ ହତ୍ୟା କରାଯାଇଥିଲା। ଆଲେକ୍ସିଙ୍କ ବିଧବା ସ୍ତ୍ରୀ ୟୁଲିଆ ନାଭାଲ୍‌ନୟା ବୁଧବାର ଏକ ଭିଡିଓ ଜାରିକରି ଏଭଳି ଅଭିଯୋଗ ଆଣିଛନ୍ତି।


ୟୁଲିଆ ନାଭାଲ୍‌ନୟା


ଆଲେକ୍ସି ନାଭାଲ୍‌ନି

ସରକାରୀ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି କ୍ରେମ୍‌ଲିନ୍ ବିରୋଧୀ ବିକ୍ଷୋଭକୁ ବ୍ୟାପକ କରିଥିବା ନାଭାଲ୍‌ନି ଗିରଫ ହୋଇ ୧୯ ବର୍ଷ ପାଇଁ ଜେଲଦଣ୍ଡ ଭୋଗୁଥିଲେ। ୨୦୨୪ ଫେବୃଆରୀରେ ଆର୍କଟିକ୍ ପେନାଲ କଲୋନିରେ ସନ୍ଦେହଜନକ ଭାବେ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ମୃତ୍ୟୁର ଠିକ୍ ପୂର୍ବରୁ ନାଭାଲ୍‌ନିଙ୍କୁ ବିଷ ଦିଆଯାଇଥିଲା ବୋଲି ଦୁଇଟି ନିରପେକ୍ଷ ଲାବ୍ ରିପୋର୍ଟରୁ ଜାଣିବାକୁ ପାଇଥିବା ତାଙ୍କ ସ୍ତ୍ରୀ ୟୁଲିଆ କହିଛନ୍ତି। ନାଭାଲ୍‌ନିଙ୍କ ଶରୀରରୁ ସଂଗୃହୀତ ଜୈବିକ ନମୁନାକୁ ରୁଷିଆ ବାହାରକୁ ନେଇ ଦୁଇଟି ଲାବୋରେଟୋରିରେ ଯାଞ୍ଚ କରାଯାଇଥିଲା। ସେଥିରୁ ବିଷର ନମୁନା ମିଳିଛି। ତେବେ ରାଜନୈତିକ କାରଣରୁ ସ୍ୱାମୀଙ୍କୁ ମୁକ୍ତ କରାଯାଇ ନ ଥିଲା ବୋଲି ସେ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଉକ୍ତ ଭିଡିଓ କ୍ଲିପ୍‌ରେ ଅଭିଯୋଗ ଆଣିଛନ୍ତି। ଏଥିସହ ଲାବ୍ ଦ୍ୱୟ ପୁଟିନ୍‌ଙ୍କୁ ସନ୍ତୁଷ୍ଟ କରିବା ପରିବର୍ତ୍ତେ ନିଜ ରିପୋର୍ଟ ସାର୍ବଜନୀନ କରନ୍ତୁ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ପ୍ରକାଶ ଯେ, ପୁଟିନ୍‌ଙ୍କ ବିରୋଧରେ ୟୁଲିଆ ପୂର୍ବରୁ ମଧ୍ୟ ଏପରି ଅଭିଯୋଗ ଆଣିସାରିଛନ୍ତି। ଅନ୍ୟପକ୍ଷେ ୪୭ ବର୍ଷୀୟ ନାଭାଲ୍‌ନି ଚଲାବୁଲା କରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ, ଯାହାକି ତାଙ୍କ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ସରକାରୀ ଅଧିକାରୀମାନେ ସେତେବେଳେ କହିଥିଲେ।

# ଗାଜାରେ ଗଣହତ୍ୟା ବନ୍ଦକର

ଗାଜା ସିଟି/ଜେରୁଜେଲମ୍/କାଏରୋ,୧୭।୯(ଏପି/ରଏଟର୍ସ)

ଇସ୍ରାଏଲ୍ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ଗାଜାରେ କାର୍ଯ୍ୟରତ ୨୦ରୁ ଊର୍ଦ୍ଧ୍ୱ ସହାୟତା ଏଜେନ୍ସି ଯୁଦ୍ଧରେ ତୁରନ୍ତ ହସ୍ତକ୍ଷେପ ପାଇଁ ବିଶ୍ୱନେତାଙ୍କୁ ଅନୁରୋଧ କରିଛନ୍ତି। ଧ୍ୱସ୍ତବିଧ୍ୱସ୍ତ ଗାଜା ଭୂଖଣ୍ଡରେ ଇସ୍ରାଏଲୀ ସେନା ଗଣହତ୍ୟା ଚଳାଇଥିବା ଜାତିସଂଘର ଏକ କମିଶନ କହିବା ପରେ ଅନ୍ତର୍ଜାତୀୟ ସମୁଦାୟକୁ ଏପରି ଆହ୍ୱାନ ଦିଆଯାଇଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ର ଆକ୍ରମଣରେ ୬୫,୦୦୦ରୁ ଅଧିକ ପାଲେଷ୍ଟିନୀୟ ନିହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଶିଶୁ ରହିଥିବା ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଗାଜାର ପ୍ରାୟ ୧ ନିୟୁତ ଲୋକ ନିଜ ଇତିହାସର ସବୁଠୁ ଦୁର୍ଦ୍ଦିନ ଦେଖିବେ। ସମ୍ପ୍ରତି ଗାଜାରେ ମାନବୀୟ ସ୍ଥିତି ଅତି ଖରାପ ଅବସ୍ଥାକୁ ଚାଲିଆସିଛି ବୋଲି ଏହି ଗୋଷ୍ଠୀ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି। ଗାଜା ସିଟିରୁ ଲୋକଙ୍କୁ ଜବରଦସ୍ତ ବିତାଡ଼ନ କରିବା ନେଇ ସ୍ଥଳଭାଗରେ ଇସ୍ରାଏଲ୍‌ର ସଦ୍ୟ ଉଦ୍ୟମକୁ ନିନ୍ଦା କରାଯାଇଛି।

### ଇସ୍ରାଏଲ୍ ଉପରେ ବଢ଼ିଲା ଅନ୍ତର୍ଜାତୀୟ ଚାପ



ଇସ୍ରାଏଲ୍ ଆକ୍ରମଣ ଯୋଗୁ ଗାଜା ସିଟିରୁ ପାଲେଷ୍ଟିନୀୟଙ୍କ ଗଣପଳାୟନ ଜାରି ରହିଛି। (ଫଟୋ: ଗାର୍ଡିଆନ୍)

ଏହି ସହରାଞ୍ଚଳକୁ ଉଦ୍ଦେଶ୍ୟମୂଳକ ଭାବେ ବାସ ଅନୁପଯୋଗୀ କରିବା ପାଇଁ ଇସ୍ରାଏଲ୍ ଏପରି କରୁଛି। ତେବେ ବର୍ତ୍ତମାନର ସତର୍କତାକୁ ଅଣଦେଖା କଲେ ଆହୁରି ଅନେକ ହଜାର ଲୋକଙ୍କ ପ୍ରାଣହାନି ଘଟିବ ବୋଲି ଏଜେନ୍ସିଗୁଡ଼ିକ କହିଛନ୍ତି। ୫ ଲକ୍ଷରୁ ଅଧିକ ଲୋକ ଖାଇବାକୁ ପାଉନାହାନ୍ତି। ଦୁର୍ଭିକ୍ଷ ଘୋଷଣା କରାଯାଇଛି। ଏହା ବ୍ୟାପିବାରେ ଲାଗିଥିବାରୁ ପ୍ରତିଦିନ ଲୋକେ ମରୁଛନ୍ତି। ଏହାର ସମାଧାନ ଦିଗରେ ବିଶ୍ୱନେତାମାନେ ବିଫଳ ହୋଇଛନ୍ତି। ଇତିହାସ ନିଃସନ୍ଦେହରେ ଏହି ମୁହୂର୍ତ୍ତକୁ ମାନବିକତାର ଏକ ପରୀକ୍ଷା ରୂପେ ବିଚାର କରିବ। ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇପଡ଼ିଛି ବୋଲି ଉକ୍ତ ବିବୃତିରେ ଉଲ୍ଲେଖ କରାଯାଇଛି। ବିବୃତିର ସ୍ୱାକ୍ଷରକାରୀଙ୍କ ମଧ୍ୟରେ ରହିଛନ୍ତି ଡକ୍ଟର୍ସ ୱିଦାଉଟ୍ ବର୍ଡର୍ସ, ଇସ୍‌ଲାମିକ୍ ରିଲିଫ୍ ୱାର୍ଲ୍ଡୱାଇଡ୍, ଆକ୍ସନଏଡ୍ ଇଣ୍ଟରନ୍ୟାଶନାଲ, ସିଏଆର୍‌ଇ ଇଣ୍ଟରନ୍ୟାଶନାଲ, ହ୍ୟାଣ୍ଡିକେପ୍ ଇଣ୍ଟରନ୍ୟାଶନାଲ, ସେଭ୍ ଦି ଚିଲ୍‌ଡ୍ରେନ୍ ଇଣ୍ଟରନ୍ୟାଶନାଲ, ନରୱେଜିଆନ୍ ରିଫ୍ୟୁଜି କାଉନ୍‌ସିଲ ଏବଂ ମେଡିସିନ୍ସ ଡୁ ମୋଣ୍ଡେ। ଏହି ସଂସ୍ଥାଗୁଡ଼ିକ ଗାଜା ଗଣହତ୍ୟା ପାଇଁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ଓ ରାଷ୍ଟ୍ରପତି ଇସାକ୍ ହେର୍ଜୋଗ୍‌ଙ୍କୁ ଦାୟୀ କରାଯାଇଛି। ଜାତିସଂଘ କମିଶନ ନିଜ ରିପୋର୍ଟରେ ଦର୍ଶାଇଛି ଯେ, ଇସ୍ରାଏଲୀ କର୍ତ୍ତୃପକ୍ଷ ଓ ସୁରକ୍ଷା ବଳ ଗାଜା ଷ୍ଟ୍ରିପ୍‌ରୁ ପାଲେଷ୍ଟିନୀୟଙ୍କୁ ମୂଳପୋଛ କରିବା ପାଇଁ ଏହି ଗଣହତ୍ୟା ଚଳାଇଛନ୍ତି। ତେବେ ଏପରି ଅଭିଯୋଗକୁ ଇସ୍ରାଏଲ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଛି। ଜାତିସଂଘ କମିଶନ ହମାସ୍‌ର ସହଯୋଗୀ ଭାବେ କାର୍ଯ୍ୟ କରୁଥିବାରୁ ଏପରି ଜାଲ୍ ରିପୋର୍ଟ ପ୍ରକାଶ କରୁଥିବା ସୋସିଆଲ ମିଡିଆରେ ମନ୍ତ୍ରଣାଳୟ ପାଲଟା ଅଭିଯୋଗ ଆଣିଛି।

### ଯୁଦ୍ଧରେ ମଲେଣି ୬୫,୦୦୦ ପାଲେଷ୍ଟିନୀୟ

୨୦୨୩ ଅକ୍ଟୋବର ୭ରେ ହମାସ୍ ପକ୍ଷରୁ ଇସ୍ରାଏଲ୍ ଉପରେ ଆକ୍ରମଣ କରାଯାଇଥିଲା। ଏହାର ଜବାବରେ ଇସ୍ରାଏଲୀ ସେନା ଗାଜା ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଅଦ୍ୟାବଧି ୬୫,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ବୁଧବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଯୁଦ୍ଧରେ ନିହତ ୬୫,୦୬୨ ପାଲେଷ୍ଟିନୀୟଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଶିଶୁ। ଅନ୍ୟ ୧,୬୫,୬୯୭ ଆହତ ହୋଇଛନ୍ତି। ଗାଜାର ବିସ୍ତୃତ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ୯୦% ଜନସଂଖ୍ୟା ବିସ୍ଥାପିତ ହୋଇଛନ୍ତି। ଗାଜା ସିଟିରେ ଦୁର୍ଭିକ୍ଷ ପଡ଼ିବା ସହ ମାନବୀୟ ସଙ୍କଟ ଉପୁଜିଛି। ଅନ୍ୟପକ୍ଷେ ଗାଜାର ସଶସ୍ତ୍ର ଶାସକ ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ୧,୨୦୦ ନିହତ ହୋଇଥିଲେ। ଏହାବାଦ୍ ୨୫୧ ଜଣଙ୍କୁ ହମାସ୍ ପଣବନ୍ଦୀ କରିନେଇଥିଲା।

## ମୁମ୍ବାଇ, ସଂସଦ ଆକ୍ରମଣ ପଛରେ ମାସୁଦ ଆଝାର

### ଜୈଶ କମାଣ୍ଡରଙ୍କ ସ୍ୱୀକାରୋକ୍ତି

ନୂଆଦିଲ୍ଲୀ,୧୭।୯

ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦର ବରିଷ୍ଠ କମାଣ୍ଡର ମସୁଦ ଇଲିୟାସ୍ କଶ୍ମୀରୀ ବୁଧବାର ଏକ ଭିଡିଓ କରି ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନର ମିଛକୁ ପର୍ଦ୍ଦାଫାଶ କରିଛନ୍ତି। ସଂସଦ ଆକ୍ରମଣ ଏବଂ ୨୬/୧୧ ମୁମ୍ବାଇ ଆକ୍ରମଣ ପଛରେ ଜୈଶ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାର ଥିବାନେଇ ସେ ବୁଧବାର ସ୍ୱୀକାର କରିଛନ୍ତି। ପାକିସ୍ତାନର ବାଲାକୋଟ ଓ ବହାୱଲପୁରରେ ଜୈଶ-ଇ-ମହମ୍ମଦର ଆଡ୍ଡା ଥିବା ନେଇ ସେ ପ୍ରଘଟ କରିଛନ୍ତି। ପାକିସ୍ତାନ ନିଜ ମାଟିରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା କଥାକୁ ବାରମ୍ବାର ଅସ୍ୱୀକାର କରିଆସୁଥିବା ବେଳେ ଇଲିୟାସଙ୍କ ଉକ୍ତ ଭିଡିଓ ପାକିସ୍ତାନର ମିଛକୁ ପ୍ରଘଟ କରିଛି। ଇଲିୟାସ୍ କହିଛନ୍ତି, ଆଝାରଙ୍କ ମୁଖ୍ୟ ଠିକଣା ପାକିସ୍ତାନର ବାଲାକୋଟରେ ଥିଲା, ଯାହାକୁ ଟାର୍ଗେଟକରି ୨୦୧୯ରେ ଭାରତ ଏୟାର ଷ୍ଟ୍ରାଇକ୍ କରିଥିଲା। ଇଲିୟାସ୍‌ଙ୍କ ସୂଚନା ମୁତାବକ, ଦିଲ୍ଲୀର ତିହାର ଜେଲରୁ ମୁକୁଳିବା ପରେ ମାସୁଦ ପାକିସ୍ତାନ ଆସିଥିଲେ। ବାଲାକୋଟରେ ଆଶ୍ରୟ ମିଳିବା ପରେ ସେ ଭାରତ ବିରୋଧୀ ବିଭିନ୍ନ ଆତଙ୍କବାଦୀ ମିଶନରେ ଲାଗିପଡ଼ିଥିଲେ।

## ବନ୍ଧ୍ୟାତ୍ୱ ଯୋଗୁ ମହିଳାଙ୍କୁ ହତ୍ୟା


ସାରଳା

ଜୟପୁର, ୧୭।୯

ରାଜସ୍ଥାନର ଡିଗ୍ ଜିଲାର ଖୋହ ଥାନା କାର୍‌କା ଗ୍ରାମରେ ବନ୍ଧ୍ୟାତ୍ୱ ଯୋଗୁ ସାରଳା ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅଶୋକ ଓ ଶ୍ୱଶୁର ଘର ଲୋକେ ମିଶି ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ସେମାନେ ଘର ମଧ୍ୟରେ ସାରଳାଙ୍କ ମୃତଦେହ ଜାଳି ଦେଇଥିଲେ। ଘରେ ଅଗ୍ନିକାଣ୍ଡ ଘଟି ସାରଳାଙ୍କ ଦେହରେ ନିଆଁ ଲାଗିଯାଇଥିବା ନେଇ ସେମାନେ ପଡ଼ୋଶୀଙ୍କୁ କହିଥିଲେ। ପଡ଼ୋଶୀଙ୍କୁ ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସାରଳାଙ୍କ ଶ୍ୱଶୁର ଘରେ ପହଞ୍ଚି ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିଥିଲା। ଅଶୋକ ଓ ତାଙ୍କ ପରିବାର ସାରଳାଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ଭାଇ ବିକ୍ରାନ୍ତ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

## ଏଫ୍‌ବିଆଇ ବିଲ୍ଡିଂରେ ଧସେଇ ପଶିଲା କାର୍

### ଆମେରିକା ପତାକା ଫିଙ୍ଗି ଅଭିଯୁକ୍ତ ଫେରାର

ପିଟ୍ସବର୍ଗ, ୧୭।୯

ଆମେରିକାର ପିଟ୍ସବର୍ଗସ୍ଥିତ ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେଶନ (ଏଫ୍‌ବିଆଇ) ଅଫିସ ଗେଟ୍‌କୁ ବୁଧବାର ଜଣେ ବ୍ୟକ୍ତି ନିଜ କାର୍‌ରେ ଜୋର୍‌ଦାର ଧକ୍କା ମାରିବା ସହ ବିଲ୍ଡିଂ ମଧ୍ୟକୁ ଧସେଇ ପଶିଥିଲେ। କାର୍‌ରୁ ଓହ୍ଲାଇବା ପରେ ସେ ଗାଡ଼ିର ପଛ ସିଟ୍‌ରୁ ଏକ ଆମେରିକା ପତାକା ବାହାର କରି ଭାଙ୍ଗିଯାଇଥିବା ଗେଟ୍ ଉପରେ ଫିଙ୍ଗି ଦେଇଥିଲେ। ଏହାପରେ ସେ ଚାଲିଚାଲି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଆକ୍ରମଣରେ



ସିଧାସଳଖ ଭାବେ ଏଫ୍‌ବିଆଇକୁ ଟାର୍ଗେଟ କରାଯାଇଛି। ତେଣୁ ଏଫ୍‌ବିଆଇ ଉକ୍ତ ଘଟଣାକୁ ଆତଙ୍କବାଦୀ ଆକ୍ରମଣ ଭାବେ ବିବେଚନାକରି ତଦନ୍ତ ଚଳାଇଥିବା ନେଇ ପିଟ୍ସବର୍ଗସ୍ଥିତ ଏଫ୍‌ବିଆଇର ଆସିଷ୍ଟାଣ୍ଟ ସ୍ପେଶାଲ ଏଜେଣ୍ଟ କ୍ରିଷ୍ଟୋଫର ଜିଓର୍ଡାନୋ କହିଛନ୍ତି। ଉକ୍ତ କାର୍‌ରୁ କୌଣସି ବିସ୍ଫୋରକ ପଦାର୍ଥ ମିଳିନାହିଁ। ଫେରାର ଅଭିଯୁକ୍ତ ଜଣକ ଆମେରିକାର ପେନ୍‌ସିଲ୍‌ଭାନିଆର ପେନ୍ ହିଲ୍ସ ନିବାସୀ ଡୋନାଲ୍ଡ ହାସନ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଖୋଜିବା ପାଇଁ ପୋଲିସ ପ୍ରୟାସ ଚଳାଇଛି। ଏହି ଘଟଣାରେ କେହି ଆହତ ହୋଇ ନ ଥିବା କ୍ରିଷ୍ଟୋଫର କହିଛନ୍ତି।

## କର୍ମଚାରୀଙ୍କୁ ବାନ୍ଧି ବ୍ୟାଙ୍କରୁ ୨୧ କୋଟି ଲୁଟ୍

ବେଙ୍ଗାଲୁରୁ, ୧୭।୯

କର୍ଣ୍ଣାଟକର ବିଜୟପୁରା ଜିଲା ଚାଡ୍‌ଚନସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଶାଖାରେ ଏକ ଚାଞ୍ଚଲ୍ୟକର ଡକାୟତି ଘଟଣା ଘଟିଛି। ସଶସ୍ତ୍ର ଲୁଟେରାମାନେ ବ୍ୟାଙ୍କରେ ପଶି ସେଠାରେ ଉପସ୍ଥିତ ଥିବା କର୍ମଚାରୀ ଏବଂ ଗ୍ରାହକଙ୍କୁ ବାନ୍ଧି ବାଥ୍‌ରୁମ ମଧ୍ୟରେ ବନ୍ଦ କରିଦେଇଥିଲେ ଓ ବ୍ୟାଙ୍କରୁ ୧.୦୪ କୋଟି ଟଙ୍କା ମୂଲ୍ୟର ନଗଦ ଏବଂ ୨୦ କୋଟି ଟଙ୍କା ମୂଲ୍ୟର ୨୦ କେ.ଜି. ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ଘଟଣାପରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଗତ ୪ ମାସ ମଧ୍ୟରେ ବିଜୟପୁରା ଜିଲାରେ ଏହା ଦ୍ୱିତୀୟ ବଡ଼ ବ୍ୟାଙ୍କ ଲୁଟ୍ ଘଟଣା ହୋଇଥିବା ପୋଲିସ କହିଛି। ବ୍ୟାଙ୍କ ମ୍ୟାନେଜର ତାରକେଶ୍ୱରଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଚିହ୍ନା ବ୍ୟକ୍ତି ମୁହଁରେ କୋଭିଡ ମାସ୍କ, ଧଳା ଟୋପି ଓ କଳା ଚଷମା ଲଗାଇ ଏକ କରେଣ୍ଟ ଆକାଉଣ୍ଟ ଓପନିଂ ଫର୍ମ ନେଇ ତାଙ୍କ ଚ୍ୟାମ୍ବର ମଧ୍ୟରେ ପ୍ରଥମେ ପଶିଥିବା ତାରକେଶ୍ୱର କହିଛନ୍ତି। ଏହି ସମୟରେ ସେ ହଠାତ୍ ପିସ୍ତଲ ଦେଖାଇ ତାଙ୍କୁ ବ୍ୟାଙ୍କରେ ଥିବା ନଗଦ ଟଙ୍କା ଦେବା ପାଇଁ ଧମକ ଦେଇଥିଲେ। ନ ହେଲେ ସେ ତାଙ୍କୁ ହତ୍ୟା କରିବେ ବୋଲି ଲୁଟେରା ଜଣକ କହିଥିଲେ। ଏହି ସମୟରେ ତାଙ୍କର ଆଉ କିଛି ସହଯୋଗୀ ପିସ୍ତଲ ଧରି ଏବଂ ମୁହଁରେ ମାସ୍କ ଲଗାଇ ବ୍ୟାଙ୍କ ମଧ୍ୟରେ ପଶିଥିଲେ। ସେମାନେ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ଗ୍ରାହକଙ୍କୁ ପ୍ଲାଷ୍ଟିକ ଦଉଡ଼ିରେ ବାନ୍ଧି ବାଥ୍‌ରୁମ ମଧ୍ୟରେ ବନ୍ଦ କରିଦେଇଥିଲେ। ବନ୍ଧୁକ ମୁନରେ ବ୍ୟାଙ୍କର ନଗଦ ଟଙ୍କା ଓ ସୁନା ଅଳଙ୍କାର ଥିବା ଲକର ଖୋଲିବାକୁ ଲୁଟେରାମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ଧମକ ଦେଇଥିଲେ। ଜୀବନ ବିକଳରେ ତାରକେଶ୍ୱର ବ୍ୟାଙ୍କର ଲକର ଖୋଲିଥିଲେ। ବ୍ୟାଙ୍କ ଲକରରେ ଥିବା ସୁନାର ୪୨୫ ପ୍ୟାକେଟ ମଧ୍ୟରୁ ଲୁଟେରାମାନେ ୩୯୮ ପ୍ୟାକେଟ ଲୁଟି ନେଇଥିବା ସେ କହିଛନ୍ତି। ଏହି ପ୍ୟାକେଟଗୁଡ଼ିକରେ ପ୍ରାୟ ୨୦ କେ.ଜି. ସୁନା ଅଳଙ୍କାର ରହିଥିଲା, ଯାହାର ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କା ହେବ। ସେହିପରି ଲୁଟେରାମାନେ ବ୍ୟାଙ୍କରୁ ୧.୦୪ କୋଟି ଟଙ୍କାର ନଗଦ ମଧ୍ୟ ଲୁଟି ନେଇଥିବା ପୋଲିସ ସୂଚନା ଦେଇଛି। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

## ଫୁରସତ୍

## ପାଣି ଭିତରେ ୨୯ ମିନିଟ୍ ନିଃଶ୍ୱାସ ରୋକି ବିଶ୍ୱ ରେକର୍ଡ

ଜାଗ୍‌ରେବ୍

କ୍ରୋଏସିଆର ଫ୍ରିଡାଇଭର ଭିଟୋମିର ମାରିଚିକ୍ ପାଣି ଭିତରେ ୨୯ ମିନିଟ୍ ୩ ସେକେଣ୍ଡ ପାଇଁ ନିଃଶ୍ୱାସ ବନ୍ଦକରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ପାଣି ଭିତରେ ସର୍ବାଧିକ ସମୟ ପାଇଁ ନିଃଶ୍ୱାସ ରୋକିବା (ପୁରୁଷ)ଶ୍ରେଣୀରେ ତାଙ୍କ ନାମ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନିତ ହୋଇଛି। ପୂର୍ବରୁ ଏହି ଶ୍ରେଣୀରେ ରହିଥିବା ବିଶ୍ୱ ରେକର୍ଡ ଅପେକ୍ଷା ମାରିଚିକ୍ ପ୍ରାୟ ୫ ମିନିଟ୍ ଅଧିକ ସମୟ ନିଜ ନିଃଶ୍ୱାସକୁ ବନ୍ଦ ରଖିଥିଲେ।

ଜଣେ ଫ୍ରିଡାଇଭର ଭାବେ ଡାୟଫ୍ରାଗ୍‌ମାଟିକ୍ ଶ୍ୱାସକ୍ରିୟା, କାର୍ଡିଓ ବ୍ୟାୟାମ ଏବଂ ଧ୍ୟାନ ଭଳି ସ୍ୱତନ୍ତ୍ର


ଭିଟୋମିର ମାରିଚିକ୍




ଶାରୀରିକ ଏବଂ ମାନସିକ ପ୍ରଶିକ୍ଷଣ ନେଇଥିବାରୁ ସେ ଏହି ବିରଳ ସଫଳତା ପାଇଥିବା ମାରିଚିକ୍ କହିଛନ୍ତି। ୨୦ ମିନିଟ୍ ଧରି ନିଃଶ୍ୱାସ ରୋକିବା ପରେ ତାଙ୍କ ଶରୀର ଖରାପ ହେଉଥିବା ନେଇ ସେ ଅନୁଭବ କରିଥିଲେ। କିନ୍ତୁ ସେ ମାନସିକ ଭାବେ ହାର୍ ମାନି ନ ଥିଲେ ଏବଂ ତାଙ୍କୁ ଶେଷରେ ସଫଳତା ମିଳିଥିବା ମାରିଚିକ୍ କହିଛନ୍ତି।

ସାଧାରଣତଃ ଶରୀର ପାଇଁ ଦୀର୍ଘ ସମୟ ନିଃଶ୍ୱାସ ବନ୍ଦ ରଖିବା ସହଜ ନୁହେଁ। ଏପରି କଲେ ମଣିଷ ରକ୍ତରେ ଅମ୍ଳଜାନ ସ୍ତର ହ୍ରାସ ପାଇବା ସହ ଅଙ୍ଗାରକାମ୍ଳ ସ୍ତରରେ ବୃଦ୍ଧି ଘଟିଥାଏ। ତେଣୁ ପାଣି ମଧ୍ୟରେ ନିଃଶ୍ୱାସ ବନ୍ଦ ରଖିବା ଅନେକ ଥର ଘାତକ ସାବ୍ୟସ୍ତ ମଧ୍ୟ ହୋଇଥାଏ। ତେବେ ଫ୍ରିଡାଇଭରମାନଙ୍କୁ ଏ ଦିଗରେ ବିଶେଷ ତାଲିମ୍ ଦିଆଯାଇଥାଏ। ପାଣି ଭିତରେ ନିଜ ମାନସିକ ସ୍ଥିତିକୁ ସ୍ଥିର ରଖିବା ପାଇଁ ସେମାନେ ଧ୍ୟାନ ଉପରେ ମଧ୍ୟ ନିର୍ଭର କରିଥାନ୍ତି। ଚରମ ଏବଂ ବିପରୀତ ପରିସ୍ଥିତିରେ ଭୟ ଏବଂ ଚିନ୍ତାକୁ ନିୟନ୍ତ୍ରଣ କରିବା ସହ ମନକୁ ଶାନ୍ତ ରଖିବାରେ ଧ୍ୟାନ କରିବା ସେମାନଙ୍କୁ ସହାୟକ ହୋଇଥାଏ।


ମଲାଇକା ଆରୋରା

## 'ନିଜ ସର୍ତ୍ତରେ ବଞ୍ଚିବାକୁ ପସନ୍ଦ କରେ'

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରା ପ୍ରାୟତଃ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ବୁଧବାର ଏକ ସାକ୍ଷାତ୍‌କାର ଦେଇ ମଲାଇକା କହିଛନ୍ତି, ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଅନ୍‌ଲାଇନ ଟ୍ରୋଲିଂ ଓ ସମାଲୋଚନାର ଶିକାର ହେବା ତାଙ୍କୁ ଜୀବନରେ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ସେ କହିଛନ୍ତି, ନିଜ କ୍ୟାରିୟର, ପୋଷାକ ଏବଂ ସମ୍ପର୍କକୁ ନେଇ ତାଙ୍କୁ ଅନେକବାର ଟ୍ରୋଲର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରଥମେ ଏ ସବୁକୁ ନେଇ ସେ ଚିନ୍ତିତ ରହୁଥିଲେ। କିନ୍ତୁ ଧୀରେ ଧୀରେ ସେ ଏ ସବୁରେ ଅଭ୍ୟସ୍ତ ହୋଇଯାଇଥିଲେ ଏବଂ ନିଜ ସର୍ତ୍ତରେ ବଞ୍ଚିବାକୁ ନିଷ୍ପତ୍ତି ନେଇଥିଲେ। ଫ୍ୟାଶନ୍, ଫିଟ୍‌ନେସ୍ ଏବଂ ବିଭିନ୍ନ ବ୍ୟକ୍ତିଗତ ନିଷ୍ପତ୍ତି ଆଦି କ୍ଷେତ୍ରରେ ସେ ନିଜ ସର୍ତ୍ତରେ ବଞ୍ଚିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତାଙ୍କୁ କରାଯାଉଥିବା ଟ୍ରୋଲିଂକୁ ସେ ନଜର ଅନ୍ଦାଜ୍ କରିବାକୁ ଲାଗିଥିଲେ। ନିଜ ପ୍ରତି ସଚ୍ଚୋଟ ରହିବା ଦ୍ୱାରା ପ୍ରକୃତ ଆତ୍ମବିଶ୍ୱାସ ଆସିଥାଏ ବୋଲି ମଲାଇକା କହିଛନ୍ତି। ୨୦୧୭ରେ ଅଭିନେତା ତଥା ଫିଲ୍ମ ନିର୍ମାତା ଅର୍‌ବାଜ ଖାନ୍‌ଙ୍କ ସହ ଛାଡ଼ପତ୍ର ହେବା ପରେ ଅଭିନେତା ଅର୍ଜୁନ କପୁରଙ୍କ ସହ ସମ୍ପର୍କକୁ ନେଇ ମଲାଇକା ଚର୍ଚ୍ଚାରେ ଥିଲେ। ବୟସ ପାର୍ଥକ୍ୟ ଯୋଗୁ ଏହି ସମ୍ପର୍କକୁ ନେଇ ମଲାଇକାଙ୍କୁ ଅନେକବାର ଟ୍ରୋଲିଂର ସମ୍ମୁଖୀନ ହେବାକୁ ପଡ଼ିଥିଲା।



ଏକାମ୍ର କଲେଜରେ ଆୟୋଜିତ ରାଜ୍ୟସ୍ତରୀୟ 'ମା'ପାଇଁ ଗଛଟିଏ ଅଭିଯାନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କୁ ଚାରା ବଣ୍ଟନ କରୁଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ବିଧାୟକ ବାବୁ ସିଂ ପ୍ରମୁଖ ବୁଧବାର ମାଷ୍ଟରକ୍ୟାଣ୍ଟିନ ନିକଟ ସିଟି ବସଷ୍ଟାଣ୍ଡଠାରେ ସଫେଇ କରୁଛନ୍ତି।

# ଭାଜପା ପକ୍ଷରୁ 'ମା ପାଇଁ ଗଛଟିଏ ଅଭିଯାନ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

- ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତକଲେ ମୁଖ୍ୟମନ୍ତ୍ରୀ
- ଅକ୍ଟୋବର ୨ ଯାଏଁ ଦଳ ପାଳିବ ସେବାପକ୍ଷ

ପ୍ରଧାନମନ୍ତ୍ରୀଙ୍କ ସେବା ମନୋଭାବକୁ ପାଥେୟକରି ତାଙ୍କ ୭୫ତମ ଜନ୍ମଦିବସରେ ଭାଜପା ପକ୍ଷରୁ ଦେଶବ୍ୟାପୀ ବୁଧବାରଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବାପକ୍ଷ' ଭାବେ ପାଳନ କରାଯାଉଛି। ଏନେଇ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ରାଜ୍ୟ ଭାଜପା ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେବା କାର୍ଯ୍ୟ ଜାରି ରହିବ। ସେବାପକ୍ଷ ପାଳନ ଉପଲକ୍ଷେ ପ୍ରଥମ ଦିନରେ ସେବା ଦିବସ ଅବସରରେ ରାଜ୍ୟ କାର୍ଯ୍ୟାଳୟ ଠାରେ 'ମା'ପାଇଁ ଗଛଟିଏ ଅଭିଯାନ' ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସାରା ରାଜ୍ୟରେ ୭୫ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ଚାରାରୋପଣ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଜୀବନୀକୁ ନେଇ ଫଟୋଚିତ୍ର ପ୍ରଦର୍ଶନୀ, ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ବୁଧବାର ସକାଳେ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ନିକଟ ସିଟି ବସଷ୍ଟାଣ୍ଡଠାରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଶତାଧିକ କାର୍ଯ୍ୟକର୍ତ୍ତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଜନପଥଠାରେ ଅନୁଷ୍ଠିତ 'ମା ପାଇଁ ଗଛଟିଏ ଅଭିଯାନ' ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଏହାପରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କ ଜୀବନ ଉପରେ ଆଧାରିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେବାପକ୍ଷ ପାଳନ ଅବସରରେ ଗୁରୁବାର ସବୁ ଜିଲା ଓ ୧୯ରୁ ୨୭ ପର୍ଯ୍ୟନ୍ତ ସମସ୍ତ ମଣ୍ଡଳସ୍ତରରେ ରକ୍ତଦାନ ଶିବିର ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ପର୍ଯ୍ୟାବରଣ ଉପରେ ଗୁରୁତ୍ୱ ଦିଆଯାଇ ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ମା' ପାଇଁ ଗଛଟିଏ ଅଭିଯାନ ବ୍ୟାପକ କରାଯିବ। ଏହି ଅବସରରେ ଦଳ ଏବଂ ବିଭିନ୍ନ ମୋର୍ଚ୍ଚା ଓ ପ୍ରକୋଷ୍ଠ ତରଫରୁ ଜିଲା ଏବଂ ମଣ୍ଡଳସ୍ତରରେ ସମସ୍ତ ମନ୍ଦିର, ଧାର୍ମିକ ସ୍ଥଳ, ଜଳାଶୟ, ପୁଷ୍କରିଣୀ ଏବଂ ପାର୍କ ଆଦି ସ୍ଥାନରେ ସଫେଇ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଜିଲାସ୍ତରରେ ଅନୁଷ୍ଠିତ ହେବ। ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପ୍ରଧାନମନ୍ତ୍ରୀଙ୍କ ଉପରେ ଚୟନିତ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୯ ଓ ୨୦ ତାରିଖରେ ଜିଲାସ୍ତରୀୟ ପ୍ରବୁଦ୍ଧ ବର୍ଗ ଖବର ଆଦି ଅନେକ କାର୍ଯ୍ୟକ୍ରମ ହେବ ବୋଲି ସେବାପକ୍ଷ ରାଜ୍ୟ ସଂଯୋଜକ ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

- ମଧ୍ୟପ୍ରଦେଶରୁ ପ୍ରଧାନମନ୍ତ୍ରୀ କଲେ ଶୁଭାରମ୍ଭ
- ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ଶୁଭଦିନ: ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ଧାର୍‌ଠାରେ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନର ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ୍ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେବ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡ଼ିହୋଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ହେଲ୍‌ଥ ସ୍କ୍ରିନିଂ ଷ୍ଟଲ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନକରି ବୁଲି ଦେଖିଥିଲେ।

କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ଶୁଭଦିନ। ଗତବର୍ଷ ଏହି ଦିବସରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ସାରା ଦେଶର ମହିଳାମାନଙ୍କ ପାଇଁ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ଆରମ୍ଭ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ଆର୍ଥିକ ସଶକ୍ତୀକରଣ ପର୍ଯ୍ୟନ୍ତ ନାରୀ ଜୀବନର ପ୍ରତ୍ୟେକ ଫେଜ୍‌ରେ ପ୍ରଧାନମନ୍ତ୍ରୀଙ୍କ ଯୋଜନା ସେମାନଙ୍କୁ ସହଯୋଗର ହାତ ବଢ଼ାଇଛି। ଉଜ୍ଜ୍ୱଳା ଯୋଜନା, କିଶୋରୀ ଶକ୍ତି ଯୋଜନା, ନୟୀ ରୋଶ୍‌ନି ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ପରି ଅନେକ ଯୋଜନା ମହିଳାଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଏହି ଅଭିଯାନ ଜରିଆରେ ମହିଳା ସ୍ୱାସ୍ଥ୍ୟ, ପୋଷଣ, ଉପଯୁକ୍ତ ଖାଦ୍ୟ ପାନୀୟ ସମ୍ପର୍କରେ ସଚେତନତା କ୍ୟାମ୍ପେନ କରାଯିବ। ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯିବ। ଏହି ଅଭିଯାନ ମାଧ୍ୟମରେ ଉଚ୍ଚରକ୍ତ ଚାପ, ମଧୁମେହ, କର୍କଟ, ରକ୍ତହୀନତା, ଯକ୍ଷ୍ମା, ସିକଲସେଲ୍ ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗ ଗୁଡ଼ିକ ଚିହ୍ନଟକରିବା ପାଇଁ ସ୍କ୍ରିନିଂ କରାଯିବ ଏବଂ ଚିକିତ୍ସା ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ। ରାଜ୍ୟର ୩୦ ଜିଲାରୁ ୧.୫ କୋଟି ମା' ଓ ଭଉଣୀ ଏହି ଅଭିଯାନ ଜରିଆରେ ଉପକୃତ ହେବେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ହୋଇଛି। ଏହି ଅଭିଯାନରେ ବୁଧବାର ସାଢ଼େ ଗୋଟାଏ ସୁଦ୍ଧା ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ବିଭିନ୍ନ ଶିବିରରେ ସ୍କ୍ରିନିଂ କରାଯାଇ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା ଦ୍ୱାରା ନାରୀ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରର ସୂଚକାଙ୍କଗୁଡ଼ିକରେ ଆହୁରି ଉନ୍ନତି ଆସିବ ଏବଂ ସାରା ଦେଶରେ ସୁସ୍ଥ ସମାଜ ଗଠନ ଦିଗରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱରସ୍ଥିତ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲ୍‌ଥ ସ୍କ୍ରିନିଂ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ନାରୀ ନିର୍ଯାତନା ନେଇ ସବୁ ଏସ୍‌ପି ଅଫିସ୍ ଆଗରେ ବିଜେଡିର ପ୍ରତିବାଦ

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

ମହିଳାଙ୍କ ଉପରେ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ଭାଜପା ମା' ନାଁରେ ଚାରାରୋପଣ କାର୍ଯ୍ୟକ୍ରମ କରୁଛି ବୋଲି ବିଜେଡି କହିଛି। ଏଥିସହ ୧୪ ମାସର ଭାଜପା ସରକାରରେ ମହିଳାମାନଙ୍କ ଓଠରୁ ହସ ଲିଭିଯାଇଛି। ଭୟର ବାତାବରଣ ମଧ୍ୟରେ ଓଡ଼ିଶାର ମାତୃଶକ୍ତି ଅଛନ୍ତି। ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର, ରାସ୍ତାଘାଟ କେଉଁଠି ବି ମହିଳା ସୁରକ୍ଷିତ ନାହାନ୍ତି ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଆହ୍ୱାନରେ ମହିଳା ବିଜେଡି ରାଜ୍ୟବ୍ୟାପୀ ସବୁ ଏସ୍‌ପି ଅଫିସ୍ ସମ୍ମୁଖରେ ଏହାର ପ୍ରତିବାଦ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ବିଜେଡି ଅଭିଯୋଗ କରିଛି, ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଲୋମହର୍ଷଣକାରୀ ଘଟଣାମାନ ଘଟିବାରେ ଲାଗିଛି। ରାଜ୍ୟରେ ୨ ଜଣ ମହିଳା ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ଆସନରେ ଥାଇ ମଧ୍ୟ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ବାବଦରେ ପଦଟିଏ ନ କହିବା ଦୁର୍ଭାଗ୍ୟଜନକ ବୋଲି ଦଳ କହିଛି।

# ପୋଲିସ ରକ୍ଷା କରିପାରୁନି ମହିଳା ପୋଲିସକୁ: କଂଗ୍ରେସ

**ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)**

**ରାଜଧାନୀରେ ଶୁଭମିତ୍ରାଙ୍କୁ ହତ୍ୟା ପ୍ରସଙ୍ଗ**


ରାଜ୍ୟରେ ନାରୀ ନିର୍ଯାତନା ହୁହୁହୋଇ ବଢ଼ିଚାଲିଛି, ଏଠାରେ ମହିଳାମାନେ ଅସୁରକ୍ଷିତ ବୋଲି ରାଜ୍ୟ କଂଗ୍ରେସ କହିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ଅଧ୍ୟକ୍ଷା ଜୟଶ୍ରୀ ପଟ୍ଟନାୟକ କହିଥିଲେ, ରାଜ୍ୟରେ ଯେପରି ନାରୀ ନିର୍ଯାତନା ଘଟୁଛି ତାହା ବର୍ଣ୍ଣନା କରିବାକୁ ଭାଷା ନାହିଁ। ରାଜ୍ୟ ସରକାର ତଥା ପୋଲିସ ପ୍ରଶାସନ ଜଣେ ମହିଳା ପୋଲିସକୁ ସୁରକ୍ଷା ଦେଇପାରୁନାହାନ୍ତି। ରାଜଧାନୀର ସବୁଠୁ ସମ୍ବେଦନଶୀଳ ଅଞ୍ଚଳରେ ଜଣେ ମହିଳା କନ୍‌ଷ୍ଟେବଲ ଶୁଭମିତ୍ରାଙ୍କୁ ଦିନଦ୍ୱିପ୍ରହରରେ ହତ୍ୟା କରାଯାଉଛି ଏବଂ କେନ୍ଦୁଝରରେ ପୋତାଯାଉଛି, ଏହାଠାରୁ ବଳି ବଡ଼କଥା ଆଉ କ'ଣ ଥାଇପାରେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ମୃତା କନ୍‌ଷ୍ଟେବଲଙ୍କ ପରିବାରକୁ ସରକାର ତୁରନ୍ତ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଏବଂ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଯୋଗାଇଦିଅନ୍ତୁ। ନଚେତ୍ ମହିଳା କଂଗ୍ରେସ ଏହାକୁ ନେଇ ବଡ଼ ଆନ୍ଦୋଳନ କରିବ।

ଏହି ସମ୍ମିଳନୀରେ କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରଣତି ମିଶ୍ର ଭାଜପା ସରକାର ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ସମ୍ପୂର୍ଣ୍ଣ ହରାଇ ସାରିଲାଣି ବୋଲି କହିଥିଲେ। ସମ୍ମିଳନୀରେ ତଥ୍ୟ ଅନୁଧ୍ୟାନ କମିଟିର ଅନ୍ୟ ସଦସ୍ୟା ଯଥା ସୁନିତା ବିଶ୍ୱାଳ, କୁସୁମ ପ୍ରଧାନ, ଅମିତା ବିଶ୍ୱାଳ, ଗୀତାଞ୍ଜଳି ମହାନ୍ତି, ଶିଲି ସେଠୀ ଓ ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖଦି ସ୍ୱାଭିମାନ, ସମୃଦ୍ଧିର ପ୍ରତୀକ: ମନ୍ତ୍ରୀ ଗୋକୁଳାନନ୍ଦ

**ଭୁବନେଶ୍ୱର,୧୭।୯(ସୁଚିସ୍ମିତା ସାହୁ)**

ଖଦି କେବଳ ବସ୍ତ୍ର ନୁହେଁ, ଏହା ସ୍ୱାବଲମ୍ବନ, ସ୍ୱାଧୀନତା, ସ୍ୱାଭିମାନ ଓ ସମୃଦ୍ଧିର ପ୍ରତୀକ। ଏହା ପରିବେଶ ଅନୁକୂଳ ସହିତ ଗ୍ରାମୀଣ ରୋଜଗାରର ବଳିଷ୍ଠ ମାଧ୍ୟମ। କଟକ ଜିଲା ମାଣିଆବନ୍ଧ ବୁଦ୍ଧମଣ୍ଡପଠାରେ ବୁଧବାର ୪୨ ଖଦି ସଂସ୍ଥାକୁ ଖଦି ସହାୟକ ଉପକରଣ ବଣ୍ଟନ ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହା କହିଛନ୍ତି। ରାଜ୍ୟରେ ଏବେ ମୋଟ ୬୪ଟି ଖଦି ସଂସ୍ଥା କାର୍ଯ୍ୟ କରୁଛି। ଉକ୍ତ ସଂସ୍ଥାଗୁଡିକୁ ଅଧିକ ରୋଜଗାରକ୍ଷମ ଓ ସାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଖଦି ବୋର୍ଡ ମାଧ୍ୟମରେ ପ୍ରୋତ୍ସାହନ ଦେଉଛନ୍ତି। ବୁଣାକାରଙ୍କ ଦକ୍ଷତା ବୃଦ୍ଧି ପାଇଁ ଉନ୍ନତ ଉପକରଣ ଯୋଗାଇ ଦେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।




# ଆଲୋଚନାକୁ ଯିବେନି, ହୋହଲ୍ଲାକରି ବନ୍ଦ କରିବେ

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

**ବିଜେଡି ବିଧାୟକ ଦଳ ବୈଠକରେ ନିଷ୍ପତ୍ତି**

ବିଧାନସଭାର ମୌସୁମୀ ଅଧିବେଶନ ଗୁରୁବାରଠାରୁ ଆରମ୍ଭହୋଇ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିବ। ତେବେ ବିଧାନସଭାରେ ଶାସକ ଦଳକୁ ଘେରିବା ଲାଗି ବିରୋଧୀ ବିଜେଡି ବିଧାୟକ ଦଳ ବୈଠକରେ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ହେଲେ ଏହି ସ୍ୱଳ୍ପ ଦିନିଆ ଅଧିବେଶନରେ କୌଣସି ପ୍ରସଙ୍ଗ ଉପରେ କିଛି ଆଲୋଚନା ନ କରି କେବଳ ବିରୋଧ ପ୍ରଦର୍ଶନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ବିଭିନ୍ନ ପ୍ରସଙ୍ଗ ଉଠାଇ ଗୃହକୁ କିପରି ବନ୍ଦ କରିହେବ ତାହା ହିଁ କରିବାକୁ ସବୁ ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ବୈଠକରେ ଏହି କଥାକୁ କେତେଜଣ ବରିଷ୍ଠ ବିଧାୟକ ଗ୍ରହଣ କରି ନ ଥିଲେ। ବିରୋଧ କରାଯିବ ହେଲେ ଯେଉଁ ବିଷୟ ଗୃହରେ ଉଠାଯିବ ତା'ଉପରେ ଆଲୋଚନା ନ କରି ଖାଲି ହୋହଲ୍ଲା କଲେ କିଛି ଲାଭ ନାହିଁ ବୋଲି କେତେଜଣ ବରିଷ୍ଠ ବିଧାୟକ ମତ ରଖିଥିଲେ। କିନ୍ତୁ ଏହାକୁ ବୈଠକରେ ଗ୍ରହଣ କରାଯାଇ ନ ଥିଲା, କେବଳ ବିରୋଧ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସୂଚନା ମିଳିଛି। ଅନ୍ୟପଟେ ବିଧାନସଭା ଫ୍ଲୋର ମ୍ୟାନେଜମେଣ୍ଟ କମିଟି ଗଠନ କରାଯାଇଛି। ଏଥିରେ ଦଳର ୧୦ ଜଣ ବିଧାୟକଙ୍କୁ ସ୍ଥାନ ମିଳିଥିବା ବେଳେ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରଖାଯାଇ ନାହିଁ। ସେଥିରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ, ପ୍ରତାପ ଦେବ, ଅରୁଣ କୁମାର ସାହୁ, ମନୋହର ରନ୍ଧାରୀ, ବ୍ରଜକିଶୋର ପ୍ରଧାନ, ସାରଦା ନାୟକ, ଗୌତମବୁଦ୍ଧ ଦାସ ଏବଂ ସାରଦା ଜେନା ରହିଛନ୍ତି। କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିକିତ୍ସା ସମୟରେ ରଣେନ୍ଦ୍ର ଦଳର ସଭାପତିଙ୍କ ଚିକିତ୍ସା ନେଇ ଉଠାଇଥିବା ପ୍ରଶ୍ନ ପାଇଁ ତାଙ୍କୁ ଏବେ ଅଣଦେଖା କରାଯିବା ପର୍ବ ଆରମ୍ଭ ହୋଇଛି ବୋଲି ଜଣେ ବିଧାୟକ ନିଜ ନାମ ଗୋପନ ରଖି କହିଛନ୍ତି। ସେହିପରି ଏହି ଅଧିବେଶନ ସମୟରେ ନବୀନ ନୂଆଦିଲ୍ଲୀ ଗସ୍ତରେ ରହିବେ। ବିଧାୟକ ଦଳ ବୈଠକ ସମୟରେ ନବୀନ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉପସ୍ଥିତ ଥିଲେ। ଦଳରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ, କଂଗ୍ରେସ ଗୃହରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରିଛି। ତେଣୁ ଅନାସ୍ଥା ପ୍ରସଙ୍ଗରେ ବିଜେଡି ନିଜକୁ ଦୂରେଇରଖିବା ଲାଗି ନବୀନ ଦିଲ୍ଲୀରୁ ଫେରିବା କଥା ଭାବୁନାହାନ୍ତି।

ଅନ୍ୟପଟେ ଦଳ ପକ୍ଷରୁ ବିଧାୟକ ଦଳ ବୈଠକ ନେଇ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ବୈଠକରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି, ବିଧାନସଭାର ମୌସୁମୀ ଅଧିବେଶନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅପ୍ରାସଙ୍ଗିକ କରିବା ପାଇଁ ରାଜ୍ୟ ସରକାର ଅଫିସରମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଦୃଢ଼ ବିରୋଧ କରାଯିବ। ଏହା ବ୍ୟତୀତ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିବା ବିଶୃଙ୍ଖଳା ଓ ଦଳାଚକଟା ଘଟଣାରେ ମଧ୍ୟ ସରକାରଙ୍କୁ ଜବାବ ଦାବି କରାଯିବ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗୀତି ଗଙ୍ଗୋତ୍ରୀ ପକ୍ଷରୁ ଦିବଙ୍ଗତ ଅନ୍ନପୂର୍ଣ୍ଣା ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଓ ଗୀତିକବିତା ପାଠୋତ୍ସବ'କବି ଓ କବିତା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସକାଳ: ୯ଟା ୩୦ ।
- ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ବକ୍ତୃତା, ସ୍ଥାନ: ମିରା ପୟର, ଶ୍ରୀଅରବିନ୍ଦ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବରିଷ୍ଠ ସିପିଆଇଏମ୍ ନେତା କମ୍ରେଡ ପ୍ରକାଶ କାରତଙ୍କ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ପ୍ରାଥମିକ ଶିକ୍ଷକ ଲେବଲ୍ ଭି (ଏ) ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ସଧାହ୍ନ ୧୨ଟା ।
- କଳାସୌରଭ ପକ୍ଷରୁ ରାଗରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।

ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## ବାଲେଶ୍ୱର

- ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।
- ଡାଇବେଟିସ୍ ମ୍ୟାନେଜମେଣ୍ଟ ସେଣ୍ଟର ଓ ଡାଏଗ୍ନୋଷ୍ଟିକ୍ ଲାବୋରଟୋରୀ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ

- ବିଜେଡି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ମାଳଦା ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା ।
- ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା ।
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: ପୁରୁଣାବଜାର ବୁଢ଼ାଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ।

## ମୟୂରଭଞ୍ଜ

- ମା' ତାରିଣୀ ମହୋତ୍ସବ ଉପଲକ୍ଷେ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ: ଅପରାହ୍ନ ୫ଟା ।

## କନ୍ଧମାଳ

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଆଇଆଇସି ବିଲଡିଂ ସାର୍ତ୍ତାଗୁଡା, ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ମହାବୀରସାହି, କୁଆଁରିଆ ଓ ନେଳିଗୁଡା ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ନାରାୟଣୀଙ୍କ ଷୋଡଶ ପୂଜାର ପଞ୍ଚମ ଦିବସ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ୨ୟ ଦିବସ, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା ।
- ବିମଳାଙ୍କ ଷୋଡଶ ପୂଜାର ପଞ୍ଚମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ, ସ୍ଥାନ: ମେଡିକାଲ ପରିସର, ଗୁଡାରି, ସମୟ: ସକାଳ ୯ଟା ।

## ନବରଙ୍ଗପୁର

- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା ।
- ଶ୍ରୀ ଅରବିନ୍ଦଙ୍କ ଦେହାନ୍ତ ପବିତ୍ର ପ୍ରତିଷ୍ଠା ଦିବସ, ସ୍ଥାନ: ଦଶହରାପଦା, ସମୟ : ପୂର୍ବାହ୍ନ ୬ଟା ୩୦

## କୋରାପୁଟ

- ମା ପାଟଦେଇ ମକା ମିଶନର ଦୁଇ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ।
- ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ମାଲକାନଗିରି

- ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା ।
- ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ, ସ୍ଥାନ: ଏମ୍.ଭି. ୧୮ ଗ୍ରାମ, ସମୟ: ପୂର୍ବାହ୍ନ ୧୧ ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସଫେଇ ସୁରକ୍ଷା ମିତ୍ର ଓ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ, ସ୍ଥାନ : ଡିଆର୍‌ଏମ କାର୍ଯ୍ୟାଳୟ, ସମୟ : ସକାଳ ୯ଟା ୩୦ ।
- ସମ୍ବଲପୁରୀ ରାବଣ ବଦ୍ଧର କଳାକାର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ମାରୱାଡି ଯୁବାମଞ୍ଚ ପକ୍ଷରୁ ଅଗ୍ରସେନ ଜୟନ୍ତି ପ୍ରସ୍ତୁତି ବୈଠକ, ସ୍ଥାନ : କ୍ଷେତରାଜପୁର ପଞ୍ଚାୟତି ଧର୍ମଶାଳା, ସମୟ : ଅପରାହ୍ନ ୪ଟା ।

## ରାଉରକେଲା

- ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ, ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା
- ଆଦର୍ଶ ପାଠାଗାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସୋଲେସ୍, ସମୟ: ପୂର୍ବାହ୍ନ ୧୧ଟା ।

## ବରଗଡ଼

- ରକ୍ତଦାନ ଶିବିର, ସ୍ଥାନ: ତାଲମେଣ୍ଡା, ଭେଡେନ,ସମୟ: ସକାଳ ୯ଟା ।
- ପ୍ରଶିକ୍ଷଣ ଶିବିର-'ସମ୍ଭବ', ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୯ଟା ୩୦ ।
- ସଂଯୁକ୍ତ କୃଷକ ସଂଗଠନର ନୂଆଖାଇ ଭେଟ ସମାରୋହ,ସ୍ଥାନ:ନୃସିଂହନାଥ ରାମଚଣ୍ଡୀ ମନ୍ଦିର ପରିସର, ପାଇକମାଳ,ସମୟ:ପୂର୍ବାହ୍ନ ୧୦ଟା ।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।

## କଳାହାଣ୍ଡି

- ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏ ଜନଶୁଣାଣି ଶିବିର, ସ୍ଥାନ: ରାଜୀବ ଗାନ୍ଧୀ ସେବା ଭବନ କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ।
- ନବ ସାକ୍ଷରତା ଅଭିଯାନ ସମ୍ପର୍କୀୟ ବ୍ଲକସ୍ତରୀୟ ବୈଠକ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ।

## ବୌଦ୍ଧ

- ନାରୀ ଶକ୍ତି ପରିବାର ଅଭିଯାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା ।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର

- ବିଶ୍ୱକର୍ମା ପୂଜା ଅବସରରେ ବୀରମହାରାଜପୁର ଗାଡ଼ି ଚାଳକ ସଂଘ ପକ୍ଷରୁ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ : ଦୋଳମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା ।
- ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା

- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା ।
- ରାଜମିସ୍ତ୍ରି ସଂଘ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ, ସ୍ଥାନ: ସାପ୍ତାହିକ ବଜାର ପଡିଆ ତରବୋଡ, ସମୟ: ସକାଳ ୯ଟା ।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱକର୍ମା ଟ୍ରଷ୍ଟ ସ୍ମରଣିକା ପୁସ୍ତକ ଉନ୍ମୋଚନ, ସ୍ଥାନ: ଆମ୍ବେଡକର ଛକ ନିକଟସ୍ଥ ବାରିକ ଗ୍ୟାରେଜ ପରିସର, ସମୟ: ସନ୍ଧ୍ୟା ୬ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗିରହିବାରୁ କାର୍ଯ୍ୟହାସଲ ସକାଶେ ବିବ୍ରତ ହେବେ । ପାରସ୍ପରିକ ଉତ୍ତମ ବୁଝାମଣାଜନିତ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ଆନୁଷ୍ଠାନିକ କାମରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ । ନିର୍ଦ୍ଦିଷ୍ଟ କାମ ସକାଶେ ଉଦ୍ଦିଷ୍ଟ ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ ।

**ବୃଷ**
ଅର୍ଥାଭାବ ନ ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ । ଅନ୍ୟ ଉପରେ ବିରକ୍ତି ପ୍ରକାଶ କରି କଳହକୁ ନିମନ୍ତ୍ରଣ କରିପାରନ୍ତି । ସରକାରୀ ସ୍ତରରେ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି । ଆଜିର ବ୍ୟବସାୟ ଓ ପରିବହନରେ ସାଧାରଣ କଥାକୁ କେନ୍ଦ୍ରକରି ଝଗଡ଼ାର ଆଶଙ୍କା ରହିଛି ।

**ମିଥୁନ**
ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ଆଶା ରହିଛି । ସାମାନ୍ୟ କଥାକୁ କେନ୍ଦ୍ରକରି ପରିବାର ଭିତରେ ତର୍କବିତର୍କ ବୃଦ୍ଧି ହେତୁ ଚିନ୍ତା କରି ପାରନ୍ତି । ସାହିତ୍ୟ, ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ବ୍ୟବସାୟୀମାନେ ଅଧିକ ପରିଶ୍ରମ କରିବା ସାଙ୍ଗକୁ ନିଜର ରୋଜଗାର ପ୍ରତି ଧ୍ୟାନ ଦେଇପାରନ୍ତି ।

**କର୍କଟ**
କର୍ମକ୍ଷେତ୍ରରେ ବିଶେଷ ପରିଶ୍ରମ କାରଣରୁ ଟେନସନ୍ ଲାଗିରହିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ । ସଭାସମିତିରେ ପାରସ୍ପରିକ କଥାର ତାଳମେଳ ଅଭାବରୁ ବିତର୍କର ଆଶଙ୍କା ରହିଛି । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିବେ ।

**ସିଂହ**
ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଅଟକି ଯାଉଥିବା କାମକୁ ସମ୍ପନ୍ନ କରିବାରେ ସହାୟକ ହେବ । କର୍ମକ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ । ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସହାୟକ ହେବ । କିନ୍ତୁ ସଭାସମିତିରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି ।

**କନ୍ୟା**
କର୍ମକ୍ଷେତ୍ରରୁ ଶତ୍ରୁଙ୍କ ପ୍ରାୟୋଜିତ କୌଣସି ଗୁଜବ ମନକୁ ଚହଲାଇ ଦେବ । ସାମାଜିକ ସ୍ତରରେ ଆତ୍ମୀୟଙ୍କ ଅସହଯୋଗ ଓ ଅସମ୍ମାନ ପାଇଁ ଦୁଃଖିତ ହେବେ । ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ । ଯାନ୍ତ୍ରିକ ଶିଳ୍ପ , ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ ।

**ତୁଳା**
କର୍ମକ୍ଷେତ୍ରରେ ଅସଜଡା ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ସମର୍ଥ ହେବେ । ତୀର୍ଥାଟନ ଯାତ୍ରା କାଳରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ । ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ । ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତ ହୋଇପାରନ୍ତି ।

**ବିଛା**
ମନରେ ଯାହା ପାଇବାକୁ ଆଶାବାନ୍ଧି ବସିଛନ୍ତି ଆଜି ତାହା ପାଇବା ସମ୍ଭାବନା ରହିଛି । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଉତ୍ତମ । ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ । ସାଧାରଣ କଥାକୁ କେନ୍ଦ୍ର କରି କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତିରେ ଟେନସନ୍ ବଢ଼ିପାରେ ।

**ଧନୁ**
ଆଜିର କର୍ମକ୍ଷେତ୍ରରେ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ । ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ । ବନ୍ଧୁଙ୍କ ସହାୟତାରେ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ । ସଭାସମିତିରେ ଆଲୋଚନା କାଳରେ ଅପ୍ରିୟ ସତ୍ୟ ପ୍ରକାଶ କରିବା ଠିକ୍ ହେବ ନାହିଁ ।

**ମକର**
ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମନକୁ ବୁଝାଇ ଚଳିବା ହେତୁ ମାନସିକ ଦୁଶ୍ଚିନ୍ତା ଦୂରହେବ । ପରିବାରର ଅର୍ଥସଂକଟ ଦୂରେଇବାକୁ ଧାର କରଜ କରିବାକୁ ବାଧ୍ୟ ହେବେ । ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ମୁଖ୍ୟଭୂମିକା ଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି ।

**କୁମ୍ଭ**
ପରିବାରର ଆବଶ୍ୟକତାକୁ ନେଇ ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି । ଆଲୋଚନା କାଳରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ । ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହେବେ । ବିଶେଷ ଭ୍ରମଣଜନିତ ପୁରାତନ ରୋଗପୀଡ଼ାରୁ କଷ୍ଟ ପାଇପାରନ୍ତି ।

**ମୀନ**
କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶର ଗମ୍ଭୀରତାକୁ ଅନୁଭବ କରି ବ୍ୟଥିତ ହେବେ । ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିବେ । ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବେ । ବ୍ୟବସାୟରୁ ପାଇଥିବା ଲାଭ ଟଙ୍କାକୁ ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି ।

ଆଜି ସେପ୍ଟେମ୍ବର ୧୮ ତାରିଖ, ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଗୁରୁବାର, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ । ସକାଳ ଘ.୦୫.୩୮ ଗତେ ଘ.୦୭.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୧୧ ଗତେ ଘ.୦୨.୪୧ ମଧ୍ୟେ ରାହୁ କାଳ ।

# ଶ୍ରୀମନ୍ଦିର ହୁଣ୍ଡି ସ୍ଥାନାନ୍ତରକୁ ମିଳିଲା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)**

ଶ୍ରୀମନ୍ଦିର ପରିଚାଳନା ନେଇ ୨ଟି ବଡ଼ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଧାଡ଼ି ଦର୍ଶନ ନେଇ ଯେଉଁ ସମସ୍ୟା ଥିଲା ତାହା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକ୍ରମେ ଦୂରହୋଇଛି । ଶ୍ରୀମନ୍ଦିର ଭିତରେ ଥିବା ହୁଣ୍ଡି ଯୋଗୁ ଧାଡ଼ିଦର୍ଶନ ସମ୍ଭବ ହୋଇପାରୁ ନ ଥିଲା । ତେଣୁ ହୁଣ୍ଡି ସ୍ଥାନାନ୍ତର ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ ମିଳିଛି । ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲାପାଳ ନିଯୋଗମାନଙ୍କ ସହ ଆଲୋଚନା ପରେ ହୁଣ୍ଡି କେଉଁଠିକୁ ସ୍ଥାନାନ୍ତର ହେବ ସେନେଇ ନିଷ୍ପତ୍ତି ନେବେ । ଏହାପରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି । ଏଥିସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୱରୂପ ଆସନ୍ତା ୨୩ ତାରିଖରେ ଅଳଙ୍କାର ଭର୍ତ୍ତି ସିନ୍ଦୁକକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ । ଶ୍ରୀମନ୍ଦିର ପ୍ରଶାସନ ଓ ଉଚ୍ଚସ୍ତରୀୟ କମିଟିର ଉପସ୍ଥିତିରେ ସିନ୍ଦୁକଗୁଡିକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ ବୋଲି ରତ୍ନଭଣ୍ଡାର ସବ୍‌କମିଟିର ଆଲୋଚନାକ୍ରମେ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

# ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

**ଭୁବନେଶ୍ୱର, ୧୭।୯(ରବିନାରାୟଣ ଜେନା)**

ଗୁରୁବାରଠାରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ । ଏହି ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିଛି । ଏହି ସମୟରେ କିଭଳି ଶ୍ରେୟ ଉଠାଇ ହେବ ସେନେଇ ବିରୋଧୀ ଓ ଶାସକ ସେମାନଙ୍କ ରଣନୀତି ପ୍ରସ୍ତୁତ କରିଛନ୍ତି । ବୁଧବାର ସନ୍ଧ୍ୟା ସୁଦ୍ଧା ବିରୋଧୀ କଂଗ୍ରେସ ଓ ବିଜେଡି ଏବଂ ଶାସକଦଳ ଭାଜପାର ବିଧାୟକଦଳ ବୈଠକ ଅନୁଷ୍ଠିତ ହୋଇସାରିଛି । ଗୁରୁବାର ଗୃହରେ ପୂର୍ବତନ ବିଜେଡି ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ କରାଯିବା ପରେ ଗୃହ ମୁଲତବି ହେବ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମାଗିଖିଆଙ୍କ ଚାତର ବଡ଼**
**ବାଲିଙ୍ଗି କାଢ଼ନ୍ତି ସାତ ଶଗଡ଼ା**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି । ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି । ତେବେ ୟା' ଆଗରେ ତା' ଆଗରେ ହାତପତେଇ ଚଳୁଥିବା ବ୍ୟକ୍ତି ମୁହଁରେ ଏପରି ବଡ଼ଲୋକି ଆଦୌ ଶୋଭା ପାଇ ନ ଥାଏ । ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପୌଢ଼ି ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ମସଲାଦିଆ ପାନକେ ଭାଙ୍ଗିଛି**
**ଗୋରୀ ହାତ ପାନ ନୁହେଁରେ**
**ଗୋରୀ ହାତ ପାନ ଖଣ୍ଡିଏ ଖାଇଲେ**
**ଚମକି ଉଠଇ ଦିହରେ ।**

ଯାହା ସହ ଯାହାର ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ । ଶୟନେ ସପନେ ଜାଗରଣେ କେବଳ ତା'ମୁହଁ ଦେଖାଯିବା ସହ ତା' କଥା ଦିନରାତି ଭାବି ହେଉଥାଏ । ପ୍ରେମିକା ସ୍ମୃତିରେ ଅଧୀର ହୋଇ ପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ପ୍ରଥମ ପୃଷ୍ଠାରୁ...

### ସଫଳ: ରାଜ୍ୟରେ ...

ଯୋଜନାର ଶୁଭାରମ୍ଭ କରିଥିଲେ । ସୁଭଦ୍ରା ଯୋଜନା ଓଡ଼ିଶାର କୋଟିଏ ମା'ଙ୍କ ପାଇଁ ଆର୍ଥିକ ସଶକ୍ତୀକରଣର ଏକ ପ୍ରମୁଖ ଅସ୍ତ୍ର ହୋଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ମଧ୍ୟ ପ୍ରଧାନମନ୍ତ୍ରୀ ମା'ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏକ ବୈପ୍ଳବିକ ଅଭିଯାନ ଆରମ୍ଭ କରିଛନ୍ତି- ସୁସ୍ଥ ନାରୀ, ସଶକ୍ତ ପରିବାର । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଜନ୍ମଦାତ୍ରୀ ମା' ଓ ଧରିତ୍ରୀ ମାତାର ସୁରକ୍ଷା ପାଇଁ ଏକ ସଂକଳ୍ପର ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଗତବର୍ଷ ଆରମ୍ଭ ହୋଇଥିବା 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ୬.୭୨ କୋଟି ଗଛ ଲଗାଯାଇ ସାରା ଦେଶରେ ଓଡ଼ିଶା ୪ର୍ଥ ସ୍ଥାନ ଅଧିକାର କରିଥିଲା । ଏବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ୭.୫ କୋଟି ଗଛ ଲଗାଇବା ପାଇଁ ନିଷ୍ପତ୍ତି କରାଯାଇଛି । ସନ୍ଧ୍ୟା ସୁଦ୍ଧା ପ୍ରାୟ ଦେଢ଼କୋଟି ଚାରା ଲଗାଯାଇସାରିଛି ।

ବୁଧବାର ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରୀଛାତ୍ର, ୧ ହଜାର କଲେଜର ୧ ଲକ୍ଷ ଛାତ୍ରୀଛାତ୍ର ଅତି ଉତ୍ସାହର ସହ ଚାରା ରୋପଣରେ ସାମିଲ ହୋଇଛନ୍ତି । ଏହାସହିତ ୨ ଲକ୍ଷ ଶିକ୍ଷୟିତ୍ରୀଶିକ୍ଷକ, ୭୬ ହଜାର ଅଙ୍ଗନୱାଡ଼ି କର୍ମୀ, ୧୭ ହଜାର ୫୦୦ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ସଭ୍ୟାସଭ୍ୟ, ୧୭ ହଜାର ଆଶାକର୍ମୀ, ୧୬ ହଜାର ୫୦୦ ମାଇଁ ଭାରତ ସ୍ୱେଚ୍ଛାସେବୀ ଓ ୧୦ ହଜାର ଇକୋ-କ୍ଲବ ଯୋଗଦେଇଛନ୍ତି । ସମସ୍ତଙ୍କୁ ଚାରା ଲଗାଇ ସେଲ୍ଫି ଉଠାଇବା ସହିତ 'ମେରି ଲାଇଫ୍' ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିବା ସହିତ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଫଟୋ ପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦେଶପ୍ରେମ ଓ ଦେଶସେବା ସବୁଠାରୁ ନିଆରା । ପ୍ରଧାନମନ୍ତ୍ରୀଙ୍କ ଯୋଜନାଗୁଡ଼ିକ କିପରି ଦେଶର ବିଭିନ୍ନ କ୍ଷେତ୍ରରେ କାୟାକଳ୍ପ ଆଣିପାରିଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ ଓ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଏସ୍‌ଆଇଆର୍: ଅର୍ଦ୍ଧାଧିକ ...

ତାଲିକା ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିସାରିଛନ୍ତି । କୌଣସି ଯୋଗ୍ୟ ନାଗରିକ ଯେପରି ବାଦ୍ ନ ପଡ଼ନ୍ତି ତାହା ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟ ଇସିଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ଗୁରୁତ୍ୱ ଦେଇ ସିଇଓମାନେ କାର୍ଯ୍ୟ କରୁଥିବା କୁହାଯାଉଛି ।

ଇତିମଧ୍ୟରେ ଇସି ଇଭିଏମ୍ ବାଲଟ୍ ପେପରର ଡିଜାଇନିଂ ଓ ପ୍ରିଣ୍ଟିଂ ସମ୍ପର୍କିତ ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରିଛନ୍ତି । ତଦନୁସାରେ ଏହା ଅଧିକ ପଠନଯୋଗ୍ୟ ଓ ଭୋଟର-ଅନୁକୂଳ ହେବ । ଏଥିରେ ପ୍ରାର୍ଥୀମାନଙ୍କ ରଙ୍ଗିନ ଫଟୋ ସହ ସେମାନଙ୍କ ନାମ ବଡ଼ ଅକ୍ଷରରେ ଉଲ୍ଲେଖ ରହିବ, ଯାହାକୁ ଦେଖି ମତଦାତାମାନେ ସହଜରେ ସେମାନଙ୍କୁ ଜାଣିପାରିବେ ଏବଂ ନିଜ ପସନ୍ଦ ଅନୁସାରେ ଭୋଟ ଦେଇପାରିବେ । ପ୍ରାର୍ଥୀଙ୍କ ନାମ ସହ ନନ୍ ଅଫ୍ ଦି ଏବଭ୍ (ନୋଟା)ର ଅକ୍ଷର ଆକୃତି ୩୦ ସାଇଜ୍‌ରେ ରହିବ ଏବଂ ସ୍ୱଷ୍ଟତା ପାଇଁ ତାକୁ ବୋଲ୍ଡ କରାଯିବ । ଏଥିପାଇଁ ବ୍ୟବହୃତ କାଗଜ ମଧ୍ୟ ପୂର୍ବାପେକ୍ଷା ମୋଟା ରହିବ । ବିଧାନସଭା ନିର୍ବାଚନ ପାଇଁ ନିର୍ଦ୍ଦିଷ୍ଟ ଭାବେ ପିଙ୍କ୍ କଲରର ପେପର ବ୍ୟବହାର କରାଯିବ । ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରୁ ଏହା ଲାଗୁ ହେବ ବୋଲି ଇସି ସୂଚନା ଦେଇଛନ୍ତି । ଭାରତର ନିର୍ବାଚନ କମିଶନ କଣ୍ଡକ୍ଟ ଅଫ୍ ଇଲେକ୍ସନ ରୁଲ୍ସ, ୧୯୬୧ର ରୁଲ୍ ୪୯ବିରେ ସଂଶୋଧନ ଆଣି ପ୍ରଚଳିତ ଗାଇଡ୍‌ଲାଇନ୍‌ରେ ଏପରି ପରିବର୍ତ୍ତନ କରିଥିବା ଦର୍ଶାଇଛନ୍ତି ।

### ଡିଜେ ଗାଡ଼ି ଉପରେ ...

ଓ ଟିକ୍‌ମିକ୍ ଆଲୋକ ଦ୍ୱାରା ରାସ୍ତାରେ ଯାତାୟାତ କରୁଥିବା ଅନ୍ୟ ଗାଡ଼ିଗୁଡିକ ଅସୁବିଧାର ସମ୍ମୁଖୀନ ହେବା ସହ ବେଆଇନ ଉଚ୍ଚତା ଯୋଗୁ ଶର୍ଟସର୍କିଟ ଓ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଭଳି ଅଘଟଣର ତଥ୍ୟ ବିଭାଗ ଦୃଷ୍ଟିକୁ ଆସିଛି । ଏହି ତଥାକଥିତ ଡିଜେ ଭ୍ୟାନର ବ୍ୟବହାର ବହୁଳ ଭାବେ ହେଉଛି । ତେଣୁ ଆଇନରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଯାଞ୍ଚ ଏବଂ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଗାମୀ ପାର୍ବଣ ଋତୁରେ ଏଭଳି ବେଆଇନ ଯାନକୁ ବ୍ୟବହାର ନ କରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ଏଥିପାଇଁ ପୋଲିସ ବିଭାଗର ମଧ୍ୟ ସହଯୋଗ ଲୋଡ଼ାଯାଇଛି । ଜନସାଧାରଣଙ୍କ ସୁରକ୍ଷା ପାଇଁ ଅସୁରକ୍ଷିତ ଡିଜେ ଗାଡ଼ିକୁ ରୋକିବା ଆବଶ୍ୟକ ହୋଇପଡ଼ିଛି । ବିଭାଗ ପକ୍ଷରୁ ଏହି ଅଭିଯାନକୁ ଅଧିକ ପ୍ରଭାବୀ କରିବାକୁ ରାତି ତଥା ଉତ୍ସବ ଆଦି ସମୟରେ ବିଶେଷ ଧ୍ୟାନ ରଖାଯିବ । ସାମୂହିକ ସୁରକ୍ଷା ସୁନିଶ୍ଚିତ କରିବାକୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଚାଲାଣ କଟାଯିବ ଓ କଠୋରରୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହାସହ ଗାଡ଼ି ମାଲିକ ତଥା ଅପରେଟରମାନଙ୍କୁ ଆଇନ ଓ ସୁରକ୍ଷା ମାନଦଣ୍ଡ ବିଷୟରେ ସଚେତନ କରିବା ପାଇଁ ବିଭାଗ ଦ୍ୱାରା ସଚେତନତା ଅଭିଯାନ ଆରମ୍ଭ କରାଯିବ । ଲୋକମାନେ ଯେଉଁ ଯାନକୁ ଭଡ଼ାରେ ନେଉଛନ୍ତି ବା ବ୍ୟବହାର କରୁଛନ୍ତି, ସେହି ଗାଡ଼ି ପଞ୍ଜୀକୃତ ଅଛି କି ନାହିଁ, ଏହା ସୁରକ୍ଷା ମାନଦଣ୍ଡକୁ ପାଳନ କରୁଛି କି ନାହିଁ ସେଥିପ୍ରତି ମଧ୍ୟ ଯତ୍ନବାନ ହେବାକୁ ଅନୁରୋଧ କରାଯାଇଛି ।

### ସରକାରୀ ବସ୍‌ରେ ...

ମାଗଣା ବସ୍ ଯାତ୍ରାର ସୁବିଧା କରିଛନ୍ତି । ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ମାଗଣାରେ ସ୍କୁଲ ଯାଇପାରିବେ ବୋଲି ସୂଚନା ଦିଆଯାଇଛି । ସମସ୍ତ ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲାରେ ଥିବା ବିଦ୍ୟାଳୟ ସମ୍ବନ୍ଧୀୟ ତଥ୍ୟ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଜିଲା ପ୍ରବନ୍ଧକଙ୍କୁ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଓଏସ୍‌ଆର୍‌ଟିସିର ବର୍ତ୍ତମାନର ବସ୍ ରୁଟ୍ ଓ ସମୟସୂଚୀକୁ ପୁନଃ ଆଲୋଚନା କରାଯାଇ ଯେପରି ବସ୍‌ଗୁଡିକ ଅଧିକାଂଶ ସ୍କୁଲ ରାସ୍ତା ଦେଇ ଯାତାୟାତ କରିବ, ସେଥିପ୍ରତି ଧ୍ୟାନ ଦେବା ପାଇଁ ବିଭାଗ ପକ୍ଷରୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ଅନୁରୋଧ କରାଯାଇଛି । ଏବାବଦରେ ଓଏସ୍‌ଆର୍‌ଟିସି ହରାଉଥିବା ଆୟକୁ ବଜେଟ ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ସୂଚନାନୁସାରେ, ଗତ ଅଗଷ୍ଟ ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ର ନିଃଶୁଳ୍କ ବସ୍‌ରେ ଯାତ୍ରା କରିବା ନେଇ ଆଲୋଚନା ହୋଇଥିଲା । ସମସ୍ତ ସ୍କୁଲର ଛାତ୍ରୀଛାତ୍ର ନିଜ ସ୍କୁଲର ବୈଧ ପରିଚୟ ପତ୍ର ଦେଖାଇ କିମ୍ବା ସ୍କୁଲ ପୋଷାକ ପିନ୍ଧିଥିଲେ ବସ୍‌ରେ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଏଥିସହ ଉକ୍ତ ପ୍ରସ୍ତାବକୁ ବୈଠକରେ ରାଜ୍ୟ ସରକାର ଅନୁମୋଦନ ଦେଇଥିଲେ ।

### କେନ୍ଦ୍ରକୁ ଜବାବ...

ନେଟ୍‌ୱର୍କର ଉପସ୍ଥିତିକୁ ଏହା ସ୍ୱଷ୍ଟ କରୁଛି । ଏପରିକି ବିଜ୍ଞପିତ ବ୍ୟାଘ୍ର ସଂରକ୍ଷଣ ନିକଟବର୍ତ୍ତୀ ଅଞ୍ଚଳରେ ଅଣସୁରକ୍ଷିତ ଜଙ୍ଗଲ ରହିଥିବାରୁ ଶିକାରୀମାନେ ସେଠାକୁ ଆସୁଥିବା ବାଘଙ୍କୁ ବାରମ୍ବାର ଟାର୍ଗେଟ କରୁଥିବା ନଜରକୁ ଆସୁଛି । କୋର୍ଟ ଏଥିରେ ହସ୍ତକ୍ଷେପ କରି ଏକ ବିସ୍ତୃତ, ନିରପେକ୍ଷ ଓ ସମନ୍ୱିତ ତଦନ୍ତ ପାଇଁ ନିର୍ଦ୍ଦେଶ ନ ଦେଲେ ଦେଶର ପରିବେଶଗତ ସୁରକ୍ଷା ବିପନ୍ନ ହେବ । ଜାତୀୟ ପ୍ରାଣୀ ବାଘର ଅସ୍ତିତ୍ୱ ପ୍ରତି ମଧ୍ୟ ବିପଦ ବଢ଼ିଯିବ । ତେଣୁ ଏହାର ସିବିଆଇ ତଦନ୍ତ ଜରୁରୀ ବୋଲି ପିଆଇଏଲ୍‌ରେ ଉଲ୍ଲେଖ କରାଯାଇଛି । ଉକ୍ତ ପିଟିଶନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, କାର୍ମିକ ଓ ତାଲିମ ବିଭାଗ, ସିବିଆଇ ଏବଂ ଏନ୍‌ସିସିଏକୁ ପକ୍ଷଭୁକ୍ତ କରାଯାଇଛି ।

### ଇନ୍‌ସ୍ୟୁରାନ୍ସ ଟଙ୍କା ...

ଏସ୍.ଦେବଦତ୍ତ ସିଂ କହିଛନ୍ତି । ଏନେଇ କ୍ୟାପିଟାଲ ଥାନା ପକ୍ଷରୁ ଏକ ହତ୍ୟା ମାମଲା (ନଂ.୫୩୫/୨୦୨୫) ରୁଜୁ କରାଯାଇ ଅଧିକ ଖୋଳତାଡ଼ କରାଯାଉଛି । ଦୀପକଙ୍କୁ ସହଯୋଗ କରିବା ଅଭିଯୋଗରେ ସମ୍ପର୍କୀୟ ଭାଇ ପପୁ ଭୂୟାଁ ଓ ତାଙ୍କ ସାଙ୍ଗ ଜଟଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଉଭୟଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସୂଚନା ମିଳିଛି । ଏହି ଘଟଣାରେ ଆଗକୁ ସବିଶେଷ ତଥ୍ୟ ଦିଆଯିବ ବୋଲି ସିପି ଦେବଦତ୍ତ ସିଂ କହିଛନ୍ତି ।

# ପୁଅ ଠେଙ୍ଗା ମାଡ଼ରେ ବାପା ମୃତ

ବାରିପଦା,୧୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଟଙ୍ଗାଶୋଳ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ଠେଙ୍ଗାମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁନାଥ ମୁର୍ମୁ(୫୫)। ମୃତକଙ୍କ ସ୍ତ୍ରୀ ସୀତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୩୨୫/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବୁଧାନ ମୁର୍ମୁ(୨୦)ଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରାଯିବାପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ରଘୁନାଥଙ୍କ ୨ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ସାନପୁଅ ବୁଧାନ ମଙ୍ଗଳବାର ଦ୍ୱିପ୍ରହରର ଘରେ ଥିବା ସମୟରେ ତାଙ୍କ ବାପା ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରିଥିଲେ। ଏହାକୁ ବୁଧାନ ବିରୋଧ କରିବାରୁ ରଘୁନାଥ କିଛି ଶୁଣି ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୁଧାନ ଏକ ଠେଙ୍ଗାରେ ବାପାଙ୍କୁ ପିଟିଥିଲେ। ପୁଅ ଆକ୍ରମଣରେ ଗୁରୁତର ଆହତ ହୋଇ ରଘୁନାଥ ଘର ବାହାରକୁ ଚାଲିଯାଉଥିବାବେଳେ ତାଙ୍କୁ ଘୋଷାରି ଘୋଷାରି ଘରକୁ ଆଣିଥିଲେ ବୁଧାନ। ଏପରି କି ବାପାଙ୍କୁ ଚିକିତ୍ସା କରିବାକୁ ନ ନେଇ ଘରେ ରଖିଥିଲେ। ମଧ୍ୟରାତ୍ରିରେ ରଘୁନାଥଙ୍କ ମୃତ୍ୟୁ ଘଟିଥିବାବେଳେ ସକାଳେ ଖବର ପାଇ ବଡ଼ସାହି ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ପୁଅ ବୁଧାନଙ୍କୁ ଗିରଫ କରିଥିଲେ।

# ୪ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ

ଭବାନୀପାଟଣା,୧୭।୯(ଉତ୍ତମ କୁମାର ଦାଶ)

**ନାବାଳିକା ଗଣବଳାତ୍କାର ମାମଲାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା ବିଜେପୁର ଥାନା ଅଞ୍ଚଳରେ ଗତ ୨୦୨୩ ଏପ୍ରିଲ ୧୬ ରେ ହୋଇଥିବା ୨ ନାବାଳିକାଙ୍କୁ ଗଣବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ରାଜୀବ ଲୋଚନ ସାହୁ ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ୨ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ କଳାହାଣ୍ଡି ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ପାଜିବାହାଲି ଗ୍ରାମର ଧନେଷ୍ଟି ନାଏକ, ସୁମନ୍ତ ହରିଜନ, ଅମର ହରିଜନ ଓ ରାଜୀବ ମାଝୀ। ମିଳିଥିବା ସୂଚନା ଅନୁଯାୟୀ, ବିଜେପୁର ଥାନା ବେନଗାଁରେ ତାରିଣୀ ଯାତ୍ରା ଉପଲକ୍ଷେ ହେଉଥିବା ନାଟକ ଦେଖି ୨ ନାବାଳିକାଙ୍କ ସହ ଜଣେ ଯୁବତୀ ଭୋର ୩ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ପାଜିବାହାଲି ବ୍ରିଜ ନିକଟରେ ଅଭିଯୁକ୍ତମାନେ ୨ ନାବାଳିକାଙ୍କୁ ଜୋର ଜବରଦସ୍ତି ଟେକି ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ହେଲେ ଯୁବତୀ ଜଣକ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ପିପି ରୋହିତ କୁମାର ମିଶ୍ର ପରିଚାଳନା କରୁଥିଲେ।

# ଦାଦାବଟି ଆଦାୟ: ୩ ଗିରଫ

**ବନ୍ଧୁକ, ମୋବାଇଲ, ବାଇକ୍ ଜବତ**

ଝାରସୁଗୁଡ଼ା, ୧୭।୯(ଆଶିଷ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଦାଦାବଟି ଆଦାୟ ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶ ଗାଜିପୁର ଜିଲା କରଣ୍ଡା ଥାନା ଅଞ୍ଚଳର ମୁନ୍ନୁ ପାଣ୍ଡେ(୨୫), ଅଭିନନ୍ଦନ ପାଣ୍ଡେ(୧୯) ଓ ଝାରସୁଗୁଡ଼ା ଜିଲା କୁଲିପଡ଼ାର କମଲେଶ ଶାହା(୨୦)। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଗୁଳି, ୨ଟି ମୋବାଇଲ ଫୋନ, ନମ୍ବରବିହୀନ ଏକ ବାଇକ୍ ଓ ୪୬୮୦ ଟଙ୍କା ଜବତ କରାଯାଇଛି ବୋଲି ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ପଞ୍ଚପଡ଼ା ଛକ ବାଇପାସ୍ ରୋଡ଼ ନିକଟ ଏକ ଢାବାଠାରେ ମଙ୍ଗଳବାର ରାତିରେ ଅଭିଯୁକ୍ତମାନେ ଟ୍ରକ୍ ଚାଳକଙ୍କୁ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ଟାଉନ୍ ଥାନା ଏସ୍‌ଆଇ ଏମ୍. ପରିଡ଼ା ପୋଲିସ ଟିମ୍ ସହ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୪୩୧/୨୫) ରୁଜୁ ହୋଇଛି। ଅପରେଶନ ନେତ୍ର ଅଭିଯାନ ମାଧ୍ୟମରେ ଆଗାମୀ ଦିନରେ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖାଯିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ବିଚାରାଧୀନ ବନ୍ଦୀ ସ୍ୱତନ୍ତ୍ର ଜେଲରୁ ଫେରାର

ରାଉରକେଲା,୧୭।୯(ସଙ୍ଗୀତା ଜେନା)

ରାଉରକେଲା ସ୍ୱତନ୍ତ୍ର ଜେଲରୁ ଜଣେ ବିଚାରାଧୀନ ବନ୍ଦୀ ପାଚେରି ଡେଇଁ ଫେରାର ହୋଇଯାଇଛନ୍ତି। ସେ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ମାରଙ୍ଗପିଡି ବିତରାମ ଅଞ୍ଚଳର ସୁରେଶ ବାର୍ଲା (୩୦)। ଏ ନେଇ ରାଉରକେଲା ସ୍ୱତନ୍ତ୍ର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଋଷିନାଥ ନାୟକ ବୁଧବାର ରଘୁନାଥପାଲୀ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଥାନାରେ ପୋଲିସ ଏକ ମାମଲା (ନଂ. ୫୧୭/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ସୁପରିଣ୍ଟେଣ୍ଡେଣ୍ଟ ନାୟକ ଦେଇଥିବା ଏତଲା ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟାରେ ସମସ୍ତ ବନ୍ଦୀ ଜଳଖିଆ ଖାଇଥିଲେ। କୌଣସି ପ୍ରକାର ସୁଯୋଗ ନେଇ ସୁରେଶ ପାଚେରି ଡେଇଁ ଫେରାର ହେବା ଲାଗି ସକ୍ଷମ ହୋଇଥିଲେ। ସେ ତାଙ୍କ ମା'ଙ୍କୁ ହତ୍ୟା ଉଦ୍ୟମ କରିଥିବା ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଜେଲରେ ଅଧିକ ଉଚ୍ଚତାର ପାଚେରି ରହିଛି। ଜେଲ ସମ୍ମୁଖରେ ବାହାରେ ପୋଲିସ ଆଉଟ୍‌ପୋଷ୍ଟ ରହିଛି। ଏଭଳି ସ୍ଥିତିରେ ବିଚାରାଧୀନ ବନ୍ଦୀ ଫେରାର ହେବା ଜେଲ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପୂର୍ବରୁ ମଧ୍ୟ ଏକାଧିକ ବନ୍ଦୀ ପାଚେରି ଡେଇଁ ଫେରାର ହୋଇଯାଇଥିବାର ନଜିର ରହିଛି।

# ଭିଜିଲାନ୍ସ ଜାଲରେ କିରାଣି, ପିଅନ

**ସହକର୍ମୀଙ୍କଠାରୁ ଲାଞ୍ଚ ନେଇ ଗିରଫ**

ସମ୍ବଲପୁର,୧୭।୯(ପ୍ରମୋଦ ବହିଦାର)




କନିଷ୍ଠ କିରାଣି ଦୁଷ୍ମନ୍ତ କୁମାର ସାହୁ



ପିଅନ ଗୋପବନ୍ଧୁ ସାହୁ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ କର୍ମଚାରୀଙ୍କୁ ବୁଧବାର ଲାଞ୍ଚ ନେବା ସମୟରେ ଧରିଛି ଭିଜିଲାନ୍ସ ବିଭାଗ। ସେମାନେ ହେଲେ କନିଷ୍ଠ କିରାଣି ଦୁଷ୍ମନ୍ତ କୁମାର ସାହୁ ଓ ପିଅନ ଗୋପବନ୍ଧୁ ସାହୁ। ସେମାନଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁସାରେ, ରେଙ୍ଗାଲି ବିଇଓ କାର୍ଯ୍ୟାଳୟର ଜଣେ କର୍ମଚାରୀ ଦୀର୍ଘଦିନରୁ ତାଙ୍କ ସରକାରୀ ବକେୟା ରାଶି ପାଇଁ ଆବେଦନ କରିଥିଲେ। ଏ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ ପାଇଁ ସହକର୍ମୀ ହେଲେ ମଧ୍ୟ ତାଙ୍କଠାରୁ କନିଷ୍ଠ କିରାଣି ଦୁଷ୍ମନ୍ତ ୨୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏକାଥରରେ ଏତେ ଟଙ୍କା ଦେବାକୁ ଅସାମର୍ଥ୍ୟତା ପ୍ରକାଶ କରିବାରୁ ପ୍ରଥମ କିସ୍ତିରେ ୭ହଜାର ଓ କାଗଜପତ୍ର ପ୍ରସ୍ତୁତ ପରେ ଅବଶିଷ୍ଟ ୧୮ ହଜାର ଟଙ୍କା ଦେବାକୁ କଥା ଛିଣ୍ଡିଥିଲା। ଏନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଅଭିଯୋଗକାରୀ ବୁଧବାର ରେଙ୍ଗାଲି ବିଇଓ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିଶ୍ରୁତି ଅନୁସାରେ କିରାଣି ଦୁଷ୍ମନ୍ତଙ୍କୁ ପ୍ରଥମ କିସ୍ତି ବାବଦ ୭ହଜାର ଟଙ୍କା ଦେଇଥିଲେ। ମାତ୍ର ଉକ୍ତ ଟଙ୍କାକୁ ସେ ସିଧାସଳଖ ଗ୍ରହଣ ନ କରି ତାଙ୍କ କାର୍ଯ୍ୟାଳୟର ପିଅନ ଗୋପବନ୍ଧୁଙ୍କ ଜରିଆରେ ନେଇଥିଲେ। ଏହି ସମୟରେ ସେଠାରେ ସାଦା ପୋଷାକରେ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀ ଉଭୟଙ୍କୁ କାବୁ କରି ନେଇଥିଲେ। ସେମାନଙ୍କ ନିକଟରୁ ଲାଞ୍ଚ ବାବଦ ଟଙ୍କା ଜବତ କରାଯାଇଥିଲା। ପରେ ଉଭୟଙ୍କୁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟ ଅଣାଯାଇ ପଚାରଉଚରା କରାଯାଇଥିଲା। ଏହାପରେ ଦୁଷ୍ମନ୍ତଙ୍କ ରେଙ୍ଗାଲି ବାସଭବନ, ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ମନାପଡ଼ାସ୍ଥିତ ପୈତୃକ ଗୃହ ଏବଂ ପିଅନ ଗୋପବନ୍ଧୁଙ୍କ କତରବଗା ଥାନା ଅନ୍ତର୍ଗତ ବ୍ରାହ୍ମଣିପାଲି ବାସଭବନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢାଉ କରାଯାଇଛି। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧/୨୫)ରୁଜୁ କରାଯାଇ ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।





ରାଜ୍ୟ ଖବର

# 'ଅନ୍ୱେଷା': ୧୭ ଜିଲାକୁ ୫୦.୬୩ କୋଟି ମଞ୍ଜୁର

**ଛାତ୍ରୀଛାତ୍ରଙ୍କୁ ଦିଆଯିବ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଖର୍ଚ୍ଚ**

ଭୁବନେଶ୍ୱର,୧୭।୯ (ରବିନାରାୟଣ ଜେନା)

ରାଜ୍ୟର ୧୭ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ 'ଅନ୍ୱେଷା' ଯୋଜନାରେ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ସରକାର ପ୍ରାୟ ୫୦.୬୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ ବୁଧବାର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରୀଛାତ୍ରଙ୍କ ହିତକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏହାକୁ ନେଇ ଗତ ୬ ମାସର ସମସ୍ତ ଅର୍ଥ ମଙ୍ଗଳବାର ସରକାର ଅନୁମୋଦନ କରିଛନ୍ତି। ଏ ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ମହାଲେଖାକାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ବିଭାଗ ପକ୍ଷରୁ ପତ୍ରରେ ଦର୍ଶାଯାଇଛି, ଛାତ୍ରୀଛାତ୍ରଙ୍କ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ବାବଦକୁ ୧୦ କୋଟି ୫ ଲକ୍ଷ ୧୧ ହଜାର ୪୦୦ ଏବଂ ସ୍କୁଲ୍ ଫି', ୟୁନିଫର୍ମ, ପୁସ୍ତକ ଓ ପାଠ୍ୟ ଉପକରଣ ଏବଂ ପରିବହନ ବାବଦରେ ୪୦ କୋଟି ୫୮ ଲକ୍ଷ ଟଙ୍କା ରହିଛି। ବିଭାଗର ତଥ୍ୟ ଅନୁଯାୟୀ, ୧୭ ଜିଲାର ୧୫ ହଜାର ୨୨୯ ଛାତ୍ରୀଛାତ୍ର ଗତ ୬ ମାସ ପାଇଁ ୧୦ କୋଟି ୫ ଲକ୍ଷ ୧୧ ହଜାର ୪୦୦ ଟଙ୍କା କେବଳ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ବାବଦକୁ ପାଇବେ। ସେଥିମଧ୍ୟରେ ଅନୁଗୋଳକୁ ୨୨.୯୦ ଲକ୍ଷ ପ୍ରଦାନ କରାଯାଇଥିବାବେଳେ ବରଗଡ଼କୁ ୩୬.୩୬ ଲକ୍ଷ ୬୦୦, ବଲାଙ୍ଗୀରକୁ ୬୩.୩୬ ଲକ୍ଷ, ଦେବଗଡ଼କୁ ୧୮ ଲକ୍ଷ ୧ ହଜାର ୮୦୦, ଗଜପତିକୁ ୪୧ ଲକ୍ଷ ୩୮ ହଜାର ୨୦୦, ଗଞ୍ଜାମକୁ ୪୦ ଲକ୍ଷ ୨୬ ହଜାର, କଳାହାଣ୍ଡିକୁ ୬୧ ଲକ୍ଷ ୧୧ ହଜାର ୬୦୦, ଫୁଲବାଣୀକୁ ୬୪ ଲକ୍ଷ ୪୧ ହଜାର ୬୦୦, କେନ୍ଦୁଝରକୁ ୬୩ ଲକ୍ଷ ୪୯ ହଜାର ୨୦୦, କୋରାପୁଟକୁ ୬୩ ଲକ୍ଷ ୬୨ ହଜାର ୪୦୦, ମାଲକାନଗିରିକୁ ୪୩ ଲକ୍ଷ ୩ ହଜାର ୨୦୦, ମୟୂରଭଞ୍ଜକୁ ୧ କୋଟି ୧୪ ଲକ୍ଷ ୩୧ ହଜାର ୨୦୦, ନବରଙ୍ଗପୁରକୁ ୬୯ ଲକ୍ଷ ୪୩ ହଜାର ୨୦୦, ନୂଆପଡ଼ାକୁ ୬୦ ଲକ୍ଷ ୯୧ ହଜାର ୮୦୦, ରାୟଗଡ଼ାକୁ ୯୦ ଲକ୍ଷ ୬୧ ହଜାର ୮୦୦, ସମ୍ବଲପୁରକୁ ୫୪ ଲକ୍ଷ ୪୫ ହଜାର ଏବଂ ସୁନ୍ଦରଗଡ଼ ଜିଲାକୁ ୯୭ ଲକ୍ଷ ୪୧ ହଜାର ୬୦୦ ଟଙ୍କା ପ୍ରଦାନ କରାଯାଇଛି।

ଅନୁରୂପ ଭାବେ ୧୭ ଜିଲାରେ ଅନ୍ୱେଷା ଯୋଜନାରେ ୨୦ ହଜାର ୬୦୦ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଫି', ୟୁନିଫର୍ମ, ପାଠ୍ୟ ଉପକରଣ, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୪୦ କୋଟି ୫୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଗତ ୬ମାସ ଧରି ଅନ୍ୱେଷା ଯୋଜନାରେ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇ ନ ଥିବାରୁ ଏହାକୁ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏ ନେଇ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଥିବାବେଳେ ବିଜେଡି ମଧ୍ୟ ସମାନ ଅଭିଯୋଗ ଉଠାଇଥିଲା।

# ଅକ୍ଟୋବର ୨ ତାରିଖ ଯାଏ ଜିଲାରୁ ମଣ୍ଡଳ ପର୍ଯ୍ୟନ୍ତ ଚାଲିବ ବ୍ୟାପକ ବୃକ୍ଷ ରୋପଣ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ବିଶ୍ୱରେ ପ୍ରକୃତି ଓ ପରିବେଶର ସୁରକ୍ଷା ଲାଗି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। ମୋଦିଙ୍କ ୭୫ତମ ଜନ୍ମଦିନକୁ ବୁଧବାର ଉଭୟ ସରକାରୀ ଏବଂ ଦଳୀୟ ସ୍ତରରେ ପାଳନ କରାଯାଇଛି। ଅକ୍ଟୋବର ୨ ପର୍ଯ୍ୟନ୍ତ ୧୫ ଦିନବ୍ୟାପୀ ଭାଜପା ପକ୍ଷରୁ ସେବାପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟରେ ମା' ପାଇଁ ଗଛଟିଏ ଅଭିଯାନକୁ ବ୍ୟାପକ କରାଯାଇଛି। ଭୁବନେଶ୍ୱର ଜିଲା ଜଗନ୍ନାଥପୁର, କୋରଡ଼କଣ୍ଟା, କେଶୁରା ଆଦି ଗ୍ରାମରେ ଚାରାରୋପଣ କରାଯାଇଛି। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଯୋଗଦେଇ କହିଛନ୍ତି, ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ। ମା' ପାଇଁ ଗଛଟିଏ ଅଭିଯାନକୁ ସଫଳ କରିବା ପାଇଁ ଘରେ ଘରେ ଚାରାରୋପଣ କରିବାକୁ ସେ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। ଗୁରୁବାର ଠାରୁ ଜିଲାରୁ ଆରମ୍ଭ କରି ମଣ୍ଡଳ ଯାଏଁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ବ୍ୟାପକ ଚାରାରୋପଣ କରାଯିବ ବୋଲି ସେ କହିଛନ୍ତି।

# ପ୍ରାକୃତିକ ଏୟାର କଣ୍ଡିଶନର

**ଆଜି ବିଶ୍ୱ ବାଉଁଶ ଦିବସ**

ପ୍ରାକୃତିକ ଏୟାର କଣ୍ଡିଶନର ଭାବରେ ବିବେଚିତ ବାଉଁଶର ଗୁରୁତ୍ୱ ବିଷୟରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୧୮ରେ ପାଳନ ହୋଇ ଆସୁଛି 'ବିଶ୍ୱ ବାଉଁଶ ଦିବସ'। ୨୦୦୯ରେ ପ୍ରଥମ ଥର ପାଇଁ ବ୍ୟାଙ୍କକ୍‌ରେ ଏହି ଦିବସ ପାଳିତ ହୋଇଥିଲା। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି 'ପରବର୍ତ୍ତୀ ପିଢ଼ିର ବାଉଁଶ: ସମାଧାନ, ନବସୃଜନ ଏବଂ ଡିଜାଇନ'। ପରିବେଶ, ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ଭୂମିକା ରଖୁଥିବା ବାଉଁଶ ଦ୍ରୁତ ଗତିରେ ବଢୁଥିବା ଭୂମି ଉଦ୍ଭିଦ। କିଛି ପ୍ରଜାତି ବାଉଁଶ ୨୪ ଘଣ୍ଟା ମଧ୍ୟରେ ୩୬ ଇଞ୍ଚ ବଢ଼େ। ଏହା ଏକ ପ୍ରାକୃତିକ ଏୟାର କଣ୍ଡିଶନର ଭାବରେ କାର୍ଯ୍ୟକରେ କାରଣ ଏହା ପାରିପାର୍ଶ୍ୱିକ ତାପମାତ୍ରାକୁ ୮ ଡିଗ୍ରୀ ପର୍ଯ୍ୟନ୍ତ ଥଣ୍ଡା କରିଥାଏ। କିଛି ପ୍ରକାରର ବାଉଁଶ ଖାଇବା ଯୋଗ୍ୟ ଏବଂ ଏସୀୟ ଖାଦ୍ୟ ଓ ଚା'ରେ ବ୍ୟବହୃତ ହୁଏ। କ୍ଲମ୍ପିଂ ବାଉଁଶ ମସ୍ତିଷ୍କକୁ ଅମ୍ଳଜାନ ଯୋଗାଇବା ସହ ମୁଣ୍ଡବିନ୍ଧାରୁ ମୁକ୍ତି ଦେବାରେ ସାହାଯ୍ୟ କରିପାରେ। ସାରା ବିଶ୍ୱରେ ୧୫୦୦ରୁ ଅଧିକ ପ୍ରଜାତିର ବାଉଁଶ ଅଛି। ପ୍ରଥମ ସଫଳ ଲାଇଟବଲ୍ବରେ କାର୍ବୋନାଇଜ୍‌ଡ ବାଉଁଶ ଫିଲାମେଣ୍ଟ ଥିଲା। ବାଉଁଶ ବିଭିନ୍ନ ପ୍ରକାର, ରଙ୍ଗ ଏବଂ ଆକାରରେ ଆସିଥାଏ। ଚାଇନାରେ ପ୍ରଥମ ଫୋଟକା ବାଉଁଶରୁ ତିଆରି କରାଯାଇଥିଲା। ଭୂମିକମ୍ପରେ ବାଉଁଶ ବୁଦା ସୁରକ୍ଷିତ ସ୍ଥାନ ଭାବେ ବିବେଚିତ ହୋଇଥାଏ।





> ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। **–ଶ୍ରୀଅରବିନ୍ଦ**

# କ୍ୟାଲେଣ୍ଡର ଓ ପୌରାଣିକ କଥା

ଦେବଦତ୍ତ ପଟ୍ଟନାୟକ

ଭାରତର ଜାତୀୟ କ୍ୟାଲେଣ୍ଡର ହେଉଛି ସାକ କ୍ୟାଲେଣ୍ଡର। ଏହା ୭୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଛି। ଏହାକୁ ସରକାରୀ ଭାବେ ୧୯୫୭ରେ ଗ୍ରହଣ କରାଯାଇଥିଲା, କାରଣ ସ୍ୱାଧୀନ ଭାରତ ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଉପରେ ନିର୍ଭର ନ କରି ତାହାର ନିଜର ଏକ କ୍ୟାଲେଣ୍ଡର ରଖିବାକୁ ଚାହିଁଥିଲା। ଉଲ୍ଲେଖନୀୟ, ଗ୍ରେଗୋରିଆନ୍ କ୍ୟାଲେଣ୍ଡର ସହ ୟୁରୋପୀୟ ଓ ଖ୍ରୀଷ୍ଟିଆନ୍‌ଙ୍କ ସମ୍ପର୍କ ରହିଛି ଏବଂ ଏହାକୁ ଉପନିବେଶୀୟଶାସନରଏକଶେଷସନ୍ତକଭାବେଦେଖାଯାଏ।

ଭାରତରେ ଅନେକ କ୍ୟାଲେଣ୍ଡର ରହିଛି। ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟ ଭିନ୍ନ ଭିନ୍ନ କ୍ୟାଲେଣ୍ଡର ବ୍ୟବହାର କରିଥାନ୍ତି। ଏଣୁ ପାରମ୍ପରିକ ନୀତିନିୟମକୁ ଆଧାର କରି ଗୋଟିଏ ଏକକ ଭାରତୀୟ କ୍ୟାଲେଣ୍ଡର ତିଆରି କରିବା ଅତ୍ୟନ୍ତ କଷ୍ଟକର ହୋଇଯାଇଛି। ବୌଦ୍ଧଧର୍ମାବଲମ୍ବୀମାନେ ବୌଦ୍ଧ କ୍ୟାଲେଣ୍ଡର, ଜୈନମାନେ ଜୈନ କ୍ୟାଲେଣ୍ଡର ଏବଂ ଶିଖ ଓ ମୁସଲମାନ ସେମାନଙ୍କ ନିଜସ୍ୱ କ୍ୟାଲେଣ୍ଡକୁ ଅନୁସରଣ କରିଥାନ୍ତି। ଏହା ବ୍ୟତୀତ ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଆଞ୍ଚଳିକ କ୍ୟାଲେଣ୍ଡର ଅଛି। ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ମଧ୍ୟ ବିଭିନ୍ନ କ୍ୟାଲେଣ୍ଡର ବ୍ୟବହାର କରାଯାଏ। ନେପାଳରେ ବିକ୍ରମ ସମ୍ବତ (ଖ୍ରୀଷ୍ଟପୂର୍ବ ୫୭ରେ ଆରମ୍ଭ ହୋଇଥିଲା) ବ୍ୟବହାର ହେଉଥିବାବେଳେ ଭାରତ ସାକ କ୍ୟାଲେଣ୍ଡକୁ ପସନ୍ଦ କରିଛି। ଏଠାରେ ପ୍ରଶ୍ନ ଉଠେ, ଯଦି ଆମେ ବିକ୍ରମ ସମ୍ବତ(ବିକ୍ରମାଦିତ୍ୟଙ୍କ ଶାସନ ସମୟରେ ଆରମ୍ଭ ହୋଇଥିବା କୁହାଯାଏ) କିମ୍ବା ସାକ ସମ୍ବତ( ସାକ ରାଜାଙ୍କ ସମୟରେ ଆରମ୍ଭ ହୋଇଛି) ଭଳି ନାମକୁ ବ୍ୟବହାର କରିବା, ତେବେ ଏହିସବୁ ନାମର ମାନେ କ'ଣ ଏବଂ କେଉଁଠୁ ଆସଛି? ଏସବୁକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ତେବେ ବିକ୍ରମ ଓ ସାକ କ୍ୟାଲେଣ୍ଡର ମଧ୍ୟରେ ପ୍ରଭେଦକୁ ବୁଝିବାକୁ ହେଲେ ଆମକୁ ଇତିହାସକୁ ଅନୁଧ୍ୟାନ କରିବାକୁ ପଡ଼ିବ ଏବଂ ଏପରିକି ତାହା ପୂର୍ବରୁ ଭୌଗୋଳିକ ସ୍ଥିତିକୁ ଦେଖିବାକୁ ହେବ।

ବିନ୍ଧ୍ୟ ପର୍ବତମାଳା ଦକ୍ଷିଣ ଭାରତରୁ ଉତ୍ତର ଭାରତକୁ ଅଲଗା କରିଛି। ଉତ୍ତର ଭାରତର ଦକ୍ଷିଣ ସୀମା ଭାବେ ଥିଲା ଉଜ୍ଜୟିନୀ ସହର ଏବଂ ଦକ୍ଷିଣ ଭାରତର ଉତ୍ତର ସୀମା ରହିଥିଲା ଗୋଦାବରୀ ଅବବାହିକାର ପ୍ରତିଷ୍ଠାନ (କିମ୍ବା ପୈଠଣ)। ଏମାନଙ୍କ ମଧ୍ୟରେ ରହିଛି ବିନ୍ଧ୍ୟ ପର୍ବତମାଳା ଏବଂ ନର୍ମଦା ନଦୀ। ଏହି ଅଞ୍ଚଳ ଦେଇ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚାଲିଥିଲା। ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ପଥ ପାଇଁ ଏହା ଏକମାତ୍ର ଉପଯୋଗୀ ସ୍ଥଳପଥ ଥିଲା। ଏଣୁ ଯେଉଁ ରାଜାମାନେ ଏହାକୁ ଦଖଲ କରୁଥିଲେ ସେମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ।

ବିଦେଶୀ ଆକ୍ରମଣକାରୀଙ୍କୁ ପରାସ୍ତ କରିଥିବା ରାଜା ବିକ୍ରମାଦିତ୍ୟଙ୍କ ନାମାନୁସାରେ ବିକ୍ରମ ସମ୍ବତ ନାମ



ହୋଇଥିବା ବିଶ୍ୱାସ କରାଯାଏ। ସେହିଭଳି ସାକ ସମ୍ବତର ସମ୍ପର୍କ ରାଜା ଶାଳିବାହାନଙ୍କ ସହ ଥିବା କୁହାଯାଏ, ଯିଏ ବିଦେଶୀ ସାକ କିମ୍ବା ସ୍କିଥିଆନ ଆକ୍ରମଣକାରୀଙ୍କୁ ଦେଶରୁ ତଡ଼ିଦେଇଥିଲେ। ତେବେ ସେହି ସମୟରେ କେଉଁମାନେ ବିଦେଶୀ ଆକ୍ରମଣକାରୀ ଥିଲେ? ସେତେବେଳେ ଭାରତରେ ଘୋଡ଼ା ନ ଥିବାରୁ ବହୁ ସମୟରେ ତାହାକୁ କେନ୍ଦ୍ର ଏସିଆରୁ ଅଣାଯାଉଥିଲା। ଅନେକ କେନ୍ଦ୍ର ଏସୀୟ ଆଦିବାସୀମାନେ ଭାରତକୁ ଘୋଡ଼ା ଆଣୁଥିଲେ ଏବଂ ଏଠାକାର ଶାସନର ପତନ ଘଟାଇ ଭାରତୀୟ ବାଣିଜ୍ୟ ପଥକୁ ଦଖଲ କରୁଥିଲେ। ସାକମାନେ ଆରାବଳୀ ଅଞ୍ଚଳର ଅଧିକାଂଶ ଭାଗକୁ ନିୟନ୍ତ୍ରଣକୁ ନେଇଥିଲେ ଏବଂ ପାଖାପାଖି ଖ୍ରୀଷ୍ଟପୂର୍ବ ୧୦୦ରେ ଭାରତକୁ ଆସିଥିଲେ। ସେହିଭଳି କୁଶାଣମାନେ ଗାଙ୍ଗେୟ ବାଣିଜ୍ୟପଥର ଅନେକ ଅଂଶକୁ ନିୟନ୍ତ୍ରଣକୁ ନେଇ ଖ୍ରୀଷ୍ଟାବ୍ଦ ୧୦୦ବେଳକୁ ଭାରତରେ ପ୍ରବେଶ କରିଥିଲେ।

ପୁରାତନ କିମ୍ବଦନ୍ତୀ ବା ଲୋକକଥା ଅନୁଯାୟୀ, ଜୈନ ସନ୍ନ୍ୟାସୀ କଳକାଚାର୍ଯ୍ୟଙ୍କ ଭଉଣୀ ଥିଲେ ଜଣେ ଜୈନ ସନ୍ନ୍ୟାସିନୀ। ତାଙ୍କୁ ଉଜ୍ଜୟିନୀର ରାଜା ଗଡ଼ଭିଲ୍ଲା ଅପହରଣ କରିଥିବାରୁ କଳକାଚାର୍ଯ୍ୟ ତାଙ୍କ ଉପରେ କ୍ରୋଧ ପ୍ରକଟ କରିଥିଲେ। ଉଜ୍ଜୟିନୀ ଆକ୍ରମଣ କରିବା ସକାଶେ କଳକାଚାର୍ଯ୍ୟ ସାକ ରାଜାଙ୍କ ସାହାଯ୍ୟ ଲୋଡ଼ିଥିଲେ। ସେ ଏହା ପାଇବା ପରେ ଗଡ଼ଭିଲ୍ଲାଙ୍କୁ ପରାସ୍ତକରି ତାଙ୍କ ଭଉଣୀକୁ ଉଦ୍ଧାରକରିଥିଲେ। ପରେ ସାକମାନେ ଉଜ୍ଜୟିନୀ ଦଖଲକରି ତାହାର ଶାସକ ପାଲଟିଗଲେ ଏବଂ ଗଡ଼ଭିଲ୍ଲାଙ୍କୁ ନିର୍ବାସନରେ ପଠାଇଦେଲେ। ପରେ ତାଙ୍କର ଜଙ୍ଗଲରେ ମୃତ୍ୟୁ ଘଟିଥିଲା ଓ ତାଙ୍କୁ ଗୋଟିଏ ବାଘ ଖାଇଦେଇଥିବା କୁହାଯାଏ। ତାଙ୍କ ପୁତ୍ର ବିକ୍ରମାଦିତ୍ୟ ଧୀରେ ଧୀରେ ବଡ଼ ହେବାକୁ ଲାଗିଲେ ଏବଂ ସାକ ରାଜାଙ୍କୁ ପରାସ୍ତକରି ଉଜ୍ଜୟିନୀରୁ ତଡ଼ିଦେଇ ବିକ୍ରମ ସମ୍ବତ ପ୍ରତିଷ୍ଠା କରିଥିଲେ। ହେଲେ ଏହି ପ୍ରାଚୀନ ଲୋକକଥାର କୌଣସି ଐତିହାସିକ ପ୍ରମାଣ ନାହିଁ, କିନ୍ତୁ ଏହା ଲୋକପ୍ରିୟ ଜୈନ ପୁରାଣର ଏକ ଅଂଶ ହୋଇରହିଛି। ଅନେକ ଦକ୍ଷିଣ ଭାରତୀୟ ଗବେଷକ ବିଶ୍ୱାସ କରନ୍ତି ଯେ, ସାକ କ୍ୟାଲେଣ୍ଡର ଶାଳିବାହାନଙ୍କ ନାମାନୁସାରେ ହୋଇଛି, ଯିଏ କି ବିକ୍ରମାଦିତ୍ୟଙ୍କ ଭଳି ପ୍ରତିଷ୍ଠାନରୁ ସାକମାନଙ୍କୁ ବିତାଡ଼ିତ କରିଥିଲେ। ସାତବାହାନ ରାଜବଂଶ ଶାସନ ଅଧୀନରେ ଶାଳିବାହାନ ଥିଲେ। ଏହା ପ୍ରଥମେ ୯ମ ଶତାବ୍ଦୀରେ ଶିଳାଲେଖରେ ସ୍ଥାନ ପାଇଥିଲା ଏବଂ ପ୍ରାୟ ଏହି ସମୟରେ ବିକ୍ରମାଦିତ୍ୟ ଓ ଶାଳିବାହାନଙ୍କ କାହାଣୀ ସବୁ କିମ୍ବଦନ୍ତୀ ସମ୍ବଳିତ ପୁସ୍ତକ ବିକ୍ରମାଦିତ୍ୟ ପଚିଶି ଏବଂ ସିଂହାସନ ବତିଶି ମାଧ୍ୟମରେ ସାମ୍ନାକୁ ଆସିଥିଲା। ଅବଶ୍ୟ, ତିନି ରାଜା ଯଥା ବିକ୍ରମାଦତ୍ୟ, ଶାଳିବାହାନ ଓ ଭୋଜଙ୍କ ସମ୍ପର୍କରେ ସୂଚିତ କରାଯାଇଛି, ଯେଉଁମାନଙ୍କର କେନ୍ଦ୍ରୀୟ ଭାରତର ଉଜ୍ଜୟିନୀ ଓ ପୈଠଣ ମଧ୍ୟରେ ଥିବା ଅଞ୍ଚଳ ସହ ସମ୍ପର୍କ ରହିଛି। ଏହିସବୁ କାହାଣୀରେ ଦର୍ଶଯାଇଛି, ବିକ୍ରମାଦିତ୍ୟଙ୍କୁ ଶାଳିବାହାନ ହତ୍ୟା କରିଥିଲେ। ଶାଳିବାହାନ ନାଗରାଜା ବସୁକି ଓ କୁମ୍ଭାର କନ୍ୟାଙ୍କ ଅଲୌକିକ ସନ୍ତାନ ଥିଲେ ବୋଲି କୁହାଯାଇଛି।

ଆଉ ଏକ ଗ୍ରନ୍ଥରେ କୁହାଯାଇଛି ଯେ, ଶାଳିବାହାନ ମାଟି କଣ୍ଢେଇକୁ ବ୍ୟବହାରକରି ଏକ ସେନା ଗଢ଼ିଥିଲେ, ଯାହାକୁ ନାଗମାନେ ଆଲୌକିକ ଶକ୍ତି ଯୋଗାଉଥିଲେ। ଏହି କାହାଣୀରେ ସେ ବିକ୍ରମାଦିତ୍ୟଙ୍କୁ ସାହାଯ୍ୟ କରିବା କଥା ବର୍ଣ୍ଣନା କରାଯାଇଛି। ଭବିଷ୍ୟ ପୁରାଣ (୧୫୦୦ ଶତାବ୍ଦୀ ପରେ ରଚନା କରାଯାଇଛି)ରେ ଶାଳିବାହାନଙ୍କୁ ବିକ୍ରମାଦିତ୍ୟଙ୍କ ନାତି ବୋଲି କୁହାଯାଇଛି। ଏଥିରେ ମଧ୍ୟ ବର୍ଣ୍ଣନା ରହିଛି ଯେ, ବିକ୍ରମାଦିତ୍ୟ ଯିଶୁଙ୍କ ଏକ ବାଣୀକୁ ଏବଂ ଶାଳିବାହାନ ମହମ୍ମଦଙ୍କୁ ବିରୋଧ କରିଛନ୍ତି। ଦେଖିବାକୁ ଗଲେ ଆଶ୍ଚର୍ଯ୍ୟର କଥା ହେଉଛି, ଯିଶୁ ଓ ମହମ୍ମଦଙ୍କ ମଧ୍ୟରେ ପାଖାପାଖି ୬୦୦ ବର୍ଷର ଅନ୍ତର ରହିଛି ଏବଂ ଏଭଳି ଯୁକ୍ତିର ବିଶ୍ୱସନୀୟତା ଉପରେ ଏହା ସନ୍ଦେହ ସୃଷ୍ଟିକରିଛି। ଏଥିରୁ ବୁଝାପଡୁଛି, ଏସବୁ ହେଉଛି କାଳ୍ପନିକ କାହାଣୀ ଏବଂ ସମ୍ଭବତଃ ୧୦ ଶତାବ୍ଦୀରେ ଉଜ୍ଜୟିନୀରେ ରହୁଥିବା ଜଣେ ସାହିତ୍ୟପ୍ରେମୀ ତଥା ଜ୍ଞାନୀ ରାଜା ମିହିର ଭୋଜଙ୍କ ସମୟରେ ଏହା ରଚନା କରାଯାଇଛି। କୁହାଯାଏ, ସେ ବିକ୍ରମାଦିତ୍ୟଙ୍କ ସିଂହାସନ ଆବିଷ୍କାର କରିଥିଲେ ଏବଂ ନିଜକୁ ତାଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀ ଭାବେ ବିବେଚନା କରୁଥିଲେ। ସମ୍ଭବତଃ ସେ ଶାଳିବାହାନଙ୍କ କାହାଣୀଗୁଡ଼ିକ ରଚନା କରିଥିଲେ। ଏଣୁ ଶଳିବାହାନ, ବିକ୍ରମାଦିତ୍ୟ ଏବଂ ଭୋଜଙ୍କ ପୌରାଣିକ ଲୋକକଥାଗୁଡ଼ିକ ସମ୍ଭବତଃ ୮ମ ଶତାବ୍ଦୀ ପାଖାପାଖି ସମୟରେ ସୃଷ୍ଟି କରାଯାଇଛି, ଯେଉଁଥିରେ ତାହାର ୭୦୦ରୁ ୮୦୦ ବର୍ଷ ପୂର୍ବେ ଘଟିଥିବା ଘଟଣାଗୁଡ଼ିକୁ ସାମ୍ନାକୁ ଅଣାଯାଇଛି। ତେବେ ସାକ ଓ ବିକ୍ରମ କ୍ୟାଲେଣ୍ଡ କିଏ ଆରମ୍ଭ କରିଥିଲେ ତାହା ଆମେ କେବେ ବି ଜାଣିପାରିବା ନାହିଁ। ସେଗୁଡ଼ିକର ଐତିହାସିକ ଆଧାର ଦୀର୍ଘଦିନରୁ ପୌରାଣିକ କିମ୍ବଦନ୍ତୀଗୁଡ଼ିକର ପ୍ରଚ୍ଛଦରେ ରହିଯାଇଛି। ଏଣୁ ଏହି ଲୋକ କାହାଣୀଗୁଡ଼ିକ ଉପରେ ଅନୁଧ୍ୟାନ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

–devduttofficial@gmail.com

# ଆଜିକା ଘର

ସତ୍ୟନାରାୟଣ ବେହୁରୀ

ଆଜିକା ଘର ସମ୍ପୂର୍ଣ୍ଣ ଅଲଗା। କମ୍ ଜାଗାରେ ଏକାଧିକ ମହଲା ବିଶିଷ୍ଟ ଘର ସବୁ ତିଆରି ହେଉଛି। ଘରଗୁଡ଼ିକର ଆୟତନ କମ କିନ୍ତୁ ଉଚ୍ଚତା ଅଧିକ। ଆଉ କୌଣସି ଘରେ ଅଗଣା ଖୋଜିଲେ ମିଳିବ ନାହିଁ କି ବାରିପଟ ଖୋଜିଲେ ମିଳିବ ନାହିଁ। ଘର ଭିତରେ ରହିଛି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଗାଧୁଆ ଘର ଓ ପଇଖାନା ଘର ବାଲକୋନୀ। ପ୍ରଯୁକ୍ତିବିଦ୍ୟାମୂଳକ ଭାବରେ ଘର ତିଆରି ହେଉଛି। ଘର ତିଆରି ପାଇଁ ବିଭିନ୍ନ ବ୍ୟାଙ୍କ ଲୋନ ଦେଉଥିବାରୁ କମ୍ ରୋଜଗାରରେ ମଧ୍ୟ ଭଲ ଘର କରିବା ସମସ୍ତଙ୍କର ସଉକରେ ପରିଣତ ହୋଇଗଲାଣି। ଅଜିକାଲି ସହରଗୁଡ଼ିକରେ ଟିକିଏ ବର୍ଷାହେଲେ କୃତ୍ରିମ ବନ୍ୟା ହେଉଛି। ଏହାର କାରଣ ଡ୍ରେନଗୁଡ଼ିକୁ ନିଜ ଦଖଲକୁ ନେଇ ତା'ଉପରେ ଘର ତିଆରି କରିଦେବା। ନିଜ ଅପକର୍ମର ଫଳ ମଣିଷ ନିଜେ ଭୋଗ କରୁଛି। ଘର ତିଆରି ଉପକରଣସବୁ ରାସ୍ତାର ଉଭୟ ପାର୍ଶ୍ୱରେ ଜମା କରି ରଖିବା ଏକ ଅଭ୍ୟାସରେ ପରିଣତ ହେଲାଣି।

ସହର ନୁହେଁ ଗାଁ ଗହଳିରେ ମଧ୍ୟ ଏହି ଚିତ୍ର ଦେଖିବାକୁ ମିଳୁଛି। ଗାଁଗୁଡ଼ିକରେ ଲୋକମାନେ ଗାଁ ଦାଣ୍ଡକୁ ଜବରଦଖଲ କରି ଘରଗୁଡ଼ିକ ଆଗକୁ ଆଗକୁ ବଢ଼ାଇ ଦେଉଛନ୍ତି। ଫଳରେ ଗାଁ ଦାଣ୍ଡ କ୍ରମଶଃ ସଂକୀର୍ଣ୍ଣ ହୋଇଯାଉଛି। ରୋଗୀ ଆଣିବାକୁ ଯାଉଥିବା ୧୦୮ ଆମ୍ବୁଲାନ୍ସକୁ ଫିବା ଆସିବାରେ ସମସ୍ୟା ଦେଖାଯାଉଛି। ଆଜକୁ ୨୦ବର୍ଷ ତଳେ ଯେଉଁ ସ୍ଥାନଗୁଡ଼ିକ ଅବ୍ୟବହୃତ ହୋଇ ପଡିରହିଥିଲା, ଆଜି ସେହି ସ୍ଥାନରେ ଅନେକ ଘର ତୋଳାସରିଲାଣି। ଯେଉଁ ମଶାଣିକୁ ଯିବାକୁ ଭୟ ଲାଗୁଥିଲା ଏବେ ତାହା ଜନଗହଳି ପୂର୍ଣ୍ଣ ସ୍ଥାନ ପାଲଟି ଗଲାଣି। ବିଦ୍ୟାଳୟ, ମନ୍ଦିର ଇତ୍ୟାଦି ସ୍ଥାନକୁ ମଧ୍ୟ ଲୋକମାନେ କୋଳାହଳମୟ ସ୍ଥାନରେ ପରିଣତ କରିସାରିଲେଣି। ସାଧାରଣତଃ ଏହି ସ୍ଥାନଗୁଡ଼ିକ ଜନଗହଳିଠାରୁ ଦୂରରେ ରହିଥାଏ। କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଫଳରେ ଲୋକମାନଙ୍କର ଘର ତିଆରି କରିବାର ଆବଶ୍ୟକତା ବଢ଼ିଯାଉଛି। ଫଳରେ ସବୁ ସ୍ଥାନ ଲୋକମାନଙ୍କ କବ୍‌ଜାକୁ ଚାଲିଯାଉଛି। ଏହା ଯେତିକି ଭଲ ସେତିକି ବିପଦପୂର୍ଣ୍ଣ ମଧ୍ୟ। ଅନେକ ସମୟରେ ବିଭିନ୍ନ ରାସ୍ତା ଦୁର୍ଘଟଣା ମଧ୍ୟ ଘଟିଥାଏ। ମୁଖ୍ୟ ରାସ୍ତାକଡ଼ରେ ଘର ଯାତାୟାତ କିମ୍ବା ବ୍ୟବସାୟିକ ଦୃଷ୍ଟିରୁ ଭଲ ହୋଇଥିଲେ ମଧ୍ୟ ଦୁର୍ଘଟଣାକୁ ବିଦାକୁ ଦେବା ଭଳି।

ବର୍ତ୍ତମାନ ବଡ଼ ବଡ଼ ସହରରେ ଜବର ଦଖଲ ଏକ ମୁଖ୍ୟ ସମସ୍ୟା ହୋଇଛି। ଜଣଙ୍କର ଜାଗାକୁ ଆଉ ଜଣେ ଜୋରକରି ଦଖଲ କରିନେଇ ଯାଉଛନ୍ତି। ସେଠାରେ ଘର ତିଆରି କରିଦେଉଛନ୍ତି। ଏଥିପାଇଁ ଅନେକ ସମୟରେ ବହୁତ ଜଘନ୍ୟ ଅପରାଧ ମଧ୍ୟ ଘଟୁଛି। ସାମାନ୍ୟ ଟିକିଏ ଜାଗା ପାଇଁ ହଣାକଟା ହୋଇ ଆଇନକୁ ହାତକୁ ନେଉଛନ୍ତି। ଜୋର ଯାର ମୁଲକ ତା'ର ନ୍ୟାୟରେ ଜବର ଦଖଲ ହେଉଛି ଓ ଘର ତୋଳା ଚାଲିଛି। ଏହି ଜବର ଦଖଲ ସମସ୍ୟାକୁ ଆଖିଆଗରେ ରଖି କେତେକଣ ଲୋକ ଆଉ ଜାଗା ନ କିଣି ସିଧାସଳଖ ଘର କିଣି ନେଉଛନ୍ତି। ଏହା ସବୁଠାରୁ ନିରାପଦ। ବଡ଼ ବଡ଼ ବିଲ୍ଡରମାନଙ୍କଠାରୁ ସିଧାସଳଖ ଘର କିଣି ରହୁଛନ୍ତି। ଅବଶ୍ୟ ଏହା ନିଜ ପସନ୍ଦ ଯୋଗ୍ୟ ହୋଇ ନ ପାରେ କିନ୍ତୁ ଅଧିକ ନିରାପଦ ହୋଇଥାଏ।

ଆଜିକାଲି ଘରଟିଏ ତିଆରି କଲେ କିମ୍ବା କିଣିଲେ ବାସ୍ତୁ ଅନୁସାରେ ସବୁ ତିଆରି କରାଯାଉଛି। ବାସ୍ତୁ ବିଶାରଦମାନଙ୍କ ସହ ଯୋଗାଯୋଗ କରି ଘର ତିଆରି କରାଯାଉଛି। ଆଗରୁ କିନ୍ତୁ ଏସବୁ ଦେଖାଯାଉ ନ ଥିଲା। ଆମର ପୂର୍ବପୁରୁଷମାନେ ଯେଉଁ ଘର ତିଆରି କରୁଥିଲେ ସେମାନେ କୌଣସି ବାସ୍ତୁଶାସ୍ତ୍ରର ବିଚାର କରୁ ନ ଥିଲେ। ସେତେବେଳେ ତ କିଛି ଅସୁବିଧା ହେଉ ନ ଥିଲା? ଏବେ କିନ୍ତୁ ବାସ୍ତୁ ଅନୁସାରେ ଘର ନ କଲେ ମନ ଭିତରେ ଗୋଟିଏ ଆଶଙ୍କା ସୃଷ୍ଟି ହେଉଛି। କିଛି ଅସୁବିଧା ହେଲେ,ସିଧାସଳଖ ବାସ୍ତୁଦୋଷ ଆଡକୁ ମନ ପଳାଉଛି। ସବୁବେଳେ ନିଜକୁ ଯାହା ଭଲ ଲାଗେ, ଯାହା ସମସ୍ତଙ୍କ ପାଇଁ ସୁବିଧାଜନକ, ସେହି ଅନୁସାରେ ଘର ତିଆରି କଲେ କିଛି ବି ଅସୁବିଧା ହୋଇ ନ ଥାଏ। ଘର ଏକ ସ୍ଥାୟୀ ଜିନିଷ ହୋଇଥିବାରୁ ଭଲ ଭାବରେ ମଜଭୁତକରି ତିଆରି କରିବା ଭଲ। ଘରର ମୂଳଭିତ୍ତିକୁ ମଜଭୁତ କଲେ, ଘର ସୁଦୃଢ଼ ହୋଇଥାଏ। ଆଗାମୀ ୧୦୦ବର୍ଷକୁ ଆଖିଆଗରେ ରଖି ଘରଟିଆରି କରିବା ଠିକ୍ ହେବ।

ରାଧାନଗର, ବୌଦ୍ଧ
ମୋ: ୯୯୩୮୭୫୮୩୫୩

## ଏଇ ଭାରତରେ

ଉତ୍ତର ପ୍ରଦେଶର ପୂର୍ବତନ ବୈଜ୍ଞାନିକ କାମିନୀ ସିଂ ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସେ ସଜନା ଚାଷ କରିବା ସହ ଅନ୍ୟମାନଙ୍କୁ ଏହି ଚାଷ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। କାମିନୀ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସବ୍‌ଟ୍ରପିକାଲ ହର୍ଟିକଲଚର(ସିଆଇଏସ୍‌ଏଚ୍) ଏବଂ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିସିନାଲ ଆଣ୍ଡ ଆରୋମାଟିକ୍‌ପ୍ଲାଣ୍ଟସ୍(ସିଆଇଏମଏପି)ରେ ବୈଜ୍ଞାନିକ ଭାବେ ୧୭ ବର୍ଷ କାମ କରିବା ପରେ ତାହାକୁ ଛାଡ଼ି ସଜନା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୭ରେ ଲକ୍ଷ୍ନୌରେ ୭ ଏକର ଜମି ଲିଜରେ ନେଇ ସଜନା ଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଡ. ମର୍ନିଙ୍ଗା ପ୍ରାଇଭେଟ୍ ଲିମିଟେଡ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ସଜନାରୁ ୨୨ ପ୍ରକାର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଏବଂ ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ଚାଷରେ ଯୋଡ଼ିସାରିଲେଣି। ତାଙ୍କ କମ୍ପାନୀ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ(ଏଫପିଓ) ଏହି କୃଷକମାନଙ୍କୁ ସବୁପ୍ରକାର ସହଯୋଗ କରିଆସୁଛନ୍ତି। କୃଷକମାନେ ସେମାନଙ୍କ ଉତ୍ପାଦକୁ ଡକ୍ଟର ମର୍ନିଙ୍ଗା ପ୍ରାଇଭେଟ୍ କମ୍ପାନୀକୁ ଦେଇ ଅଧିକ ଲାଭ ପାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୭୬

- ରାଜ୍ୟର ବିଦ୍ୟୁତ୍ ବୋର୍ଡ ୧୦୦ କୋଟି ଟଙ୍କା ସାଧାରଣ ଋଣ ଉଠାଇ ପାରିବ ବୋଲି ରାଜ୍ୟ ବିଧାନସଭା ଅନୁମୋଦନ କରିଛନ୍ତି।
- ଗ୍ରାମ୍ୟ ଗୃହନିର୍ମାଣ ଯୋଜନା ନିମନ୍ତେ ବ୍ୟକ୍ତିବିଶେଷଙ୍କୁ ଋଣ ଦେବା ନିମନ୍ତେ ରାଜ୍ୟ ଗୃହ ନିର୍ମାଣ ବିଭାଗ ୧୧,୧୧୦୦୦ ଟଙ୍କା ମଞ୍ଜୁର କରିଛନ୍ତି।
- ପୂର୍ବତନ ବୈଦେଶିକ ସେକ୍ରେଟାରୀ କେୱଲ ସିଂହଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତର ନୂତନ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 2 | | | | |
| | | 6 | | 7 | 1 | 3 | | |
| | | | 3 | | | | | 9 |
| | | 5 | | | | | | |
| 8 | | 4 | | | 6 | | 5 | |
| | | | | | | 1 | | |
| | | | 6 | 5 | | | 9 | |
| | 6 | 2 | 7 | | | | | 4 |
| 3 | | 1 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 4 | 6 | 1 | 2 | 8 | 7 | 3 |
| 1 | 7 | 3 | 5 | 8 | 4 | 9 | 2 | 6 |
| 2 | 6 | 8 | 3 | 9 | 7 | 4 | 1 | 5 |
| 8 | 1 | 5 | 4 | 6 | 9 | 7 | 3 | 2 |
| 3 | 2 | 6 | 7 | 5 | 8 | 1 | 9 | 4 |
| 4 | 9 | 7 | 1 | 2 | 3 | 5 | 6 | 8 |
| 7 | 3 | 1 | 8 | 4 | 6 | 2 | 5 | 9 |
| 6 | 4 | 9 | 2 | 7 | 5 | 3 | 8 | 1 |
| 5 | 8 | 2 | 9 | 3 | 1 | 6 | 4 | 7 |

ଗତକାଲିର ଉତ୍ତର

# ଜେନ୍ ଜେଡ୍

ଡ. ଦ୍ୟୁତି ଚନ୍ଦ୍ର ସାହୁ

ଜେନ୍ ଜେଡ୍ ଆଜିକାର ସାଂସ୍କୃତିକ, ସାମାଜିକ ଏବଂ ଆର୍ଥିକ ଭୂ-ରାଜନୀତିକୁ ହଲାଇବାରେ ଲାଗିଛି। ସେମାନେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି, ଗୁରୁତ୍ୱପୂର୍ଣ୍ଣ ସାମାଜିକ ପରିବର୍ତ୍ତନ ଏବଂ କ୍ରମାଗତ ଭାବରେ ବର୍ଦ୍ଧିଷ୍ଣୁ ବିଶ୍ୱ ସଂଯୋଗ ଦ୍ୱାରା ପରିଭାଷିତ ପରିବେଶରେ ବଢ଼ିଛନ୍ତି। ନବେ ଦଶକର ଶେଷ ଏବଂ ୨୦୧୦ ଦଶକର ପ୍ରାରମ୍ଭ ମଧ୍ୟରେ ଜନ୍ମିତ ଶିଶୁମାନେ ଏକ ଡିଜିଟାଲ୍-ପ୍ରଥମ ବିଶ୍ୱରେ ବିତାଇଛନ୍ତି। ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ତୁରନ୍ତ ଯୋଗାଯୋଗ ସେମାନଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇପଡ଼ିଛି। ୨୦୨୫ ବେଳକୁ ସେମାନେ ପ୍ରାରମ୍ଭିକ କିଶୋର ଅବସ୍ଥାକୁ ଯାଉଛନ୍ତି। ଆଉ କିଛି ଏବେ ଯୁବାବସ୍ଥାରେ। ଏଇ ଯୁଗର ଝୁଆଙ୍କ ଭିତରେ ପ୍ରମୁଖ ଦର୍ଶନ ହେଲା ନାଗରିକତା। ତାହା ବି ଭିନ୍ନ ଢଙ୍ଗରେ ଆପଣେଇବା ଏବଂ ପ୍ରଦର୍ଶିତ କରିବାର ମୋହ। ଏମାନଙ୍କୁ ଅନେକେ ହୁଏତ କହିପାରନ୍ତି ସଂସ୍କୃତି ବିରୋଧୀ, ଉଦ୍ଧତ ଓ ଉଚ୍ଛୃଙ୍ଖଳିତ ଚରିତ୍ର ଯୁଆ। କିନ୍ତୁ ଏ କଥାକୁ ଗ୍ରହଣ କରା ନ ଯାଇପାରେ। ସେମାନେ ସଂସ୍କୃତି ଓ ପରମ୍ପରାପ୍ରେମୀ। କିନ୍ତୁ ଗତାନୁଗତିକ ପାରମ୍ପରିକ ଧାରାକୁ ଗ୍ରହଣ ନକରି ତାକୁ ଟିକେ ନୂଆ ରୂପ ଦେଇ ଗ୍ରହଣ କରିବାରେ ସେମାନେ ସିଦ୍ଧହସ୍ତ। ଜେନ୍ ଜେଡ୍ ହେଉଛି ପ୍ରଥମ ପ୍ରକୃତ ଡିଜିଟାଲ୍ ନେଟିଭ୍ ପିଢ଼ି, ଯିଏ ଇଣ୍ଟରନେଟ ସହିତ ବଞ୍ଚିଛନ୍ତି। ସେମାନେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା ଦେଇ ଆସୁଛନ୍ତି।

ପ୍ରକୃତ, ପ୍ରାମାଣିକ ଅଭିଜ୍ଞତା ଖୋଜନ୍ତି ଏବଂ ସେସବୁକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ପ୍ରତିଫଳିତ କରିବାକୁ ଚେଷ୍ଟା କରିଥାନ୍ତି। ଲାଭ ବ୍ୟତୀତ ସ୍ପଷ୍ଟ ଉଦ୍ଦେଶ୍ୟ ଥିବା ସଂଗଠନ ସହିତ ଜଡ଼ିତ ହେବା ଏବଂ ସମର୍ଥନ କରିବାକୁ ଅଧିକ ପସନ୍ଦ କରନ୍ତି। ବିଶେଷକରି ସ୍ଥିରତା ଏବଂ ସାମାଜିକ ମଙ୍ଗଳ ସମ୍ବନ୍ଧୀୟ କାର୍ଯ୍ୟ ପ୍ରତି ବେଶ୍ ସଚେତନ। ଜେନ୍ ଜେଡ୍ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ସମର୍ଥନ କରୁଥିବା ଏବଂ ସଂସ୍କୃତିକୁ ପ୍ରାଥମିକତା ଦେଇ କର୍ମକ୍ଷେତ୍ର ଆଶାକୁ ବଢ଼ୁଛନ୍ତି କରିଥାନ୍ତି। ପାରମ୍ପରିକ ପ୍ରଥା ଏବଂ ରୁଢ଼ିବାଦ ସଂସ୍କୃତିକୁ ହ୍ରାସ କରିବାକୁ ଚେଷ୍ଟା କରିଥାନ୍ତି। ସେମାନେ କାମ ବିଷୟରେ ବାସ୍ତବବାଦୀ। ଆର୍ଥିକ ସ୍ଥିରତା ଓ ସ୍ୱାଧୀନତା ସଂଚୟ ଏବଂ ନିବେଶ କରିବାରେ ପାରଦର୍ଶିତା ହାସଲ କରିଛନ୍ତି। ବିଶ୍ୱ ମାନ୍ଦାବସ୍ଥାବେଳେ ଜନ୍ମିତ ହୋଇଥିବାରୁ ବାଲ୍ୟାବସ୍ଥାରେ ଅଭିଭାବକଙ୍କ ଆର୍ଥିକ ସ୍ଥିତିକୁ ପଢ଼ିଛନ୍ତି। ସେଭଳି ସମୟ ଦେଇ ନିଜ ଜୀବନକୁ ପରିଚାଳିତ କରିବାକୁ ଆଗ୍ରହ ପ୍ରକଟ କରନ୍ତି। ଟଙ୍କା ସହିତ ବହୁତ ଚତୁର। ୫୯ ପ୍ରତିଶତରୁ ଅଧିକ ଏଇ ଯୁଗର ପିଲା ଟଙ୍କା ସଞ୍ଚୟ କରିବା ପାଇଁ ଯୋଜନା କରନ୍ତି ଏବଂ ଅନ୍ୟ ପିଢ଼ିକୁ ପଛରେ ପକାଇଛନ୍ତି। ନିବେଶ କ୍ଷେତ୍ରରେ ସେମାନେ ଅନ୍ୟ ପିଢ଼ିଠାରୁ ବହୁ ଆଗରେ। ସେହିପରି ଏକ ପରିସଂଖ୍ୟାନ ଅନୁସାରେ ଜେନ୍ ଜେଡ୍ ବିବାହିତଙ୍କ ସଂଖ୍ୟାରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି ଏବଂ କିଶୋରଙ୍କ ସଂଖ୍ୟାରେ ୨୩ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି ୧୯ ପ୍ରତିଶତ ବର୍ତ୍ତମାନ କାର୍ଯ୍ୟକ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣକାରୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ୩୧ ପ୍ରତିଶତ ଜେନ୍ ଜେଡ୍ ଯୁବକ ଆଗାମୀ ଛଅ ମାସରେ ଏକ ନୂତନ ଚାକିରି ଖୋଜିବା ଲୟରେ ରହିଥାନ୍ତି। ସେମାନେ ଗୋଟିଏ ସ୍ଥାନରେ ସ୍ଥାଣୁ ହୋଇ କାମ କରିବାକୁ ପସନ୍ଦ କରନ୍ତିନି। କାର୍ଯ୍ୟ-ଜୀବନ ସନ୍ତୁଳନକୁ ଗୁରୁତ୍ୱ ଦିଅନ୍ତି ଏବଂ ସେମାନଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଏବଂ ଲକ୍ଷ୍ୟ ସହିତ ସଙ୍ଗତି



ଚାକିରି ଖୋଜିଥାନ୍ତି। କର୍ମରେ ପ୍ରତିବଦ୍ଧତା ପ୍ରଦର୍ଶନ ସହ ନିଜସ୍ୱ ଅଭିବୃଦ୍ଧି ଏବଂ ସନ୍ତୋଷକୁ ପ୍ରାଧାନ୍ୟ ଦେଇଥାନ୍ତି। ଏହି କାରଣରୁ ଲକ୍ଷ୍ୟ ପ୍ରାପ୍ତି ପାଇଁ ନିଜକୁ ସବୁବିଗରୁ ଫିଟ୍ କରିବାକୁ ସର୍ବଦା ଚେଷ୍ଟିତ। ଏଇ ପିଢ଼ିର ପିଲା ପରିବେଶ ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସୋସିଆଲ ମିଡିଆରେ ଆନ୍ଦୋଳନକୁ ବ୍ୟାପକ କରିଥାନ୍ତି ଏବଂ ପ୍ରଭାବୀ ଢଙ୍ଗରେ ଉପସ୍ଥାପନା କରିଥାନ୍ତି। କାମବେଳେ ଧୂମ୍ର କାମ ଏବଂ ଅବସର ସମୟରେ ଦୁଃସାହସିକ ଯାତ୍ରା, ପରିଭ୍ରମଣ, ସମାଜସେବା ପ୍ରତି ବିଶେଷ ରୁଚି ରଖନ୍ତି। ନିଜ ଉପାର୍ଜନର କିଛି ଅର୍ଥ ସାମାଜିକ ସେବାରେ ବ୍ୟୟ ଲାଗି ବି ପଛଘୁଞ୍ଚା ଦିଅନ୍ତିନି। ଏହା ଏକ ଶୁଭ ସଂକେତ। ଜେନ୍ ଜେଡ୍ ଭିତରେ ବଡ଼ ଆତ୍ମଚେତନା କଥା ହେଲା ସେମାନେ ଅଧିକତର ଚିନ୍ତାର ଶିକାର ହୁଅନ୍ତି। ପୂର୍ବ ପିଢ଼ି ଅପେକ୍ଷା ଅଧିକ ବ୍ୟବହାରିକ ଏବଂ ଶୀଘ୍ର ପରିପକ୍ୱ ହୋଇଥିଲେ ବି ମାନସିକ ସ୍ୱାସ୍ଥ୍ୟ ଏବେ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଅଳ୍ପ ନିଦ୍ରା, କମ୍ ଆହାର, ବାହାର ଖାଦ୍ୟ ପ୍ରତି ରୁଚି, ମନ ଓ ଶରୀରକୁ ଥକ୍କା ମେଣ୍ଟାଇବା ଲାଗି ସୁଯୋଗ ନ ଦେବା ଏବଂ ସର୍ବୋପରି ଅଭିଭାବକଙ୍କଠାରୁ ଦୂରରେ ଏକାକୀ ଜୀବନ ବିତେଇବା ଯୋଗୁ ଏ ଯୁଗର ପିଲାଙ୍କ ଭିତରେ ମାନସିକ ଅସୁସ୍ଥତା ଅଧିକ। ଏହି ପିଢ଼ି ଯେତେବେଳେ କୌଣସି ସମସ୍ୟାର ସମାଧାନ କରିବାରେ କିମ୍ବା କିଛି ଗବେଷଣା କରିବାରେ ଅଥବା ଏକ କଠିନ ଧାରଣା ପାଇବାରେ ଆବଶ୍ୟକ କରନ୍ତି ସେତେବେଳେ ଗୁରୁଜନଙ୍କ ପ୍ରତି ଆସ୍ଥା ଅପେକ୍ଷା ଏଆଇ ଆଡ଼କୁ ମୁହାଁଇଥାନ୍ତି। ସେମାନଙ୍କର ଦୃଢ଼ ଧାରଣା ମାତାପିତା ଗୁରୁଜନଙ୍କୁ ଜଣାଇ ଗାଳି ଶୁଣିବା ଅପେକ୍ଷା ଏଆଇରୁ ସମାଧାନ ଖୋଜିବା ବରଂ ଭଲ। ଏହି କାରଣରୁ ଅନେକ ସମୟରେ ଅଦରକାରୀ ସିଦ୍ଧାନ୍ତ ନେଉଛନ୍ତି, ଯାହା ଜୀବନକୁ ବିପନ୍ନ କରି ଦେଉଥାଏ।

ସେମାନଙ୍କର ବଡ଼ ଧାରଣା ଏବଂ ବଡ଼ ଲକ୍ଷ୍ୟ ଅଛି। ତା ସହିତ ସେମାନେ ଯେଉଁ ବିଶ୍ୱରେ ପାଦ ଦେଉଛନ୍ତି ସେ ବିଷୟରେ ବାସ୍ତବବାଦୀ ମଧ୍ୟ। ଏସବୁ ସତ୍ତ୍ୱେ ସେମାନଙ୍କ ଭିତରେ ଥିବା ଅଦ୍ଭୁତ ଖିଆଲ ଓ ନୂଆକରି ଦେଖାଇବାର ମାନସିକତା ଅନେକ ସମୟରେ ବୁମେରାଂ ହୋଇପଡ଼ିଥାଏ। ଏ ସମୟରେ ଅଭିଭାବକମାନେ ସେମାନଙ୍କ ରୁଚି ଓ ଆଗ୍ରହକୁ ପରଖିବା ଆବଶ୍ୟକ। ନିଜର ଇଚ୍ଛାକୁ ଲଦି ଦେବାକୁ ଚେଷ୍ଟା କଲେ ପରିସ୍ଥିତି ଭୟଙ୍କର ହୋଇପାରେ। ସେମାନଙ୍କ ଭିତରେ ପରିଦୃଶ୍ୟ ଅପାର କର୍ମଶକ୍ତି, ବଜାର ପ୍ରତି ସଚେତନ ଏବଂ ସାମାଜିକ ଆନ୍ଦୋଳନକୁ ପରିଚାଳନା କରିବାର ଶକ୍ତିଶାଳୀ ଶକ୍ତି ଯୁବାରୁ ଉପରେ ନିୟୋଜିତ ନ ହୋଇ ଅବାଟକୁ ଚାଲିଗଲେ ରାଷ୍ଟ୍ର ପ୍ରତି ବିପଦ ହୋଇପାରେ। ପ୍ରତ୍ୟେକ ମାତାପିତା, ଶାସକ, ପ୍ରଶାସନ ଏଇ ପିଢ଼ିର ସ୍ୱାଭାବ ପାରଙ୍ଗମତା ପ୍ରତି ଯେତିକି ଖୁସି ହେବା ଜରୁରୀ ତାଠାରୁ ଅଧିକ ଭାବରେ ସେମାନଙ୍କର ଦକ୍ଷତାର ସଦୁପଯୋଗ ଲାଗି ସଚେତନ ହେବା ଅନିବାର୍ଯ୍ୟ। ସାମାନ୍ୟ ଭୁଲ ପଦକ୍ଷେପ ହୁଏତ ଆଜିକାର ନେପାଳର ପରିସ୍ଥିତି ଭଳି ହୋଇପାରେ। ସଂସ୍କୃତି, ପରମ୍ପରା ଓ ପରିବେଶର ସଂରକ୍ଷଣ ସହ କିଶୋର ଓ ଯୁବଶକ୍ତିକୁ ଠିକ୍ ମାର୍ଗଦର୍ଶନ ହେବା ଜରୁରୀ। ସେମାନେ ବି ସଂସ୍କୃତି ଓ ପ୍ରକୃତିପ୍ରେମୀ। ଯାହା ଖାଲି ରୁଚି ଅଲଗା। ସେଇ ରୁଚିରେ ଯାହା ଆବଶ୍ୟକ ତାକୁ ପରଖିବା ବିଧେୟ। କାରଣ ଏବେ ତ ଜେନ୍ ଜେଡ୍‌କୁ ବିଶ୍ୱ ଦେଖୁଛି ଓ ଭୋଗୁଛି। ଆଗକୁ ଆସୁଛି ଜେନ ଆଲ୍‌ଫା। ଜେଡ୍‌ର ପରିବର୍ତ୍ତିତ ସ୍ୱରୂପ ଯାହା ଅଧିକ ଶାଣିତ ଓ ପ୍ରଖର ମଧ୍ୟ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୦୯୦୭୬୧

## ପାଠକ ଶ୍ରେଷ୍ଠ ବିଚାରକ

### ବିଷାକ୍ତ ହେଉଛି ମହାନଦୀ ଓ କାଠଯୋଡ଼ି

ମହାଶୟ,

କଟକ ସହରରୁ ବାହାରୁଥିବା ଆବର୍ଜନା ପାଣିକୁ ବିନା ବିଶୋଧନରେ ଖାନନଗର ନିକଟରେ କାଠଯୋଡ଼ିକୁ ଛଡ଼ାଯାଉଛି। ଫଳରେ କାଠଯୋଡ଼ି ଏବେ ବିଷାକ୍ତ ପାଲଟିଗଲାଣି। ଅନ୍ୟପଟେ କଟକ ରେଳଷ୍ଟେସନ ନିକଟରୁ ବାହାରିଥିବା ବିଏସ୍‌ଇ ଡ୍ରେନ୍ ଯୋବ୍ରା ରାଧାକୃଷ୍ଣ ଲେନ, ଯୋବ୍ରା ପଡ଼ିଆ ଦେଇ ଶନି ମନ୍ଦିର ନିକଟରେ ମହାନଦୀରେ ପଡ଼ିଛି। ସହରର ବର୍ଜ୍ୟପାଣି ଯୋଗୁ ଦୁଇ ନଦୀର ପାଣି ଏବେ ଆଉ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ପାଣିର ରଙ୍ଗ କଳା ହେବା ସହ ଏଥିରେ ଗାଧୋଇଲେ ଲୋକଙ୍କ ଦେହରେ ଧଳା ଦାଗ ସୃଷ୍ଟି ହେବା ସହିତ ଚର୍ମରୋଗ ଦେଖାଯାଉଛି। ଦୂଷିତ ପାଣି ଯୋଗୁ ଅନେକ ସମୟରେ ନଦୀରେ ମାଛ ମରି ଭାସୁଥିବା ଦେଖିବାକୁ ମିଳୁଛି। ସହରର ନର୍ଦ୍ଦମା ପାଣିକୁ ସିଧାସଳଖ ନଦୀ ମଧ୍ୟକୁ ଛାଡ଼ିବା ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଅଙ୍କୁଶ ଲଗାଇଛନ୍ତି। ମାତ୍ର ଦୀର୍ଘ ବର୍ଷ ଧରି ନର୍ଦ୍ଦମା ପାଣିକୁ ବିଶୋଧନ କରିବା ଦିଗରେ ପୌର ନିଗମ ପକ୍ଷରୁ କୌଣସି ଉଦ୍ୟମ କରାଯାଉ ନାହିଁ।

–ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ, ନାହିଁ, ଗୃହେ ସହି
ବ୍ୟଥିତ ସେ କାତର ମିନତି
ନାହିଁ ତ ଶକତି
ଧରାର ପରାଣି ଅଙ୍ଗେ, ସହିବାକୁ
ସେ କରୁଣ ଦୃଷ୍ଟି
ନିମିଷେ ଯେ ତରଳାଏ
କଠିନ କଠୋର ଶିଳାସୃଷ୍ଟି !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମା'ର ପଣତ ପରି ବିପଦରୁ ରକ୍ଷା କରିବ ବୃକ୍ଷ: ମନ୍ତ୍ରୀ ସୂର୍ଯ୍ୟବଂଶୀ

## ଜିଲାରେ ଲାଗିବ ୩ ଲକ୍ଷ ୧୦ ହଜାର ଚାରା

ଭଦ୍ରକ,୧୭।୯(ସନାତନ ରାଉତ)

ମା'ର ପଣତ କାନିରେ ଆମେ ଯେପରି ନିଜକୁ ସୁରକ୍ଷିତ ମନେ କରିଥାଉ, ସେହିପରି ମା' ରୂପକ ବୃକ୍ଷକୁ ଯଦି ଯତ୍ନର ସହ ଲାଳନ ପାଳନ କରି ବଢ଼ାଇବା ସେ ମଧ୍ୟ ସବୁ ବିପଦରୁ ରକ୍ଷା କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭଦ୍ରକ ଜିଲା ପ୍ରଶାସନ, ପଞ୍ଚାୟତିରାଜ, ପାନୀୟଜଳ ବିଭାଗ ଓ ଜଙ୍ଗଲ ପରିବେଶ ବିଭାଗ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ 'ମା' ପାଇଁ ଗଛଟିଏ' ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହି ପରାମର୍ଶ ଦେଇଛନ୍ତି। ପୂର୍ବାହ୍ନ ୧୦ଟାରେ ଭଦ୍ରକ ବ୍ଲକ ବ୍ରହ୍ମପୁର ପଞ୍ଚାୟତର ଡାଙ୍ଗୁଆପଦାରେ ଚାରାରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଏଥିରେ ଅଧ୍ୟକ୍ଷତା କରି ସମସ୍ତେ ଏକ ପ୍ରାଣ ଓ ଏକ ମନରେ ସଂକଳ୍ପ କରି ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା,


ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାରାରୋପଣ କରୁଛନ୍ତି।

ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ସରପଞ୍ଚ ନରହରି ସାହୁ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

ଜିଲାରେ ୩ ଲକ୍ଷ ୧୦ ହଜାର ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ସମସ୍ତେ ଏହି ଅଭିଯାନକୁ ସଫଳ କରିବା ସହ ଏକ ଫଟୋ ଉଠାଇ ମେରି ଲାଇଫ୍ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ସେ ଅନୁରୋଧ କରିଥିଲେ। ବର୍ତ୍ତମାନର ଅସନ୍ତୁଳିତ ପରିବେଶରୁ ରକ୍ଷା ପାଇବା ପାଇଁ ଅମ୍ଳଜାନର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସକୁ ସ୍ମରଣୀୟ କରିବା ସହ ଏକ ସବୁଜ ସୁନ୍ଦର ଧରିତ୍ରୀର ସ୍ୱପ୍ନକୁ ସାକାର କରିବା ପାଇଁ ମା'ଙ୍କ ଉଦ୍ଦେଶ୍ୟରେ ଚାରାରୋପଣ କରିବାକୁ ଏମ୍‌ପି ସେଠୀ ଆହ୍ୱାନ ଦେଇଥିଲେ। ପରେ ସମସ୍ତେ ସେହି ପଡ଼ିଆରେ ଗଛ ଲଗାଇଥିଲେ। ପରେ ସ୍ଥାନୀୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛ ଉତ୍ସବରେ ସାମିଲ ହେବା ସହ ସ୍ୱଚ୍ଛସାଥୀମାନଙ୍କୁ କିଟ୍ ପ୍ରଦାନ କରିଥିଲେ।

# ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଭାଜପା ରାଜ୍ୟ ସଭାପତି

ଧୁଷୁରୀ, ୧୭।୯(ଦୀପ୍ତିରଞ୍ଜନ ନାୟକ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ରାତିରେ ଆରଡ଼ିରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଚାନ୍ଦବାଲିରେ ବିଭିନ୍ନ କାର୍ଯ୍ୟକ୍ରମ ସାରି ସେ କେନ୍ଦ୍ରାପଡ଼ା ଜିଲାର ଓଳାଭର ଦେଇ ଓଳଗ ପଞ୍ଚାୟତର ବୋଡ଼କଠାରେ ପହଞ୍ଚିଥିଲେ। ସେଠାରେ ପ୍ରତୀକ୍ଷାରତ ଭାଜପା କର୍ମୀମାନେ ବାଣଫୁଟାଇ ବାଜା ବଜାଇ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ମଠଡିହଠାରେ ଓ ଶେଷରେ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ନାନ୍ଦପୁର, ଆରଡ଼ି ପଞ୍ଚାୟତର ଭାଜପା ନେତା ଓ କର୍ମୀମାନେ ମନମୋହନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ସେଠାରୁ ସେ ଚାଲିଚାଲି ଯାଇ ମନ୍ଦିର ବେଢ଼ାରେ ପହଞ୍ଚି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ସହ ମୁକ୍ତି ମଣ୍ଡପରେ ପୂଜା କରିଥିଲେ। ମନମୋହନଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ


ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ କର୍ମୀମାନେ।

କରିବା ସହ ପୀଠର ଉନ୍ନତୀକରଣ ବାବଦରେ ସେବାୟତ, ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଥିଲେ।

ଭାଜପା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସଂଯୋଜକ କିଶୋର ନାୟକ, ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ ନାୟକ, ସମ୍ପାଦକ ସୁଦେଶ ପଣ୍ଡା, ଏଲ୍ ଆଣ୍ଡ ଟି ପ୍ରଶାସନିକ ଅଧିକାରୀ କାର୍ତ୍ତିକ କୁମାର ବିଶ୍ୱାଳ, ପଞ୍ଚାୟତ ଶକ୍ତି ପ୍ରମୁଖ ଦେବଦତ୍ତ ପାଢ଼ୀ, ସଞ୍ଜୟ ରାୟ, ସଦାନନ୍ଦ ମଲିକ, ଦୀପକ ରଞ୍ଜନ ବିଶ୍ୱାଳ, ବରିଷ୍ଠ ସେବାୟତ ଜୀବନାନନ୍ଦ ପାଢ଼ୀ, ଆଶିଷ ପାଢ଼ୀ, ଉତ୍ତମ ମିଶ୍ର, ଲଲାଟ କିଶୋର ପାଢ଼ୀ, ମାନସ ପାଢ଼ୀ, ରାଧାକାନ୍ତ ପାଢ଼ୀ, ସୁଧୀର ପାଢ଼ୀ, ଭାଜପା ନେତା ସୁବାସ ସାହୁ, ପ୍ରଫୁଲ୍ଲ ମହାଲିକ, ଅମିୟ ବିଶ୍ୱାଳ, ରବୀନ୍ଦ୍ର ମହାକୁଳ, ସୁରେଶ ମହାଲିକ, ଦୁଷ୍ମନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ପୀଠ ସମେତ ସ୍ଥାନୀୟ ୪ ପଞ୍ଚାୟତର ଉନ୍ନତି ବିଷୟରେ ଭାଜପା ରାଜ୍ୟ ସଭାପତିଙ୍କ ସହ ଆଲୋଚନା କରିଥିଲେ।

# ଗାଁରେ ଅନୁଧ୍ୟାନ କଲେ ପୂର୍ବାଞ୍ଚଳ ଡିଆଇଜି

## ଘର ସାମ୍ନାରୁ ନାବାଳିକାଙ୍କୁ ଅପହରଣ ଘଟଣା

### ଅପହରଣକାରୀଙ୍କ ଟେର୍ ପାଉନି ପୋଲିସ


ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ମନୋଜ କୁମାର ରାଉତ ଅପହୃତା ନାବାଳିକାଙ୍କ ଗ୍ରାମରେ ଅନୁଧ୍ୟାନ କରୁଛନ୍ତି।

ବାସୁଦେବପୁର,୧୭।୯(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ଗତ ଶନିବାର ଘର ସାମ୍ନାରୁ ଅପହରଣ କରାଯାଇଛି। ଏହି ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅପହରଣକାରୀଙ୍କ ଟେର୍ ପାଇନାହିଁ। ଏହାକୁ ନେଇ ଅପହୃତା ନାବାଳିକାଙ୍କ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ବୁଧବାର ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଉକ୍ତ ଗ୍ରାମରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସେମାନେ ନାବାଳିକାଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କୁ ପଚରାଉଚରା କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ବେଳେ ଖୁବ୍‌ଶୀଘ୍ର ପୋଲିସକୁ ସଫଳତା ମିଳିବ ବୋଲି ପୂର୍ବାଞ୍ଚଳ ଡିଆଇଜି କହିଛନ୍ତି। ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ପୂଜା ପାଇଲେ ଦେବଶିଳ୍ପୀ


ବସ୍ ସିଣ୍ଡିକେଟ୍ ପକ୍ଷରୁ ପୂଜା ପାଉଥିବା ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି।


ସୁଉଚ୍ଚ ତୋରଣ।

## ଆକର୍ଷଣର କେନ୍ଦ୍ରବିନ୍ଦୁ ବସ୍ ସିଣ୍ଡିକେଟ୍ ତୋରଣ

ଭଦ୍ରକ,୧୭।୯(ସନାତନ ରାଉତ)

ଭଦ୍ରକ ଜିଲାରେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମହାସମାରୋହରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବନ୍ତଛକସ୍ଥିତ ବସ୍ ସିଣ୍ଡିକେଟ୍, ଟ୍ରେକର ଷ୍ଟାଣ୍ଡ, ଅଟୋଷ୍ଟାଣ୍ଡ, ଟାଟାଏସିଇ ପିକ୍ଅପ୍ ଷ୍ଟାଣ୍ଡ, ଚରମ୍ପା ଅଟୋ ଷ୍ଟାଣ୍ଡ ସହ ବିଭିନ୍ନ ଛୋଟବଡ଼ ଇଣ୍ଡଷ୍ଟ୍ରିରେ ବିଶ୍ୱକର୍ମା ପୂଜା କରାଯାଇଛି। ବନ୍ତଛକରେ ବସ୍ ସିଣ୍ଡିକେଟ୍ ପକ୍ଷରୁ ନିର୍ମାଣ କରାଯାଇଥିବା ସୁଉଚ୍ଚ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ସିଣ୍ଡିକେଟ୍ ପକ୍ଷରୁ ପୂର୍ବାହ୍ନ ୧୦ଟା ୩୦ରେ ସ୍ଥାନୀୟ ସାଳନ୍ଦୀ ନଦୀର ମହାବୀର ଘାଟରୁ ଘଟୋତ୍ତଳନ କରାଯାଇ ବିଧି ଅନୁସାରେ ପୂଜା ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମଣ ଚନ୍ଦ୍ର ସାହୁ କଳସ ଆଣିଥିବା ବେଳେ ଅପରାହ୍ନ ୧ଟାରେ ପୁଷ୍ପାଞ୍ଜଳି ଦିଆଯାଇଥିଲା। ମୂର୍ତ୍ତି କାରିଗର ଶ୍ରୀ ଅମରଙ୍କ ଦ୍ୱାରା ନିର୍ମିତ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପକୁ ରଙ୍ଗିନ ଆଲୋକରେ ସଜାଯାଇଛି। ସନ୍ଧ୍ୟା ସମୟରେ ପୂଜା ମଣ୍ଡପରେ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି, ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର, ଉପସଭାପତି ହେମନ୍ତ ପାଢ଼ୀ, ସଦସ୍ୟ ସତ୍ୟରଞ୍ଜନ ସାହୁ, ପାର୍ଥସାରଥୀ ମହାପାତ୍ର, ଦିଲୀପ କୁମାର ବିଶ୍ୱାଳ, ବିଶ୍ୱନାଥ ପାଣି, ବାଦଲ ପାଳଙ୍କ ସମେତ ବସ୍ ମାଲିକମାନେ ପୂଜା ଆୟୋଜନରେ ସହଯୋଗ କରିଛନ୍ତି। ଆସନ୍ତା ୨୪ ତାରିଖରେ ପୂଜା ଶେଷ ହେବ ବୋଲି କମିଟି ପକ୍ଷରୁ ଜଣାଯାଇଛି।

# ରୋଟାରୀ କ୍ଲବ ପକ୍ଷରୁ ଇଞ୍ଜିନିୟର ଦିବସ ପାଳିତ

ଭଦ୍ରକ, ୧୭।୯
(ରବିନାରାୟଣ ଖିଲାର)

ଭଦ୍ରକ ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ୫୮ତମ ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ରୋଟାରୀ କ୍ଲବ୍ ସଭାପତି ନାର୍ସି ବକ୍ସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ ଅଖିଳ ମୋହନ ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅବସରପ୍ରାପ୍ତ ସୁପରିଟେଣ୍ଡେ ଇଞ୍ଜିନିୟର ମାନସ ରଞ୍ଜନ ପଟ୍ଟନାୟକ, ରୋଟରିଆନ ପ୍ରଣବ କୁମାର ସାହୁ, ଇଂ. କମଳାକାନ୍ତ ବେହେରା, ଇଂ. ବସନ୍ତ କୁମାର ପାଣିଗ୍ରାହୀ, ଇଂ. ନଟବର ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରୋଟାରୀ ଜିଲା ୩୨୬୨ର ୨୦୨୭–୨୮ବର୍ଷର ପ୍ରାନ୍ତପାଳ ଇନ୍ଦ୍ରଜିତ ସାହୁ ତାଙ୍କ ବକ୍ତବ୍ୟରେ ଭଦ୍ରକ ରୋଟାରୀ କ୍ଲବ୍‌ର ସଦସ୍ୟତା ଗ୍ରହଣ କରିଥିବା ୧୫ଜଣରୁ ଊର୍ଦ୍ଧ୍ୱ ଇଞ୍ଜିନିୟରଙ୍କ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ପଦପଦବୀ ମଣ୍ଡନ କରିଥିବା ଯନ୍ତ୍ରୀମାନଙ୍କୁ ଶୁଭକାମନା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ.ପ୍ରଭାତ କୁମାର ସାହୁ, ଇଂ. ଶାନ୍ତିସ୍ୱରୂପ ମିଶ୍ର, ଇଂ. ଅଜିତ କୁମାର ମହାପାତ୍ର, ଇଂ. ସତ୍ୟସୁନ୍ଦର ମଣ୍ଡଳ ସମ୍ବର୍ଦ୍ଧନା ଉତ୍ତରରେ ଏହି କ୍ଲବ୍ ଇଞ୍ଜିନିୟରମାନଙ୍କୁ ପ୍ରତିବର୍ଷ ସମ୍ମାନିତ କରିଆସୁଥିବା ନେଇ ପ୍ରଶଂସା କରିଥିଲେ। ଅବସରପ୍ରାପ୍ତ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ରୋଟାରିଆନ ବସନ୍ତ କୁମାର ସାମଲ, ପ୍ରମୋଦ କୁମାର ଜେନା, ଉମାକାନ୍ତ ଜେନା, ସନ୍ତୋଷ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। କ୍ଲବ୍‌ର ସମ୍ପାଦକ ବାଦଲ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁକନ୍ୟା ସମୃଦ୍ଧି ଯୋଜନାରେ ଖାତାଖୋଲା ଅଭିଯାନ


ସୁକନ୍ୟା ସମୃଦ୍ଧି ଖାତାଖୋଲା ଅଭିଯାନ କାର୍ଯ୍ୟକ୍ରମରେ ଅତିଥିମାନେ।

ଭଦ୍ରକ,୧୭।୯(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସକାଳ ୮ଟାରେ ପୁରୁଣାବଜାର ଦଧିବାମନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ସହ ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତାଖୋଲା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପିଲାମାନଙ୍କୁ ସଞ୍ଚୟର ମୂଲ୍ୟ ବୁଝାଇବା ପାଇଁ ବୃକ୍ଷଗୁଡ଼ିକୁ ସଞ୍ଚୟ ବୃକ୍ଷ ନାମରେ ନାମିତ କରାଯାଇଥିଲା।

ପରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତଙ୍କ ସଭାପତିତ୍ୱରେ ସୁକନ୍ୟା ସମୃଦ୍ଧି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲିକ, ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ପ୍ରଧାନଶିକ୍ଷକ ଲକ୍ଷ୍ମଣ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ସୁକନ୍ୟା ସମୃଦ୍ଧି ଯୋଜନା ଶିଶୁକନ୍ୟାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଞ୍ଚୟର ମାଧ୍ୟମ ବୋଲି ଅତିରିକ୍ତ ଜିଲାପାଳ ଦତ୍ତ କହିଥିଲେ। ଡାକ ବିଭାଗ ପକ୍ଷରୁ ମୋନାଲିସା ପଣ୍ଡା ଓ ମୋନାଲିସା ଜେନା ସୁକନ୍ୟା ସମୃଦ୍ଧି ଯୋଜନାରେ ଛାତ୍ରୀମାନଙ୍କର ଖାତା ଖୋଲିଥିଲେ। ଡାକ ବିଭାଗ ସହାୟତାରେ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସହଜରେ ଆକାଉଣ୍ଟ ଖୋଲିବାର ସୁବିଧା ଯୋଗାଇଦେବା ଏହି ଅଭିଯାନର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ବନାନୀ ଦାସ, ସଞ୍ଜୁକ୍ତା ସାହୁ, ସୋଭିଆ ଫଜଲେ, ସୋହାନା ପରମିନ, ଅନିଶା ଫାତମା, ଜାହିଦା ସରିଫା, ସାହେରା ବାନୋ, ଶିକ୍ଷକ ଜାଭେଦ ଅଖତର୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ବ୍ୟାଙ୍କର ଅଫିସର୍ସ କଲୋନି ନୟାପଲ୍ଲୀ, ଭୁବନେଶ୍ୱର ଓଡିଶାରେ ଗ୍ରେଡ "ଏ" ଫ୍ଲାଟ (6 ଟି)ର ବୈଦ୍ୟୁତିକ ନବୀକରଣ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ସମ୍ପଦା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ଅକ୍ଟୋବର 03, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଏସ୍‌ଆର୍‌ସି-ଏସ୍‌ଟି-୨୫-୨୬-କେଓଇଏଲ୍, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକକ ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ ଠିକାଦାରମାନଙ୍କୁ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜକୁ ଯତ୍ନର ସହ ପଢ଼ନ୍ତୁ । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି, ଶାଲିମାର, ପଦ୍ମପୁକୁର କୋଚିଂ ଡିପୋଠାରେ ଡିଜି ସେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ସମେତ ପ୍ରାଥମିକ ରକ୍ଷଣାବେକ୍ଷଣ ରେକ୍‌ର ପାୱାର କାର୍‌ଗୁଡ଼ିକରେ ଫିଟ୍ ହୋଇଥିବା ଏହାର ଆସେସୋରିଜ୍ ସହିତ ବିଭିନ୍ନ ରେକ୍‌ଗୁଡ଼ିକର ପାୱାର କାର୍‌ଗୁଡ଼ିକରେ ସ୍ଥାପିତ 'କେଓଇଏଲ୍' ମେକ୍ ଡିଜି ସେଟ୍ (୫୦୦ କେଭିଏ)ଗୁଡ଼ିକର ଏସ୍କର୍ଟିଂ, ପରିଚାଳନା, 'ଏ', 'ବି' ଓ 'ସି' ଯାଞ୍ଚ କରିବା । **ଟେଣ୍ଡର ମୂଲ୍ୟ:** ₹୧୩,୫୪,୮୭,୮୨୭.୩୩ । **ଇଏମ୍‌ଡି/ବିଡ୍ ଅମାନତ:** ₹୮,୨୭,୪୦୦/– । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୧୦।୨୦୨୫ରିଖ ୧୧.୦୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଦିଆଯାଇଛି । (PR-638)



**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସୂଚନା ସଂ. 30-SBP-TRD-OT-2025-26, ତା.09.09.2025ରିଖ
**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର TRD ବିଭାଗର ଅଗ୍ନି ନିର୍ବାପକ ଯନ୍ତ୍ରର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
**ଆନୁମାନିକ ମୂଲ୍ୟ :** ₹ 4,29,041.00, EMD : ₹ 8,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-, ଶେଷ ହେବା ଅବଧି : 24 ମାସ ।

(2) ଟେଣ୍ଡର ସୂଚନା ସଂ. 31-SBP-TRD-OT-2025-26, ତା.10.09.2025ରିଖ
**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡରେ ଉଲଂଘନ (Infringement)କୁ ଏଡ଼ାଇବା ନିମନ୍ତେ ଫିଡିଙ୍ଗ ପୋଷ୍ଟ ଓ ଅନ୍ୟ ଟ୍ରାକ୍ସନ ସଂରଚନାର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
**ଆନୁମାନିକ ମୂଲ୍ୟ :** ₹ 95,46,042.48, EMD : ₹1,90,900/-, ଶେଷ ହେବା ଅବଧି : 12 ମାସ ।

(3) ଟେଣ୍ଡର ସୂଚନା ସଂ. 32-SBP-TRD-OT-2025-26, ତା.10.09.2025ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ TPC ଭାବେ କାର୍ଯ୍ୟରତ TRD ଷ୍ଟାଫଙ୍କ ନିମନ୍ତେ SCADA ପ୍ରଶିକ୍ଷଣ ମୋଡ୍ୟୁଲ ସହ ଫଲ୍ଟ ସିମ୍ୟୁଲେଟର (Fault Simulator) ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ :** ₹ 24,98,927.00, EMD : ₹ 50,000/-, ଶେଷ ହେବା ଅବଧି : 06 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 01.10.2025, 1530 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ 03.10.2025, 1530 ଘଟିକାରେ (ଟେଣ୍ଡର ସଂ. 2 ଓ 3 ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-605/Q/25-26



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com

**E-procurement Tender Call Notice No.13 of 2025-26**
**No. 5400 (Estg.) Bhubaneswar the 6th September-2025**

**No.B-501** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Road work to be received in online bidding, double cover system for Improvement works as detailed in:https://tendersodisha.gov.in. The details of bid documents will be available in the above website from 5.00 P.M. of 20.09.2025 to 5.00 P.M of 03.10.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11 A.M. of 04.10.2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0047/2526



**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**
No. B-531
GOVERNMENT OF ODISHA
E-Mail I.D.: eerbjspr@gmail.com
**('e' PROCUREMENT NOTICE)**
**Bid Identification No. S.E. JSPR(R&B)-08 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building works as mentioned below.
2. No. of Work : 03 Nos.
3. Nature of Work : Civil
4. Class of Contractor : "C, B & D"
5. Tender Paper Cost : Rs.4,000.00, 6,000.00/- (Online)
6. Available of bid documents in the website : From 19.09.2025 to 5.00 P.M. of 25.09.2025
7. Date of Opening of Bid : 11.00 A.M. of 26.09.2025

The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. Sarbendu Sutar)
Superintending Engineer
Jagatsinghpur (R&B) Division
OIPR-34093/11/0028/2526



GOVERNMENT OF ODISHA — No. C-1093
**OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766002, e-mail: eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT-34 of 2025-26 / Dt.16.09.2025**
**e-Procurement Notice**

01. Name of the Work : 1 No Work
02. Type of Bid : Single Bid System
03. Approx. Estimated Cost : Rs.18.18 Lakh
04. Period of Completion : 02 (Two) Calendar Months
05. Date & time of availability of bid document in the portal : From 11.00 A.M. of Dt.20.09.2025 to 5.00 P.M. of 03.10.2025
06. Last date/time of receipt of bids in the portal : 5.00 P.M. of 03.10.2025
07. Date & time of opening of Technical Bids : At 11.30 A.M. of 04.10.2025
08. Name and address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/P.O.: Parmanandpur, 766002, Dist.: Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in.

Sd./- Additional Chief Engineer
P.H. Division, Bhawanipatna
OIPR-13059/11/0045/2526

# କର୍ମଚାରୀ ଅଭାବରୁ କମୁଛି ରାଜସ୍ୱ

**ମୟୂରଭଞ୍ଜ ଜିଲା ଅବକାରୀ ବିଭାଗ**

■ ଚଢ଼ାଉ ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ

ବାରିପଦା,୧୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଅବକାରୀ ବିଭାଗରେ କର୍ମଚାରୀ ଅଭାବ ଦେଖାଦେଇଛି। କୋଟି କୋଟି ଟଙ୍କା ରାଜସ୍ୱ ଦେଉଥିବା ଏହି ବିଭାଗ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ମାନବ ସମ୍ବଳ ଅଭାବରୁ ନକଲି ତଥା ଅପମିଶ୍ରିତ ବିଦେଶୀ ଓ ଦେଶୀ ମଦ ପ୍ରସ୍ତୁତି, ବେଆଇନ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଚାଲାଣ ରୋକିବା ସଫଳ ହୋଇପାରୁ ନାହିଁ । ସୀମାନ୍ତ ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ରାଜ୍ୟରୁ ଚୋରା ବିଦେଶୀ ମଦ ଆସି ଜିଲାର କୋଣ ଅନୁକୋଣରେ ବିକ୍ରି ହେଉଛି। ଏହାକୁ ରୋକିବା ପାଇଁ ଜିଲାରେ ବହୁମୁଖୀ ଶୃଙ୍ଖଳାଗତ ସ୍କ୍ୱାଡ୍ (ଏମ୍‌ଡିସି) ଗଠନ କରାଯାଇଛି। ମାତ୍ର ତାହା ଆଖିଦୃଶିଆ ହେଉ ନ ଥିବାରୁ ବିଭାଗୀୟ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ସୂଚନାଯୋଗ୍ୟ, ଜିଲାର ୨୬ଟି ବ୍ଲକରେ ପୋଲିସ ପ୍ରଶାସନ ପକ୍ଷରୁ ୫ଟି ଉପଖଣ୍ଡ କାର୍ଯ୍ୟାଳୟ ଓ ୩୨ଟି ଥାନା ରହିଛି। ସେହିପରି ଅବାକରୀ ବିଭାଗ ପକ୍ଷରୁ ୪ଟି ରେଞ୍ଜ କାର୍ଯ୍ୟାଳୟ ଓ ୧୪ଟି ଥାନା ସୀମିତ ଅଫିସର ଓ କର୍ମଚାରୀମାନଙ୍କୁ ନେଇ ଚାଲିଛି। ୧୪୭ଟି ପଦବୀ ମଞ୍ଜୁର ହୋଇଥିବା ବେଳେ ସେଥି ମଧ୍ୟରୁ ୫୫ଟି ଖାଲି ପଡ଼ିଛି। ସର୍ବାଧିକ ୪୧ କନଷ୍ଟେବଲ ପଦବୀ ଖାଲି ଥିବା ବେଳେ ୭ଜଣ ସହକାରୀ ସବ୍ ଇନିସପେକ୍ଟର, ୩ଟି ଇନିସପେକ୍ଟର ଓ ୨ଟି ସବ୍ ଇନିସପେକ୍ଟର ପଦବୀ ଖାଲି ପଡ଼ିଛି। ବିଭାଗ ପକ୍ଷରୁ ସମସ୍ତ ଗାଡ଼ି ଭଡ଼ାରେ ଚାଲିଥିବା ବେଳେ ନିଜସ୍ୱ ବିଭାଗୀୟ ଗାଡ଼ି ନାହିଁ। ଏପରିକି ଜଣେ ଚାଳକ ବସି ବସି ଦରମା ନେଉଥିବା ଦେଖିବାକୁ ମିଳିଛି । ସେହିପରି ଜିଲାରେ ଅବକାରୀ ଏସ୍‌ପିଙ୍କ ନିଜସ୍ୱ କାର୍ଯ୍ୟାଳୟ ଅଦ୍ୟାବଧି ନିର୍ମାଣ ହୋଇନାହିଁ । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏକ କୋଣରେ ପରିତ୍ୟକ୍ତ କୋଠରୀରେ ଏହି କାର୍ଯ୍ୟାଳୟ ଚାଲୁଛି। ବିଗତ ସରକାରରେ ବାରିପଦା ସହର ଭଞ୍ଜପୁରସ୍ଥିତ ପୋଲିସ ଲାଇନ ନିକଟରେ ଜାଗା ଯାଇଥିବା ବେଳେ ନୂତନ କୋଠା ନିର୍ମାଣ ପାଇଁ କୌଣସି ଟେଣ୍ଡର କରାଯାଇ ପାରିନାହିଁ। ସେହିପରି ଜିଲାରେ ୨ଟି ଡିଏସ୍‌ପି ପଦବୀ ସୃଷ୍ଟି କରାଯାଇଥିଲେ ହେଁ କାର୍ଯ୍ୟାଳୟ କିମ୍ବା ଗାଡ଼ିର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡିଏସ୍‌ପି ଅଫିସ କାର୍ଯ୍ୟ କରୁଥିବା ବେଳେ ପାଳିକରି ଗାଡ଼ି ବ୍ୟବହାର କରୁଛନ୍ତି। ରାଇରଙ୍ଗପୁର ଅବକାରୀ ଉପଖଣ୍ଡ କାର୍ଯ୍ୟାଳୟ ବା ରେଞ୍ଜ କାର୍ଯ୍ୟାଳୟରେ ଅନ୍ୟ ଜଣେ ଡିଏସ୍‌ପି କାର୍ଯ୍ୟ କରୁଥିବା ବେଳେ ରାଇରଙ୍ଗପୁର ଅବକାରୀ ଥାନାଗାଡ଼ିକୁ ପାଳି କରି ବ୍ୟବହାର କରୁଛନ୍ତି। ସେହିପରି କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟଭାର ଅଧିକ ପାଇଁ ବିଭାଗ ପକ୍ଷରୁ ଝାରପୋଖରିଆ, କପ୍ତିପଦା, ବଡ଼ସାହି ଓ ରାସଗୋବିନ୍ଦପୁରରେ ନୂତନ ଥାନା ପ୍ରସ୍ତାବ ଦିଆଯାଇଥିଲେ ହେଁ କେବଳ କପ୍ତିପଦାରେ ଏକମାତ୍ର ଥାନା ସ୍ଥାପନ ପାଇଁ ସବୁଜ ସଙ୍କେତ ମିଳିଛି। କୁଳିଅଣା ଅବକାରୀ ଥାନା ଅଧୀନରେ କୁଳିଅଣା, ବାଙ୍ଗିରିପୋଷି, ଝାରପୋଖରିଆ ଓ ଚାନ୍ଦୁଆ ଥାନା ଅଞ୍ଚଳ ଥିବା ବେଳେ ଗୋଟିଏ ଅବକାରୀ ଥାନାରେ ୩ଜଣ କର୍ମଚାରୀ କିପରି କାର୍ଯ୍ୟ ତୁଲାଉଥିବେ ତାହା ସହଜେ ଅନୁମେୟ। ଯାହା ଫଳରେ ସୀମାନ୍ତ ଅଞ୍ଚଳରେ ବେଆଇନ କାରବାରକୁ ରୋକିବା ପାଇଁ ବିଭାଗୀୟ କର୍ମଚାରୀ ଅସମର୍ଥ ହୋଇପଡୁଛନ୍ତି। ଏପରି ଅବ୍ୟବସ୍ଥା ମଧ୍ୟରେ ବାର୍ଷିକ ୩୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ଆଦାୟ କରିବା ଅସମ୍ଭବ ହୋଇପଡ଼ିଛି। ଏ ସମ୍ପର୍କରେ ଅବକାରୀ ଏସ୍‌ପି ପ୍ରଶାନ୍ତ କହଁରଙ୍କୁ ପଚାରିଲେ ଚୋରା କାରବାର ରୋକିବା ପାଇଁ ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିରେ ଜିଲାପାଳ ଅଧ୍ୟକ୍ଷ ଥିବା ବେଳେ ଅବକାରୀ, ବନ ବିଭାଗ, ପୋଲିସ, ରାଜସ୍ୱ, ସ୍ୱାସ୍ଥ୍ୟ ଓ ଭେଷଜ ନିୟନ୍ତ୍ରକ ବିଭାଗର ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିବାର ଯୋଜନା କରାଯାଇଛି । ଆଗାମୀ ଦିନରେ ବେଆଇନ ନିଶା କାରବାର ଉପରେ ଅଙ୍କୁଶ ଲାଗିବ ବୋଲି ସେ କହିଛନ୍ତି।

# ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ କଲେ ମନ୍ତ୍ରୀ



ପିଲାଙ୍କ ମେଳରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ମୋରଡ଼ା,୧୭।୯ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚଢ଼େଇଗାଁ ପଞ୍ଚାୟତର ଡାଳଗାଁରେ ନୂତନ ଭାବେ ନିର୍ମିତ ଏକ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରକୁ ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ମହାପାତ୍ର ଡାଳଗାଁଠାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ଓ .କର୍ମୀମାନେ ଝୁମର ବାଦ୍ୟର ତାଳେ ତାଳେ ସ୍ୱାଗତ କରିଥିଲେ। ଉଦଘାଟନ ପରେ କୁନି କୁନି ପିଲାଙ୍କୁ ପାଠ ପାଇବା ସହିତ ତାଙ୍କ ସହିତ ଖେଳିଥିଲେ ମନ୍ତ୍ରୀ ମହାପାତ୍ର। ଏହାପରେ ଉକ୍ତ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା କଂକ୍ରିଟ ରାସ୍ତା, ଗାର୍ଡୱାଲ, ଡ୍ରେନ ଆଦି କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ୧୯ ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ। ମନ୍ତ୍ରୀଙ୍କ ସହିତ ମୋରଡା ବିଡିଓ ଅଣାକର ନାଏକ, ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ,ଏଇ ସୁଶାନ୍ତ ନାଏକ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ, ବରିଷ୍ଠ ଭାଜପା ନେତା କାନ୍ଦ୍ରା ସୋରେନ,ସୁକୁଲ ମୁର୍ମୁଙ୍କ ସହିତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ା ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବାରିପଦା,୧୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ମୟୂରଭଞ୍ଜ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ବାରିପଦାସ୍ଥିତ ମହାରାଜା ପୂର୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା କକ୍ଷରେ ସାପ କାମୁଡ଼ା ଜନିତ ମୃତ୍ୟୁ ନିରାକରଣ ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମାଝୀ ପୌରହିତ୍ୟ କରିଥିଲେ।

ମୁଖ୍ୟ ଅତିଥି ଭାବେ ପଞ୍ଚମ ବାଟାଲିୟନ କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଓ ଜିଲା ଜରୁରିକାଳୀନ ବିଭାଗର ଡିପିଓ ଜଗବନ୍ଧୁ ମହାନ୍ତି, ଓଡ୍ରାଫ ଟିମ ପଞ୍ଚମ ଦୂର୍ଗ ଓଏସଏପି ଓଡ୍ରାଫର ମାଷ୍ଟର ଟ୍ରେନର ଅରୁଣ କୁମାର ମହାନ୍ତଙ୍କ ସହିତ ପଦ୍ମଲୋଚନ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ସାଉନା କିସ୍କୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ଅଧ୍ୟାପିକା ଓ ଯୁବ ରେଡକ୍ରସ କାଉନସେଲର ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ସୁଦର୍ଶନ ସିଂହ ଓ ମଥୁରା ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ସଭାରେ ବହୁସଂଖ୍ୟକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୧୭।୯ (ଶାନ୍ତନୁ କୁମାର ମଜୁଆଳ)

ଖୁଣ୍ଟା ଥାନା ସାହାରାଗଡ଼ି ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୀଲ ନାଏକ (୩୭)। ମଙ୍ଗଳବାର ରାତିରେ ଅନୀଲ ସ୍ଥାନୀୟ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଖୁଣ୍ଟା ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଉଦଳା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୫୪/୨୫) ରୁଜୁ ହୋଇଛି।

### ୨୫୦୦ ଚାରା ରୋପଣ

ବେତନଟୀ, ୧୭।୯ (ଧରଣୀଧର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିବସରେ ବେତନଟୀ ରେଞ୍ଜ ଅଞ୍ଚଳରେ ୨୫୦୦ ଚାରାରୋପଣ କରାଯାଇଛି। ବେତନଟୀ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି ଭଳି ୧୨୫ଟି ସ୍ଥାନରେ ଚାରା ରୋପଣ କରାଯାଇଛି। ବେତନଟୀ ବନାଞ୍ଚଳ ରେ ଆଗୁଆଡ଼, ନଡପୁର, ବଡାମପୁର, ମଛପଦା ଭଳି କେତେକ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନର କର୍ମଚାରୀ, ଗ୍ରାମପଞ୍ଚାୟତ, ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ, ବାଇଗଣବାଡ଼ିଆ ଚାମ୍ପିୟନ



ଖେଳାଳିଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

ଝାରପୋଖରିଆ,୧୭।୯ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ରାଜାଲୋକା ପଞ୍ଚାୟତର ଶରଗଡ଼ା ଗ୍ରାମରେ ଥିବା ମା' ଅନ୍ଧାରୀ ସ୍ପୋର୍ଟିଙ୍ଗ କ୍ଲବର ୩୨ତମ ଦୁଇ ଦିନିଆ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପ୍ରିନ୍ସ ଇଲେଭେନ ଓଡ଼ିଶା ଦଳକୁ ୨-୦ ଗୋଲରେ ହରାଇ ବାଇଗଣବାଡ଼ିଆ ଦଳ ଚାମ୍ପିୟନ ହୋଇଥିଲା। ରେଫରି ଭାବେ କ୍ୟାପଟେନ ବିନ୍ଧାଣୀ ଖେଳ ପରିଚାଳନା କରିଥିଲେ।

କ୍ଲବର ସଭାପତି ରାମଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜାଲୋକା ସରପଞ୍ଚ ରବିକାନ୍ତ ସିଂ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଚିନ୍ମୟ କୁମାର ସାହୁ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ବାଇଗଣବାଡ଼ିଆ ଦଳକୁ ୫୦୦୦ ଓ ରନରଅପ ପ୍ରିନ୍ସ ଇଲେଭେନ ଦଳକୁ ୩୦୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ବିକାଶ ସିଂ ସଭାକାର୍ଯ୍ୟ ପରିଚାଳନା କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଦିନବନ୍ଧୁ ପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ କ୍ଲବର ସଦସ୍ୟଗଣ ଖେଳ ପରିଚାଳନାରେ ସହ ଯୋଗ କରିଥିଲେ।

# ବିଶ୍ୱକର୍ମା ପୂଜା

ବାରିପଦା,୧୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ଅନୁକୂଳ ପାଗ ପାଇଁ ପୂଜାସ୍ଥଳଗୁଡିକରେ ଗହଳି ଜମିଥିଲା । ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ଯନ୍ତ୍ରଚାଳିତ ମେଶିନଗୁଡିକ ପୂଜା କରାଯାଇଛି। ଛୋଟ ବଡ଼ ସଙ୍ଗଠନ ମାଧ୍ୟମରେ ତୋରଣ ନିର୍ମାଣ କରି ବିଶ୍ୱକର୍ମାଙ୍କୁ ପୂଜା କରିଛନ୍ତି। ଆଲୋକମାଳାରେ ସୁସଜ୍ଜିତ ତୋରଣଗୁଡ଼ିକ ଝଲସୁଛି। ବସଷ୍ଟାଣ୍ଡର ବସମାଲିକ ସଂଘ, ଚାଳକ ସଂଘ, ଅଟୋ ଆସୋସିଏସନ ସଂଘ, ଠିକାଦାର ସଂଘ ସହିତ ବିଦ୍ୟୁତ ବିଭାଗ ଓ ଛୋଟବଡ ଶିକ୍ଷାନୁଷ୍ଠାନଗୁଡିକରେ ପୂଜା ଯଥାବିଧି ଅନୁଯାୟୀ ସମ୍ପନ୍ନ ହୋଇଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ବାରିପଦା ଟାଉନ ଓ ଭଞ୍ଜପୁର ପୋଲିସ ମୃତୟନ ହୋଇଛନ୍ତି ।

# ରାତି ଜଗୁଆଳିଙ୍କୁ ବାନ୍ଧି ବିଦ୍ୟାଳୟରୁ ଚୋରି ଉଦ୍ୟମ

ଉଦଳା,୧୭।୯ (ସନ୍ତୋଷ କୁମାର ବାଞ୍ଛିନୀ)

ଉଦଳା ଥାନା ଟିଟିଆ ଆଦର୍ଶ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ଉଦ୍ୟମ ପଣ୍ଡ ହୋଇଛି। ରାତି ଜଗୁଆଳିଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚୋରମାନେ ଲୁଟ କରି ନ ପାରି ପଳାଇ ଯାଇଛନ୍ତି। ପୋଲିସ ପହଞ୍ଚି ବିଦ୍ୟାଳୟ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ୮ଜଣ ଚୋର ତେଲେଙ୍ଗା କଟୁରି ଏବଂ ଅନ୍ୟ ମାରଣାସ୍ତ୍ର ଧରି ଆଦର୍ଶ ବିଦ୍ୟାଳୟରେ ପଶିଥିଲେ। ବିଦ୍ୟାଳୟ ହଷ୍ଟେଲର ରାତି ଜଗୁଆଳି ଶତ୍ରୁଘନ ପାତ୍ର ଏବଂ ସ୍କୁଲ ଜଗୁଆଳି ମନୋରଞ୍ଜନ ବାସ୍କେଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଶୋଇଥିବା ଅବସ୍ଥାରେ ଶତ୍ରୁଘନ ଓ ମନୋରଞ୍ଜନଙ୍କ ମୁହଁ, ଦୁଇ ହାତ ଏବଂ ଗୋଡ଼ରେ ସେଲୋଟ୍ୟାପ ମାରି ବାନ୍ଧି ଦେଇଥିଲେ। ଉଭୟଙ୍କ ବେକରେ କଟୁରି ଲଗାଇ ବିଦ୍ୟାଳୟ ଚାବି ମାଗିଥିଲେ। ବିଦ୍ୟାଳୟର ସୋଲାର ବ୍ୟାଟେରି କେଉଁଠି ଅଛି ତାହା ପଚାରିଥିଲେ। ତେବେ ଚୋରମାନେ ଲୁଟ କରିବା ନିମନ୍ତେ ବିଦ୍ୟାଳୟ ଭିତରକୁ ପଶିଥିଲା ବେଳେ ଜଗୁଆଳି ଶତ୍ରୁଘନ କୌଣସି ପ୍ରକାର ବନ୍ଧା ଯାଇଥିବା ଗୋଡ଼କୁ ଫିଟାଇ ହଷ୍ଟେଲର ୱାର୍ଡେନ ପ୍ରମିଳା ମାରାଣ୍ଡିଙ୍କୁ ଡାକିଥିଲେ। ପରେ ପ୍ରିନ୍ସିପାଲ, ଗ୍ରାମବାସୀ ଏବଂ ପୋଲିସକୁ ଫୋନ କରାଯାଇଥିଲା। ତେବେ ଗ୍ରାମବାସୀ ଆସିବାର ସୁରାକ ପାଇ ଚୋରମାନେ ଚୋରି କରି ନ ପାରି ସେଠାରୁ ଚମ୍ପଟ ମାରିଥିଲେ। ଜଗୁଆଳି ଶତ୍ରୁଘନଙ୍କ ଏଭଳି ସାହସିକ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

# ବୋରିଂ ଖୋଳା କାମରେ ଅନିୟମିତତା

**ବସୁଧା ପାନୀୟ ଜଳ ଯୋଜନା**

■ ସଜାଗ ଗ୍ରାମବାସୀଙ୍କ ଯୋଗୁ ଧରାପଡ଼ିଲା ଠକେଇ

■ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ କହିଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ



ବୋରିଂ ଖୋଳା କାମ ବନ୍ଦ କରିଥିବା ଗ୍ରାମେବାସୀ।

ବୈଶିଙ୍ଗା,୧୭।୯ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମଛପଦା ଗ୍ରାମରେ ବସୁଧା ଯୋଜନାରେ ବୋରିଂ ଖୋଳା କାମରେ ଅନିୟମିତତା ହୋଇଥିବା ଘଟଣା ପଦାକୁ ଆସିଛି। ସଜାଗ ଗ୍ରାମବାସୀଙ୍କ ଯୋଗୁ ଠିକେଦାରଙ୍କ ଲାଭଖୋର ମନୋବୃତ୍ତି ଧରାପଡ଼ିଛି। ତଦନ୍ତ ପରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ମଛପଦା ଗ୍ରାମରେ ପୂର୍ବରୁ ବସୁଧା ଯୋଜନାରେ ୫୦ହଜାର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ସହିତ ଏକ ବୋରିଂ କରାଯାଇଥିଲା। ତେବେ ଆଗାମୀ ଦିନରେ ଗୋଟିଏ ବୋରିଂରେ ପାଣି କମିଯିବା କିମ୍ବା ବୋରିଂ ଖରାପ ହେଲେ ଗାଁକୁ ପାନୀୟ ଜଳ ଯୋଗାଣରେ ବାଧା ଉପୁଜିବା ଆଶଙ୍କାରେ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ପକ୍ଷରୁ ସେଠାରେ ୫ଲକ୍ଷ ଟଙ୍କା ବ୍ୟୟରେ ଅନ୍ୟ ଏକ ବୋରିଂ ଖୋଳା ଚାଲିଥିଲା। ମଙ୍ଗଳବାର ଗ୍ରାମର କେତେଜଣ ଯୁବକ ପହଞ୍ଚି କାମ ତଦାରଖ କରିବା ବେଳେ ବୋରିଂ ଖୋଳା କାମରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ। ଉପରିସ୍ଥ ଅଧିକାରୀଙ୍କ କହିବା ମୁତାବକ ଉକ୍ତ ବୋରିଂରେ ୮ ଇଞ୍ଚର ପାଇପ୍ ବ୍ୟବହାର କରାଯିବା ପାଇଁ ୧୬ ଇଞ୍ଚ ବ୍ୟାସାର୍ଦ୍ଧ ବିଶିଷ୍ଟ ଗାତ ଖୋଳା ହେବା ଦରକାର। ହେଲେ ଗ୍ରାମବାସୀ ମାପଚୁପ କରିବାରୁ ଜାଣିବାକୁ ପାଇଥିଲେ ଯେ, ସେଠାରେ ମାତ୍ର ୧୨ଇଞ୍ଚର ଗାତ ଖୋଳା ଯାଉଛି। ଯାହା ଫଳରେ ସର୍ବାଧିକ ୬ ଇଞ୍ଚର ପାଇପ ବ୍ୟବହାର କରାଯାଇ ପାରିବ।

ଏକଥା ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଏକତ୍ରିତ ହୋଇ କାମ ବନ୍ଦ କରିବା ସହିତ ଠିକାଦାରଙ୍କ ସୁପରଭାଇଜରଙ୍କୁ ଅଟକ ରଖିଥିଲେ। ଖବରପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହୃଦାନନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲାବେଳେ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ସନ୍ଧ୍ୟାରେ ବିଭାଗୀୟ ଏସଡିଓ ଗୌରାଙ୍ଗ ଚରଣ ନାୟକ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିବା ସହିତ ୧୬ଇଞ୍ଚର ବୋରିଂ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ବାରିପଦାସ୍ଥିତ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବେହେରାଙ୍କୁ ପଚାରିବାରୁ ସେ ଏବାବଦରେ ଅଭିଯୋଗ ପାଇଛନ୍ତି ଏବଂ ତଦନ୍ତ ପରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ତେବେ ଦୋଷୀଙ୍କ ବିରୋଧରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ବ୍ୟାଙ୍କର ଅଫିସର୍ସ କଲୋନି ନୟାପଲ୍ଲୀ, ଭୁବନେଶ୍ୱର ଓଡିଶାରେ ଗ୍ରେଡ "ଏ" ଫ୍ଲାଟ (୬ ଟି)ର ବୈଦ୍ୟୁତିକ ନବୀକରଣ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ସମ୍ପଦା ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ଅକ୍ଟୋବର 03, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଏସ୍‌ଆର୍‌ସି-ଏସ୍‌ଟି-୨୫-୨୬-କେଓଇଏଲ୍, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକକ ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଠିକାଦାରମାନଙ୍କୁ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜକୁ ଯତ୍ନର ସହ ପଢ଼ନ୍ତୁ । **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ସାନ୍ତ୍ରାଗାଛି, ଶାଲିମାର, ପଦ୍ମପୁକୁର କୋଚିଂ ଡିପୋଠାରେ ଡିଜି ସେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ସମେତ ପ୍ରାଥମିକ ରକ୍ଷଣାବେକ୍ଷଣ ରେକ୍‌ର ପାୱାର କାର୍‌ଗୁଡ଼ିକରେ ଫିଟ୍ ହୋଇଥିବା ଏହାର ଆସେସୋରିଜ୍ ସହିତ ବିଭିନ୍ନ ରେକ୍‌ଗୁଡ଼ିକର ପାୱାର କାର୍‌ଗୁଡ଼ିକରେ ସ୍ଥାପିତ 'କେଓଇଏଲ୍' ମେକ୍ ଡିଜି ସେଟ୍ (୫୦୦ କେଭିଏ)ଗୁଡ଼ିକର ଏସ୍‌କର୍ଟିଂ, ପରିଚାଳନା, 'ଏ', 'ବି' ଓ 'ସି' ଯାଞ୍ଚ କରିବା । **ଟେଣ୍ଡର ମୂଲ୍ୟ:** ₹୧୩,୫୪,୮୭,୮୨୭.୩୩ । **ଇଏମ୍‌ଡି/ବିଡ୍ ଅମାନତ:** ₹୮,୨୭,୪୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୮।୧୦।୨୦୨୫ରିଖ ୧୧.୦୦ ଘଟିକା । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଦିଆଯାଇଛି । (PR-638)

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସୂଚନା ସଂ. 30-SBP-TRD-OT-2025-26, ତା.09.09.2025ରିଖ
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର TRD ବିଭାଗର ଅଗ୍ନି ନିର୍ବାପକ ଯନ୍ତ୍ରର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
ଆନୁମାନିକ ମୂଲ୍ୟ : ₹ 4,29,041.00, EMD : ₹ 8,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 1,180/-, ଶେଷ ହେବା ଅବଧି : 24 ମାସ ।
(2) ଟେଣ୍ଡର ସୂଚନା ସଂ. 31-SBP-TRD-OT-2025-26, ତା.10.09.2025ରିଖ
କାର୍ଯ୍ୟର ନାମ : "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡରେ ଉଲଂଘନ (Infringement)କୁ ଏଡ଼ାଇବା ନିମନ୍ତେ ଫିଟିଙ୍ଗ ପୋଷ୍ଟ ଓ ଅନ୍ୟ ଟ୍ରାକ୍ସନ ସଂରଚନାର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।
ଆନୁମାନିକ ମୂଲ୍ୟ : ₹ 95,46,042.48, EMD : ₹1,90,900/-, ଶେଷ ହେବା ଅବଧି : 12 ମାସ ।
(3) ଟେଣ୍ଡର ସୂଚନା ସଂ. 32-SBP-TRD-OT-2025-26, ତା.10.09.2025ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ TPC ଭାବେ କାର୍ଯ୍ୟରତ TRD ଷ୍ଟାଫଙ୍କ ନିମନ୍ତେ SCADA ପ୍ରଶିକ୍ଷଣ ମୋଡ୍ୟୁଲ ସହ ଫଲ୍ଟ ସିମ୍ୟୁଲେଟର (Fault Simulator) ବ୍ୟବସ୍ଥା ।
ଆନୁମାନିକ ମୂଲ୍ୟ : ₹ 24,98,927.00, EMD : ₹ 50,000/-, ଶେଷ ହେବା ଅବଧି : 06 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 01.10.2025, 1530 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ 03.10.2025, 1530 ଘଟିକାରେ (ଟେଣ୍ଡର ସଂ. 2 ଓ 3 ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-605/Q/25-26

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**E-procurement Tender Call Notice No.13 of 2025-26**
**No. 5400 (Estg.) Bhubaneswar the 6th September-2025**
**No.B-501** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Road work to be received in online bidding, double cover system for Improvement works as detailed in: https://tendersodisha.gov.in. The details of bid documents will be available in the above website from 5.00 P.M. of 20.09.2025 to 5.00 P.M of 03.10.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11 A.M. of 04.10.2025 in the Office of the Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website.
Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar
OIPR-34156/11/0047/2526

**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**
No. B-531
GOVERNMENT OF ODISHA
E-Mail I.D.: eerbjspr@gmail.com
**('e' PROCUREMENT NOTICE)**
**Bid Identification No. S.E. JSPR(R&B)-08 of 2025-26**
**TENDER CALL NOTICE**
1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single Cover System in ONLINE MODE from eligible contractor for Building works as mentioned below.
2. No. of Work : 03 Nos.
3. Nature of Work : Civil
4. Class of Contractor : "C, B & D"
5. Tender Paper Cost : Rs.4,000.00, 6,000.00/- (Online)
6. Available of bid documents in the website : From 19.09.2025 to 5.00 P.M. of 25.09.2025
7. Date of Opening of Bid : 11.00 A.M. of 26.09.2025

The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.
Sd./- (Er. Sarbendu Sutar)
Superintending Engineer
Jagatsinghpur (R&B) Division
OIPR-34093/11/0028/2526

GOVERNMENT OF ODISHA No. C-1093
**OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist.: Kalahandi, PIN - 766002, e-mail: eephbhpt@gmail.com
**NATIONAL COMPETITIVE BIDDING THROUGH e-Procurement Identification No. ACEPH-BHPT-34 of 2025-26 / Dt.16.09.2025**
**e-Procurement Notice**
01. Name of the Work : 1 No Work
02. Type of Bid : Single Bid System
03. Approx. Estimated Cost : Rs.18.18 Lakh
04. Period of Completion : 02 (Two) Calendar Months
05. Date & time of availability of bid document in the portal : From 11.00 A.M. of Dt.20.09.2025 to 5.00 P.M. of 03.10.2025
06. Last date/time of receipt of bids in the portal : 5.00 P.M. of 03.10.2025
07. Date & time of opening of Technical Bids : At 11.30 A.M. of 04.10.2025
08. Name and address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/P.O.: Parmanandpur, 766002, Dist.: Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Additional Chief Engineer
P.H. Division, Bhawanipatna
OIPR-13059/11/0045/2526

# ଭୋଗରାଇରେ ବିଗୁଡ଼ୁଛି ଆଇନଶୃଙ୍ଖଳା ବ୍ୟବସ୍ଥା

## ଅସନ୍ତୋଷ ପ୍ରକାଶ କଲେ ଏମ୍‌ପି, ବିଧାୟକ

**ଭୋଗରାଇ ୧୭।୯(ପ୍ରଦୀପ ଦାସ):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ତାଳସାରୀ ମେରାଇନ ଥାନା ଓ କମର୍ଦ୍ଦା ଥାନା ଦିନକୁ ଦିନ ବିବାଦଘେରରେ ଛନ୍ଦି ହୋଇପଡୁଥିବା ଅଭିଯୋଗ ହେଉଛି। ୨ଟି ଥାନାରେ ୨ଜଣ ମହିଳା ଅଧିକାରିଣୀ ଦାୟିତ୍ୱ ତୁଲାଉଥିବା ବେଳେ ବିଭିନ୍ନ ସମ୍ବେଦନଶୀଳ ଘଟଣାରେ ପୋଲିସର ଭୂମିକାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଜନପ୍ରତିନିଧି ପୋଲିସର କାର୍ଯ୍ୟକଳାପକୁ ନେଇ ପ୍ରତିବାଦର ସ୍ୱର ଉଠାଇଛନ୍ତି ।

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଶଗଡାସାହି ଓ ଉଦୟପୁର ବେଳାଭୂମିକୁ ପଶ୍ଚିମବଙ୍ଗ ସରକାର କୌଶଳଗତ ଭାବେ ନିଜ ଦଖଲକୁ ନେବାକୁ ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କ ଉଚିତ ପ୍ରତିବାଦ ଯୋଗୁ ୨ଟି ସ୍ଥାନ ଓଡ଼ିଶା ଅଧୀନରେ ରହିଛି। ଏଭଳି ସ୍ଥିତିରେ ସୀମାନ୍ତ ଥିବା ଏହି ୨ଟି ଥାନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ପୋଲିସ ବିଭିନ୍ନ ଘଟଣାରେ ପକ୍ଷପାତିତା ଓ ଅନୁକମ୍ପା ପ୍ରଦର୍ଶନ ନେଇ ଆଇନଶୃଙ୍ଖଳା ବିଗିଡିବାରେ ଲାଗିଛି। ଉଦୟପୁର ବେଳାଭୂମିରେ ବଙ୍ଗୀୟ ପର୍ଯ୍ୟଟକଙ୍କ ଖୁଲ୍ଲମଖୁଲ୍ଲା ମଦ୍ୟପାନ, ଅଶ୍ଳୀଳ ନୃତ୍ୟ, ନିଶାବେପାରୀଙ୍କ ଚୋରା ମଦ ଓ ବ୍ରାଉନସୁଗାର କାରବାର ଶାନ୍ତ ପରିବେଶକୁ ଅଶାନ୍ତ କରିଦେଇଛି। ପ୍ରତେକ ଦିନ ଶତାଧିକ ଚୋରା ବାଲି ଟ୍ରକ୍ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ବର୍(ସାହାବାଜପୁର)ରେ ସାମୁଦ୍ରିକ ଥାନାର ଏକ ପୋଲିସପୋଷ୍ଟ ରହିଛି। ହେଲେ ଏହି ପୋଷ୍ଟ କେବଳ ଲୋକଦେଖାଣିଆ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗତ ୮ ତାରିଖରେ ତାଳସାରୀ ସାମୁଦ୍ରିକ ଥାନା ପକ୍ଷରୁ ବ୍ରାଉନସୁଗାର କରବାରରେ ଏକ କାର୍ ସହିତ ୪ଜଣଙ୍କୁ ପୋଲିସ ଅଟକ ରଖି ସେମାନଙ୍କଠାରୁ ୩୦ଗ୍ରାମ୍‌ରୁ ଅଧିକ ବ୍ରାଉନସୁଗାର ଜବତ କରିବା ଦାବି କରିଥିବା ବେଳେ ପରବର୍ତ୍ତୀ ସମୟରେ ସିନ ରିକ୍ରିଏଶନ କରି କେବଳ ଜଣଙ୍କୁ ଧରି ଗାଡ଼ି ସହ ଅନ୍ୟ ୩ ଜଣଙ୍କୁ ଛାଡ଼ିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସ୍ଥାନୀୟ ଜନସାଧାରଣ ବୁଦ୍ଧିଜୀବୀମାନେ ପୋଲିସର ଭୂମିକାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଘଟଣାକୁ ଗମ୍ଭୀରତାର ସହ ନେଇ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଅବିଳମ୍ବେ ନିରପେକ୍ଷ ତଦନ୍ତ ଓ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ଲେଖିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ତାଳସାରୀ ମେରାଇନ ଥାନାରେ ପହଞ୍ଚି ତଦନ୍ତ କରି ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ସପକ୍ଷରେ କ୍ଲିନ ରିପୋର୍ଟ ଏସ୍‌ପିଙ୍କୁ ଦେବା ପୋଲିସର ସ୍ୱଚ୍ଛତା ପ୍ରତି ପ୍ରଶ୍ନ ଉଠିଛି। ଉକ୍ତ ଘଟଣାରେ ଭୋଗରାଇ ବିଧାୟକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପୋଲିସ ସିନ ରିକ୍ରିଏଶନ ନାଟକ ରଚି ନେତା ଓ ଅପରାଧୀଙ୍କୁ ଖସାଇ ଦେଉଛି ବୋଲି ଗଣମାଧ୍ୟମକୁ କହିଛନ୍ତି। କମର୍ଦ୍ଦା ଥାନାରେ ନଳକୂପ ସ୍ଥାପନକୁ ନେଇ ୨ଜଣ ନିରୀହ ବ୍ୟକ୍ତିଙ୍କୁ ରାତିସାରା ଅଟକ ରଖି ମାନସିକ ନିର୍ଯାତନା ଦେବା ଓ ପରେ ପୋଲିସ ସର୍ବସାଧାରଣରେ ଭୁଲ ମାଗିବା ଘଟଣା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି ସେ ଅଭିଯୋଗ କରିଛନ୍ତି। ତାଳସାରୀ ମେରାଇନ ଥାନା ଏଭଳି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ଗୁରୁବାର ବିଧାନସଭାରେ ଏହି ପ୍ରଶ୍ନ ଉତ୍ଥାପନ କରିବା ସହିତ ନ୍ୟାୟ ନ ମିଳିଲେ ଭୋଗରାଇରେ ବୃହତ୍ତର ଆନ୍ଦୋଳନ ହେବ ବୋଲି ଗଣମାଧ୍ୟମକୁ ବିଧାୟକ ସୂଚନା ଦେଇଛନ୍ତି। କମର୍ଦ୍ଦା ଓ ତାଳସାରୀ ଥାନା ଶାସକ ଦଳର ପାର୍ଟି ଅଫିସ ବୋଲି କଂଗ୍ରେସ ନେତା ସତ୍ୟଶିବ ଦାସ, ସନ୍ତୋଷ କୁମାର ଜେନା ପ୍ରମୁଖ କିଛିଦିନ ତଳେ ସମାଲୋଚନା କରିଥିଲେ।

ଅପରପକ୍ଷରେ ବାଲେଶ୍ୱର ଏମ୍‌ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଶନିବାର ଭୋଗରାଇ ଗସ୍ତ କରି ତାଳସାରୀ ମେରାଇନ ଥାନା ଘଟଣାରେ ଅସନ୍ତୋଷ ପ୍ରକାଶ କରିବା ସହିତ ଏସ୍‌ପିଙ୍କୁ କଡା ତାଗିଦ କରିଛନ୍ତି। ଏଥିସହିତ ଏମପି ଭୋଗରାଇର ଆରୁହାବୃତ୍ତି, ମନୁନଗର, ମହମ୍ମଦପୁର, ମିଆଁପାଟଣା ଆଦି ସୁବର୍ଣ୍ଣରେଖା ନଦୀକୂଳ ଗାଁ ତୋଫାନୀ ଗସ୍ତ କରି ନଦୀକୂଳରେ ବନ୍ଧକୁ ଦେଖି ଆଶ୍ଚର୍ଯ୍ୟ ଓ କ୍ଷୁବ୍ଧ ହୋଇଛନ୍ତି। ବାଲିଚାଲାଣକାରୀମାନେ ବେଆଇନ ଭାବେ ନଦୀବନ୍ଧ କାଟି ବ୍ୟାପକ ଭାବେ ଚୋରାରେ ଟ୍ରାକ୍ଟର ବୋଝେଇ କରି ପଶ୍ଚିମବଙ୍ଗକୁ ବାଲି ଚାଲାଣ କରୁଥିବାରୁ ନଦୀକୂଳବାସୀ ଗାଁଗୁଡିକ ବିପଦସଂକୁଳ ଅବସ୍ଥା ହୋଇଥିବା ଦେଖି ଏମ୍‌ପି ଗଭୀର ଉଦବେଗ ପ୍ରକାଶ କରିଥିଲେ। ଶତାଧିକ ଲୋକଙ୍କ ସମ୍ମୁଖରେ ଉପସ୍ଥିତ ଥିବା ଖଣି, ରାଜସ୍ୱ, ପୋଲିସ କର୍ମଚାରୀ କାର୍ଯ୍ୟକଳାପକୁ ଏମପି ଗାଳିଦେବା ସହିତ ସେମାନଙ୍କ ବିରୋଧରେ କ୍ରିମିନାଲ କେସ ଓ ଦରମା କଟାଯିବାକୁ କଡା ସତର୍କବାର୍ତ୍ତା ଦେଇଛନ୍ତି।

## ଶିଶୁରୋଗ ବିଶେଷଜ୍ଞଙ୍କୁ ମରଣାନ୍ତକ ଆକ୍ରମଣ

**ସୋର, ୧୭।୯(ଜନ୍ମେଜୟ ମିଶ୍ର):**

ସୋର ପୌରପାଳିକା ଅଧୀନ କଲେଜ ଛକରେ ଥିବା ଏକ ଘରୋଇ କ୍ଲିନିକର ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଡାକ୍ତର ଜଣଙ୍କ ଗୁରୁତର ଆହତ ହୋଇ ଭୁବନେଶ୍ୱର ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଖଇରା ଅଞ୍ଚଳର ଶିଶୁରୋଗ ବିଶେଷଜ୍ଞ ବ୍ରଜସୁନ୍ଦର ସ୍ୱାଇଁ ସୋର ଡାକ୍ତରଖାନାରେ ଚାକିରି କରିଥିଲେ। ସେ ସ୍ୱେଚ୍ଛାକୃତ ଅବସର ନେଇ କଲେଜ ଛକରେ ଏକ କ୍ଲିନିକ କରି ରୋଗୀ ଦେଖୁଥିଲେ। ବୁଧବାର ସନ୍ଧ୍ୟାରେ ଡାକ୍ତର ସ୍ୱାଇଁ ନିଜ କ୍ଲିନିକରୁ ରୋଗୀ ଦେଖି ସାରି ଘରକୁ ଯିବା ପାଇଁ କ୍ଲିନିକ ଆଗରେ ଥିବା ତାଙ୍କ କାର୍ ନିକଟକୁ ଯାଉଥିଲେ। ଏହି ସମୟରେ ୬ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ପଛରୁ ତାଙ୍କୁ ଦୁଇଟି କଟୁରୀରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ବାପା ସ୍ଥାନୀୟ ଲୋକଙ୍କ ସହାୟତାରେ ସୋରରେ ଥିବା ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରିଥିଲେ। ସେଠାରୁ ଭୁବନେଶ୍ୱର ପଠାଯାଇଛି। ସୋର ଥାନାଧିକାରୀ ସୁଦୀପ୍ତ ସାହୁ ପହଞ୍ଚି ଆକ୍ରମଣରେ ବ୍ୟବହୃତ କଟୁରୀ ଦୁଇଟିକୁ ଜବତ କରିଛନ୍ତି। ଆକ୍ରମଣର କାରଣ ଜଣାପଡ଼ିନାହିଁ।

## ‘ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ମିଳୁ’


ପ୍ରତିବାଦ ସଭାରେ ବିଜେଡି ନେତୃବୃନ୍ଦ ଓ କର୍ମୀ।

### ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଲେଶ୍ୱର, ୧୭।୯(ବାଞ୍ଛାନିଧି ଦେ):**

ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ବଢ଼ିଚାଲିଛି। ମହିଳାଙ୍କୁ ଅସମ୍ମାନ ଓ ଅପମାନଜନକ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡୁଛି। ମହିଳାଙ୍କ ପ୍ରତି ହେଉଥିବା ଅବହେଳା, ସାମାଜିକ ତଥା ଆର୍ଥିକ ଅସମାନତା ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ବିଫଳତା ଓଡ଼ିଶାରେ ଦେଖାଦେଇଛି। ମହିଳାଙ୍କ ବିରୋଧରେ ଅତ୍ୟାଚାର, ବଳାତ୍କାର, ଯୌନ ଉତ୍ପୀଡ଼ନ ଆଦି ଆଜିର ସରକାର ସମୟରେ ଏକ ସମସ୍ୟାରେ ପରିଣତ ହୋଇଛି। ଏଣୁ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଦିଗରେ ଆବଶ୍ୟକ ଆଇନସମ୍ମତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୁଧବାର ବାଲେଶ୍ୱର ବିଜୁ ମହିଳା ଜନତା ଦଳ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏହି ଅବସରରେ ବିଜେଡି ପକ୍ଷରୁ ମହିଳାମାନେ ପୋଲିସ ଲାଇନ୍ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଏସ୍‌ପି ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଏଥିରେ ସଭାପତିତ୍ୱ କରି ଜନସାଧାରଣଙ୍କ ସୁରକ୍ଷା ପୋଲିସ ବୁଝୁ, ପୋଲିସର ସୁରକ୍ଷା ଆମେ ବୁଝିବୁ ବୋଲି ବକ୍ତବ୍ୟରେ କହିଥିଲେ। ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ ସ୍ୱରୂପ ଦାସ, ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ଜିଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଜିଲା ସମ୍ପାଦକ ମନୋଜ ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟରେ ମହିଳା ବିରୋଧୀ ଅପରାଧ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଧିରେନ ନାୟକ, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ରାଜ୍ୟ ମହିଳା ଉପସଭାପତି ଉର୍ମିଳତା ଦାସ, ଟାଉନ ସଭାପତି ମୀନା ମହାନ୍ତି, କାଉନସିଲର ମିତା ପଟ୍ଟନାୟକ ଓ ସେକ ଆୟୁବ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଜିଲାପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ରେମୁଣା ଏନ୍‌ଏସି ମହିଳା ସଭାପତି ବିଦ୍ୟୁତ୍‌ଲତା ସାହୁ, ରେମୁଣା ବ୍ଲକ ସଭାପତି ସଂଯୁକ୍ତା ରାଉତ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଯୁବ ସଭାପତି ସେକ୍ ଅନସର, ଟାଉନ ସଭାପତି ଉମାଶଙ୍କର ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

## ‘ଏକ୍ ପେଡ୍ ମା’ କେ ନାମ୍’
# ଗଛ ଓ ମଣିଷ ଉଭୟ ପରିପୂରକ


ଏମ୍‌ପି ଲଗାଯାଇଥିବା ଚାରାରେ ପାଣି ଦେଉଛନ୍ତି।

**ନୀଳଗିରି, ୧୭।୯(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରିରେ ‘ଏକ ପେଡ୍ ମା’କେ ନାମ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଧୋବଶିଳା ପଞ୍ଚାୟତ ଅଧୀନରେ ଥିବା ବିଷ୍ଣୁପ୍ରିୟା ଉଚ୍ଚ ବିଦ୍ୟାଳୟରେ ଏକ ପେଡ ମା’କେ ନାମ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ ଦାସ, ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା, ଜିଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଧୋବଶିଳା ସରପଞ୍ଚ ଦିଲୀପ ସିଂ ଓ ସମିତିସଭ୍ୟ ପାଗୁଲୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ଅତିଥିମାନେ ୧୫୦ ଚାରାରୋପଣ କରିଥିଲେ। ଏମ୍‌ପି ଷଡ଼ଙ୍ଗୀ ଗଛ ଓ ମଣିଷ ଉଭୟ ପରିପୂରକ ବୋଲି କହିଥିଲେ। ବ୍ଲକର ସମସ୍ତ ଗ୍ରାମାଞ୍ଚଳରେ ୨୯ହଜାର ଚାରାରୋପଣ କରାଯିବାକୁ ସ୍ଥିର ହୋଇଥିଲ। ସେହିପରି ନୀଳଗିରି ବ୍ଲକ କନଫରେନ୍ସ ହଲରେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର ଓ ବିଭିନ୍ନ ଉପକରଣ, ନୂତନ ଭତ୍ତା ପ୍ରଦାନ କରାଯାଇଛି।

# କୋଷ୍ଟକେନାଲ ଆଡ଼ିରେ ଲାଗିଲା ୭ ଶହ ଚାରା



**ବାହାନଗା, ୧୭।୯(ଅରୂପ କୁମାର ଦାସ):** ବାହାନଗା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ‘ଏକ ପେଡ ମା’ କେ ନାମ’ ମାଧ୍ୟମରେ ବରିପଦା ପଞ୍ଚାୟତ ବଳରାମପୁର ଗ୍ରାମସ୍ଥିତ କୋଷ୍ଟକେନାଲ ଆଡ଼ି ଉପରେ ୭ଶହ ଚାରାରୋପଣ କରାଯାଇଛି। ୨୪ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରିପଦା ପଞ୍ଚାୟତରେ ୧୦ ଜଣିଆ ଗ୍ରୁପ୍ ମାଧ୍ୟମରେ ୩ହଜାର ଗଛ ଲଗାଯାଉଛି। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବିଡିଓ ଶୁଭଶ୍ରୀ ଟୁଡୁ, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସରପଞ୍ଚ ସୂର୍ଯ୍ୟକାନ୍ତ ମାଝି, ସମିତିସଭ୍ୟ ସୁଧାକର ଆଚାର୍ଯ୍ୟ, କନିଷ୍ଠଯନ୍ତ୍ରୀ କିଷାନ ମୁର୍ମୁ ଓ ପୁଷ୍ପଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଛ ଲଗାଇଲେ, ଉତ୍ସାହିତ କଲେ



**ଜଳେଶ୍ୱର, ୧୭।୯(ନବୀନ ସାହୁ):** ଜଳେଶ୍ୱର ବ୍ଲକ୍ ଅଞ୍ଚଳରେ ‘ଏକ ପେଡ ମା’ କେ ନାମ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଖରପୁର ପଞ୍ଚାୟତର ସୁଖିଦୁଃଖିଆଠାରେ ଚାରାରୋପଣ କାର୍ଯ୍ୟକ୍ରମରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ସମସ୍ତଙ୍କ ଗଛ ଲଗାଇବା ପାଇଁ ଉତ୍ସାହିତ କରିଥିଲେ। ସେଠାରେ ୭୦୦ଚାରାରୋପଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶିବ ମାଲବୀୟ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଡିଓ ଗୌରାଙ୍ଗ ଚରଣ ଘୋଷ, ସରପଞ୍ଚ ବିଦ୍ୟାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଳେଶ୍ୱର ଭାଜପା ତରଫରୁ ମହିଷାମୁଣ୍ଡା ଗ୍ରାମରେ ୧୫୦ଟି ଚାରାରୋପଣ କରାଯାଇଥିଲା। ଭାଜପା ନେତା ବ୍ରଜମୋହନ ପ୍ରଧାନ, ପଦ୍ମଲୋଚନ ପଣ୍ଡା, ନବୀନ ସାମଲ, କାଳୀଚରଣ ଦାସ, ଦେବଜାନୀ ଅଣ୍ଡିଆ, ମଧୁସୂଦନ ସେନାପତି, ରଞ୍ଜନ ସେଠୀ ଉପସ୍ଥିତ ଥିଲେ।

# ଦୂରଦର୍ଶୀ, ନିର୍ଭୀକ ଥିଲେ ଗୋକୁଳ ଚନ୍ଦ୍ର

**ପୂର୍ବତନ ଅଧ୍ୟକ୍ଷଙ୍କୁ ଶ୍ରଦ୍ଧାଞ୍ଜଳି**

**ଖଇରା, ୧୭।୯(ଉତ୍କଳବନ୍ଧୁ ପଣ୍ଡା):**


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବିଶିଷ୍ଟ ରାଜନେତା, ଅନୁଷ୍ଠାନପ୍ରେମୀ ଜନନାୟକ ଭାବେ ପରିଚିତ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ୨୪ତମ ପୁଣ୍ୟତିଥି ଅବସରରେ ଏକ ସ୍ମୃତିସଭା ବୁଧବାର ତାଙ୍କ ହାତଗଢା ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଖଇରା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଯୋଗଦେଇ ପୂର୍ବତନ ଅଧ୍ୟକ୍ଷ ଜଣେ ଅନୁଷ୍ଠାନପ୍ରେମୀ ଓ ଦୂରଦର୍ଶୀ ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ। ୬ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଆଞ୍ଚଳିକ ବ୍ରାହ୍ମଣ ସମିତିର ସମ୍ପାଦକ ରମାକାନ୍ତ ଶତପଥି, ବୁଲୁ ଲେଙ୍କା, ବଳରାମ ଲେଙ୍କା ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ସେହିଭଳି ଜଣେ ନେତୃତ୍ୱଙ୍କ ନିକଟରୁ ଅନେକ କିଛି ଶିଖିବା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଧର ପଣ୍ଡା ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶାସ୍ତ୍ରୀ, ଉପଶାସ୍ତ୍ରୀ ଓ ମଧ୍ୟମା ପରୀକ୍ଷାରେ ଯଥାକ୍ରମେ ସର୍ବୋଚ୍ଚ ନମ୍ବର ରଖିଥିବା ରଶ୍ମିରେଖା ବେହେରା, ବର୍ଷା ପ୍ରିୟଦର୍ଶିନୀ ଉପାଧ୍ୟାୟ ଓ ଦମୟନ୍ତୀ ସାହୁଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଉମାକାନ୍ତ ନାୟକ ସଂସ୍କୃତ ଭାଷାରେ ଅତିଥି ପରିଚୟ ଓ ଯାଜ୍ଞବଲ୍କ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳରୁ ବାଲେଶ୍ୱର ଆସୁଛି ଗଞ୍ଜେଇ

■ ୨ ବେପାରୀଙ୍କୁ ମାଡ଼ି ବସିଲା ପୋଲିସ

**ବାଲେଶ୍ୱର, ୧୭।୯(ବାଞ୍ଛାନିଧି ଦେ):**


ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

ବାଲେଶ୍ୱର ଟାଉନ ଥାନା ପୋଲିସ ମଙ୍ଗଳବାର ବାଲିଘାଟ ନିକଟରେ ଚଢ଼ାଉ କରି ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଳେଶ୍ୱର ଥାନା ଗୋବରଘାଟା ଅଞ୍ଚଳର ଉଜ୍ଜଳ ପାଲ ଓ ସୂର୍ଯ୍ୟନାରାୟଣ ପାଲ। ସେମାନଙ୍କଠାରୁ ୫ କି.ଗ୍ରା. ୭୨୦ ଗ୍ରାମ୍ ଗଞ୍ଜେଇ ସହ ଗୋଟିଏ ମୋଟର ସାଇକେଲ, ୨ଟି ମୋବାଇଲ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୨୪୫/୨୫) ରୁଜୁ ହୋଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବେପାରୀଦ୍ୱୟ କନ୍ଧମାଳରୁ ଗଞ୍ଜେଇ ଆଣି ବାଲେଶ୍ୱରକୁ ଆସିଥିଲେ। ବାଇକ୍‌ଯୋଗେ ସହରରେ ବିକ୍ରି ପାଇଁ ଯାଉଥିବା ବେଳେ ଖବରପାଇ ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ସଦଳେବେଳେ ଚଢ଼ାଉ କରି ବାଲିଘାଟ ନିକଟରେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲେ।

# ୪ବର୍ଷର ପୁଅକୁ ଛାଡ଼ି ଜୀବନ ହାରିଲେ ମହିଳା

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ

**ସୋର, ୧୭।୯(ଜନ୍ମେଜୟ ମିଶ୍ର):**



ବାଲେଶ୍ୱର ଜିଲା ସୋର ଥାନା ବେଲପୁର ଗ୍ରାମର ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପଘର ଲୋକ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ସୋର ଥାନା ପାଗଡଶୋଳ ଗ୍ରାମର ଗଜେନ୍ଦ୍ର ଭୋଇଙ୍କ ଝିଅ ଭାଗ୍ୟବତୀ (୨୬) ଗତ ୫ବର୍ଷ ତଳେ ସୋର ଥାନା ପାଖର ପଞ୍ଚାୟତ ବେଲପୁର ଗ୍ରାମର ଉମାକାନ୍ତ ବେହେରାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ବାପଘର ପକ୍ଷରୁ ନଗଦ ୩ଲକ୍ଷ ଟଙ୍କା ସମେତ ସୁନା, ରୁପା ଅଳଙ୍କାର ଏବଂ ଆସବାବପତ୍ର ପ୍ରଦାନ କରାଯାଇଥିଲା। ତାଙ୍କର ୪ବର୍ଷର ଶିଶୁପୁତ୍ର ଅଛି। ବିବାହ ପରେ ଶାଶୁ ଘର ଲୋକେ ଅଧିକ ୫ଲକ୍ଷ ଟଙ୍କା ଦାବି କରି ଭାଗ୍ୟବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ତାଙ୍କ ମା’ ମଞ୍ଜୁଲତା ଅଭିଯୋଗ କରିଛନ୍ତି। ବୁଧବାର ସକାଳେ କୌଣସି କାରଣରୁ ଭାଗ୍ୟବତୀ ଶୋଇବା ଘର ଫ୍ୟାନରେ ବେକରେ ରଶି ଲଗାଇ ଝୁଲିପଡିଥିଲେ। ଶାଶୁ ଘର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭାଗ୍ୟବତୀଙ୍କ ମା’ ମଞ୍ଜୁଲତା ସୋର ଥାନାରେ ପହଞ୍ଚି ତାଙ୍କ ଝିଅକୁ ଶାଶୁଘର ଲୋକେ ମାରିଦେଇଥିବା ଅଭିଯୋଗ ଆଣିଛନ୍ତି। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଭାଗ୍ୟବତୀଙ୍କ ସ୍ୱାମୀ ଉମାକାନ୍ତ ସିଆରପିଏଫ୍‌ରେ ଦିଲ୍ଲୀରେ କାର୍ଯ୍ୟରତ ଅଛନ୍ତି।

## କେକ୍ କାଟି ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ପାଳିଲେ ମହିଳା

**କାଳିପଦା, ୧୭।୯(ରାଜଶ୍ରୀ ପାଣିଗ୍ରାହୀ):** ସୁଭଦ୍ରା ଯୋଜନାକୁ ବର୍ଷେ ପୂରିଛି। ଏହି ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ବର୍ଷକୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ଅନୁଦାନ ଯୋଗାଇ ଦେଇଥାନ୍ତି। ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ବାଲିଆପାଳ ସିଡ଼ିପିଓ ଅରସ୍ମିତା ଜେନାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ବିଡିଓ ରାଧାରଞ୍ଜନ ଦାଶ ଯୋଗଦେଇ ସୁଭଦ୍ରା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସୁଭଦ୍ରା ହିତାଧିକାରୀ ଯୋଗଦେଇ ସୁଭଦ୍ରା ଯୋଜନାରୁ ଉପକୃତ ହୋଇଥିବା ନେଇ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସମନ୍ୱୟ ଶିଶୁ ବିକାଶ ବିଭାଗର କର୍ମକର୍ତ୍ତା ପରିଚାଳନା କରିଥିଲେ। ଏକ ବର୍ଷ ପୂର୍ତ୍ତି ଅବସରରେ ସୁଭଦ୍ରା ହିତାଧିକାରୀମାନେ କେକ୍ କାଟି ଖୁସି ମନାଇଥିଲେ।

# ଦୁର୍ଗା ପୂଜା ପାଇଁ ଶାନ୍ତି କମିଟି ବୈଠକ

■ ୨୪ରୁ ଖୋଲିବ ସିଙ୍ଗଲ ୱିଣ୍ଡୋ
■ ‘ଫାଷ୍ଟ କମ୍ ଫାଷ୍ଟ ସର୍ଭ’ ଭିତ୍ତିରେ ଯାନବାହନ ପ୍ରବେଶ ବ୍ୟବସ୍ଥା

**ବାଲେଶ୍ୱର, ୧୭।୯(ବାଞ୍ଛାନିଧି ଦେ):**


ବୈଠକରେ ବିଧାୟକଙ୍କ ସହ ଅଧିକାରୀଗଣ।

ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ପରିସରରେ ଶାରଦୀୟ ଦୁର୍ଗା ପୂଜା, ରାବଣ ପୋଡ଼ି ଓ ଭସାଣି ପର୍ବର ସୁପରିଚାଳନା ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ବୈଠକରେ ସଭାପତିତ୍ୱ କରି ଶାନ୍ତିଶୃଙ୍ଖଳା ଓ ଆଡ଼ମ୍ବର ସହକାରେ ଏହି ପର୍ବକୁ ପାଳନ କରିବାକୁ ଆହ୍ୱାନ ଦେଇଥିଲେ।

ସଦର ବିଧାୟକ ମାନସ ଦତ୍ତ ଯୋଗଦେଇ ନୀତିନିୟମ ମାନି ଭାଇଚାରା ଭିତ୍ତିରେ ଶାରଦୀୟ ପର୍ବକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଡିଆଇଜି ପିନାକ ମିଶ୍ର ଯୋଗଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ଆସନ୍ତା ସେପ୍ଟେମ୍ବର ୨୪, ୨୫ ଓ ୨୬ ତାରିଖରେ ପୂଜା କମିଟିମାନେ ଏନ୍‌ଓସି ପ୍ରାପ୍ତ କରିପାରିବେ। ଆଖଡ଼ା ପରମିଶନ, ତୋରଣ ଓ ମଣ୍ଡପ ସମ୍ବନ୍ଧୀୟ ନୀତିନିୟମ ସମ୍ପର୍କରେ ଅଲୋଚନା କରିଥିଲେ। ବୈଠକରେ ପୌରାଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ ଶିବ ମାଲବୀୟ ଓ ଡ. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାସ ଓ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଡିଜେ ଓ ଜିଗ୍-ଜାଗ୍ ଆଲୋକ ନିୟନ୍ତ୍ରଣ ଦିଗରେ ଗୁରୁତ୍ୱାରୋପ କରିଥିଲେ। ମଣ୍ଡପରେ ସର୍ବାଧିକ ୪ଟି ଛୋଟ ସ୍ପିକର ଲଗାଇବା ଏବଂ ଶବ୍ଦର ଉଚ୍ଚତାକୁ ନିୟନ୍ତ୍ରଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମଣ୍ଡପରେ ଆବଶ୍ୟକ ପ୍ରସ୍ଥାନ ଦ୍ୱାର ଓ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ କୁହାଯାଇଥିଲା। ଭସାଣି କାର୍ଯ୍ୟକ୍ରମରେ ‘ଫାଷ୍ଟ କମ୍ ଫାଷ୍ଟ ସର୍ଭ’ ଭିତ୍ତିରେ ସିନେମା ଛକରେ ଯାନବାହନ ପ୍ରବେଶ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ, ଶାନ୍ତି କମିଟି ସଦସ୍ୟ ଏବଂ ଆଖଡ଼ା ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନୋଟିସ ପରେ ବି ହେଲାନି ଜବରଦଖଲ ଉଚ୍ଛେଦ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ**

**ଆଗେଇ ପାରୁନି ଉନ୍ନୟନ କାର୍ଯ୍ୟ**

ଆଗରପଡ଼ା,୧୭।୯(ସୁଶାନ୍ତ ଦାଶ)

ବନ୍ତ ବ୍ଲକ ବିଟିପୁର ପଞ୍ଚାୟତରେ ଜବରଦଖଲ ଯୋଗୁ ଉନ୍ନୟନ କାର୍ଯ୍ୟ ଆଗେଇପାରୁ ନାହିଁ। ବାରମ୍ବାର ଅଭିଯୋଗ ପରେ ଜବରଦଖଲ ହଟାଇବା ନେଇ ତହସିଲ ପକ୍ଷରୁ ନୋଟିସ ସତ୍ତ୍ୱେ ଉଚ୍ଛେଦ ହୋଇପାରି ନାହିଁ। ଏଣୁ ପଞ୍ଚାୟତର ସରପଞ୍ଚ ସୁଭଦ୍ରା ସିଂହ ବାଧ୍ୟହୋଇ ଏ ଦିଗରେ ପଦକ୍ଷେପ ନେବାକୁ ନିକଟରେ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବିଟିପୁର ମୌଜାରେ ପିଡବ୍ଲ୍ୟୁଡି ରାସ୍ତା ସଂଲଗ୍ନ କରୁଥିବା ଖାତା ନଂ. ୨୭୦, ପ୍ଲଟ୍ ନଂ. ୭୧୩ରେ ଏକ ସୁଲଭ ଶୌଚାଳୟ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୪ଲକ୍ଷ ଅଟକଳ ମୂଲ୍ୟରେ ପୁନଃ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ପରେ ୨୦୨୩-୨୪ରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଶୌଚାଳୟ କାର୍ଯ୍ୟ, ଏହା ନିକଟରେ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ନିମନ୍ତେ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସୁଲଭ ଶୌଚାଳୟ ସାମ୍ନାରେ ପିଡବ୍ଲ୍ୟୁଡି ରାସ୍ତାକୁ ସଂଯୋଗ କରୁଥିବା ଅବଶିଷ୍ଟ ଖାଲି ପଡ଼ିଥିବା ସେହି ପ୍ଲଟ୍‌ର ପାଖାପାଖି ୦.୩୨ ଡିସିମିଲ ମଧ୍ୟରୁ ଏ୦.୦୭ ଡିସିମିଲ ଜମିରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ନିର୍ମାଣ ପାଇଁ ସ୍ଥିର ହୋଇଥିଲା। ମାତ୍ର ଶୌଚାଳୟ ପାଇଁ ହୋଇଥିବା ରାସ୍ତାଟି ଜବରଦଖଲ ଥିବାରୁ ଶୌଚାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ସହ ଅନ୍ୟ ଦୁଇଟି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରୁ ନାହିଁ। ସେହିପରି ସରକାରୀ ଅନୁଦାନରେ ବିଟିପୁର ମୌଜାରେ ଏକ ଏଏନ୍‌ଏମ୍ ସେଣ୍ଟର ଓ କନିଷ୍ଠ ଯନ୍ତ୍ରୀଙ୍କ କ୍ୱାର୍ଟର୍ସ ନିର୍ମାଣ ହୋଇଥିଲେ ମଧ୍ୟ ଏହାର ସମ୍ମୁଖ ଭାଗ ଜବରଦଖଲରେ ରହିଛି। ବିଟିପୁର ସରପଞ୍ଚ ସିଂହ ଏନେଇ ବିଧାୟକ, ସ୍ଥାନୀୟ ତହସିଲଦାର ଓ ପରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ବନ୍ତ ତହସିଲଦାର ଏବଂ ବିଡିଓଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅବଗତ କରାଇଥିଲେ। ବିଡିଓ ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ଚିଠି କରିଥିଲେ। ପରେ ତହସିଲଦାର ଗତ ମେ ୧୦ରେ ଜବରଦଖଲକାରୀଙ୍କୁ ୩୦ ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ କରିଥିଲେ। ହେଲେ ଜବରଦଖଲକାରୀ ଖାଲି ନ କରିବାରୁ ସରପଞ୍ଚ ପୁଣି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ଗତ ଅଗଷ୍ଟ ୪ରେ ଅବରୋଧ ଉଚ୍ଛେଦ ନିମନ୍ତେ ତହସିଲ ପକ୍ଷରୁ ନୋଟିସ ହୋଇଥିଲା। ମାତ୍ର ପୂର୍ବ ରାତିରେ କ'ଣ ଏମିତି ଘଟିଲା ବା କିଏ ନିର୍ଦ୍ଦେଶ ଦେଲେ, ଯେଉଁଥିପାଇଁ ଉଚ୍ଛେଦ ବନ୍ଦ ହୋଇଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ତହସିଲଦାର ସାରା ହେମ୍ବ୍ରମଙ୍କୁ ପଚାରିବାରୁ ଉଚ୍ଛେଦ ପାଇଁ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ନିର୍ଦ୍ଦେଶ ଜାରି ହୋଇଛି, ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ।



ବିଟିପୁର ମୌଜାରେ ଜବରଦଖଲ ଯେଗୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ସୁଲଭ ଶୌଚାଳୟ।

## ଘୋଡ଼ାନାଚ ମାଧ୍ୟମରେ ଚାରାରୋପଣ ସଚେତନତା

ତିହିଡ଼ି,୧୭।୯(ସଞ୍ଜିତ ବଳ)

ଘୋଡ଼ାନାଚ ଓ ଦାସକାଠିଆ ମାଧ୍ୟମରେ ଚାରାରୋପଣ ପାଇଁ ସଚେତନତା କରାଯାଇଛି। ତିହିଡ଼ି ବ୍ଲକର ବୋଡ଼କଠାରେ ଜିଲା ସଂସ୍କୃତି ବିଭାଗ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗରେ ଶୁଭମ ସାମାଜିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଲୋକଙ୍କୁ ସଚେତନ କରାଯାଇଥିଲା। ସଙ୍ଗଠନ ସଭାପତି ହୃଷୀକେଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ମଣିଷ ଜୀବନ ସହ ବୃକ୍ଷର ନିବିଡ଼ ସମ୍ପର୍କ ଥିବାରୁ ଗଛ ଲଗାଇ ନିଜକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏବଂ ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଜୟପ୍ରକାଶ ମଲିକ, ପୂର୍ବତନ ସରପଞ୍ଚ ଶଶଧର ସାମଲ, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଚିତ୍ରଶିଳ୍ପୀ ଜୟନ୍ତ ନାୟକ ପ୍ରମୁଖ ଯୋଗଦେଇ ଜିଲାରେ ସବୁଜିମା ଭରିବାକୁ ସମସ୍ତେ ସଂକଳ୍ପବଦ୍ଧ ହୋଇ ଚାରାରୋପଣ କରିବା ଆବଶ୍ୟକ ବୋଲି କହିଥିଲେ। ସଙ୍ଗଠନର ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ବରିଷ୍ଠ ସଦସ୍ୟ ଆନନ୍ଦ ଚନ୍ଦ୍ର ପଲାଇ ଧନ୍ୟବାଦ ଦେଇଥିଲେ। ମା' ଖରାଖାଇ ଘୋଡ଼ାନାଚ ଦଳର ମୁଖ୍ୟ ଗାୟକ ଅଭିମନ୍ୟୁ ମଲିକ ଓ ସହଯୋଗୀମାନେ ଘୋଡ଼ାନାଚ ପରିବେଷଣ କରିଥିଲେ।

# ଦିବ୍ୟାଙ୍ଗ ସରସ୍ୱତୀଙ୍କୁ ମିଳିଲା ପକ୍କାଘର

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦିଆଗଲା କାର୍ଯ୍ୟାଦେଶ**



ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଦିବ୍ୟାଙ୍ଗ ସରସ୍ୱତୀ ମଣ୍ଡଳଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ଚାନ୍ଦବାଲି,୧୭।୯(କିଷାନ ପାତ୍ର)

ମୁଖ୍ୟମନ୍ତ୍ରୀଙ୍କ ଫୋନ୍ କଲ୍ ପରେ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ପ୍ରଶାସନ ପକ୍ଷରୁ ପକ୍କାଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏଥିସହ ଗୃହ ନିର୍ମାଣର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଶାସନ ନେଇଛି। ଚାନ୍ଦବାଲି ଏନ୍‌ଏସିର ୧୦ ନଂ. ୱାର୍ଡ ନୟାଧାମରାର ଦିବ୍ୟାଙ୍ଗ ସରସ୍ୱତୀ ମଣ୍ଡଳ ଭଙ୍ଗାଘରେ ରହୁଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନଜରରେ ପଡ଼ିଥିଲା। ତୁରନ୍ତ ଦିବ୍ୟାଙ୍ଗ ଯୁବତୀଙ୍କୁ ଘର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କିଛିଦିନ ତଳେ ଭଦ୍ରକ ଜିଲାପାଳଙ୍କ ସହ ଫୋନ୍‌ରେ କଥା ହୋଇ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଚାନ୍ଦବାଲି ଗସ୍ତରେ ଆସିଥିବା ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସରସ୍ୱତୀଙ୍କ ପାଖରେ ବସି ପକ୍କାଘର ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ତାଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ପକ୍କାଘର କାର୍ଯ୍ୟାଦେଶ ମିଳିବା ପରେ ସରସ୍ୱତୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ସେ ଖୁସି ଅନୁଭବ କରୁଥିବା କହିଛନ୍ତି।

**କବାଡ଼ି ପ୍ରତିଯୋଗିତା**

# ରାଜ୍ୟସ୍ତରକୁ ଗଲେ ଜଗବନ୍ଧୁ



ବିଦ୍ୟାଳୟ ପକ୍ଷରୁ ଛାତ୍ର ଜଗବନ୍ଧୁ ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବନ୍ତ,୧୭।୯(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ନିଳୋକ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଜଗବନ୍ଧୁ ବାରିକ(୧୫) ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ସିନିୟର ପୁରୁଷ ବିଭାଗ କବାଡ଼ି ପ୍ରତିଯୋଗିତାରେ ଜିଲା ଟିମ୍ ସହ ଭାଗ ନେଇ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ମଙ୍ଗଳବାର ଭଦ୍ରକ ଚରମ୍ପା ବରାଳପୋଖରୀସ୍ଥିତ ହନୁମାନଜୀଉ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ସେ କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଚିତ୍ରାବତୀ ବେହେରାଙ୍କ ତତ୍ତ୍ୱାବଧାନରେ ସେ ଏହି ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ବୁଧବାର ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅସିତ୍ କୁମାର ପୁହାଣଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ରବିନାରାୟଣ ପାଣି, ସ୍ୱାଧୀନ କୁମାର ସାହୁ, ଦିନେଶ କୁମାର ନାୟକ, ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ନାୟକ, ଅତିଥି ଶିକ୍ଷକ ସୁଧାକର ପଣ୍ଡା, ଶିକ୍ଷାକର୍ମୀ ରବୀନ୍ଦ୍ର ମୋହନ ମାଝୀ, ସୌମ୍ୟରଞ୍ଜନ ସାହୁଙ୍କ ସମେତ ଏସ୍‌ଏମ୍‌ସିର ସଭ୍ୟ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପଧାନପଡ଼ା ପଞ୍ଚାୟତ ମାଳତୀରା ଗ୍ରାମର ମଣିଭଦ୍ର ବାରିକ ଓ ମମତା ବାରିକଙ୍କ ପୁଅ ଜଗବନ୍ଧୁ। ସେ ଏବେ ନିଳୋକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢ଼ୁଛନ୍ତି। ପିଲାଟି ବେଳୁ ତାଙ୍କର କବାଡ଼ି ଖେଳ ପ୍ରତି ରୁଚି ରହିଆସିଛି। ଆଗକୁ ସେ କବାଡ଼ିରେ ଭଲ ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିବାକୁ ଲକ୍ଷ୍ୟ ରଖିଥିବା ଜଗବନ୍ଧୁ କହିଛନ୍ତି।

# 'ମା' ପାଇଁ ଗଛଟିଏ'

**ଧାମନଗର ମହାବିଦ୍ୟାଳୟରେ ଚାରାରୋପଣ**

ଧାମନଗର,୧୭।୯(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ସ୍ନାତକ ମହାବିଦ୍ୟାଳୟର ଏନ୍‌ସିସି, ୱାଇଆର୍‌ସି ଓ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜରିଆରେ ବୁଧବାର କଲେଜ ପରିସରରେ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ମୁଖ୍ୟବକ୍ତା ପ୍ରାଧ୍ୟାପକ ସରୋଜ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ସନ୍ଦୀପ କୁମାର ଘୋଷ, ଅଧ୍ୟାପିକା ସ୍ମରଣିକା ପ୍ରଧାନ, ଶ୍ୱେତା ସାମିନି ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କ ସହ ଚାରାରୋପଣ କରିଥିଲେ। ଅଧ୍ୟାପକ ଡ. ମନୋଜ କୁମାର କର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଚିନ୍ମୟ ଜେନା ଅତିଥି ପରିଚୟ ପ୍ରଦାନ, ଆଶୀର୍ବାଦ ମହାନ୍ତି ସ୍ୱାଗତ ସମ୍ଭାଷଣ ଓ ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଚାରାରୋପଣ କରି ତାହାର ଯତ୍ନ ନେବାକୁ ସଂକଳ୍ପ ନେଇଥିଲେ। ଶତାଧିକ ଚାରାରୋପଣ କରାଯାଇଥିଲା। ମହାବିଦ୍ୟାଳୟର ଏନ୍‌ସିସିର ସିଟିଓ ଅଧ୍ୟାପକ ଆଶୀର୍ବାଦ ମହାନ୍ତି, ଯୁକ୍ତ ୨ ଓ ୩ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଅଧ୍ୟାପକ ଡ. କର ଓ ଅଧ୍ୟାପକ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ.ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।



କଲେଜ ପରିସରରେ ଚାରାରୋପଣ ଅବସରରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ହଜରତ ସରକାର ବାବାଙ୍କ ବାର୍ଷିକ ଫାତେହା ଉତ୍ସବ ପ୍ରସ୍ତୁତି

ଭଦ୍ରକ,୧୭।୯(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ହଜରତ ସରକାର ବାବାଙ୍କ ୧୧ତମ ବାର୍ଷିକ ଫାତେହା ଉତ୍ସବ ପାଳନ ଉପଲକ୍ଷେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ଫାତେହା ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏସ୍‌ପି ମନୋଜ କୁମାର ରାଉତ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗ ଦେଇଥିଲେ। ରାସ୍ତା ମରାମତି, ଆଲୋକୀକରଣ, ନାଳ ନର୍ଦ୍ଦମାର ସଫେଇ, ଟ୍ରାଫିକ ସୁବନ୍ଦୋବସ୍ତ କରିବା ପାଇଁ ଆଲୋଚନା ହୋଇଥିଲା। ସୋସିଆଲ ମିଡିଆରେ ମିଥ୍ୟା ଗୁଜବ ପ୍ରଚାର ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ସମ୍ବେଦନଶୀଳ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ବିଭାଗର ଅଧିକାରୀ, ଶାନ୍ତି କମିଟି, ହିନ୍ଦୁ ସୁରକ୍ଷା ସମିତି ଓ ମୁସ୍‌ଲିମ୍ ଜମାତର କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

# ବାଇକ୍ ଧକ୍କାରେ ନାବାଳିକା ଗୁରୁତର

ବାସୁଦେବପୁର,୧୭।୯(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ବଜାରଠାରେ ବୁଧବାର ପୂର୍ବାହ୍ନ ୧୧ଟା ବେଳେ ଏକ ବାଇକ୍ ଧକ୍କାରେ ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ସେ ହେଲେ ପଲ୍ଲୀ ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଝିଅ ସୁଭଦ୍ରା(୮)। ସୂଚନା ଅନୁଯାୟୀ ପ୍ରଶାନ୍ତ, ତାଙ୍କ ସ୍ତ୍ରୀ ଓ ଝିଅ ସାବରଙ୍ଗ ବଜାରକୁ ଆସିଥିଲେ। ବଜାରରେ ଏକ ଦୋକାନରୁ ଜଳଖିଆ କିଣି ରାସ୍ତାରେ ଛିଡ଼ା ହୋଇଥିବା ବେଳେ ଭଦ୍ରକ ଆଡୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଗୁରୁତର ସୁଭଦ୍ରାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ସାବରଙ୍ଗ ଥାନାଧିକାରୀ ଉମାଶଙ୍କର ନାୟକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିବା ସହ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଲଗାଗଲା ଗଛ

ବାସୁଦେବପୁର,୧୭।୯(ନାରାୟଣ ପ୍ରସାଦ ବାରିକ୍)

ମା' ପାଇଁ ଗଛଟିଏ ଅଭିଯାନରେ ବାସୁଦେବପୁର ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ବ୍ଲକ ଏଇଇ ଅନିଶ ସୁବୁଦ୍ଧି ରାୟ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ପ୍ରମୁଖ ଚାରାରୋପଣ କରିଥିଲେ। ଲଗାଯାଇଥିବା ବୃକ୍ଷର ଯତ୍ନ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ବନ ବିଭାଗ ପକ୍ଷରୁ ସୁନାମୁହିଁଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ବିଡିଓ କର, ସ୍ଥାନୀୟ ସରପଞ୍ଚ ଆଦିତ୍ୟ ଗିରି, ରେଞ୍ଜର ଅତୁଲ୍ୟ ମହାନ୍ତିଙ୍କ ସମେତ ବନ ବିଭାଗ କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ଅଟଳ ବିହାରୀ ହାଇସ୍କୁଲରେ ସାମାଜିକ କର୍ମୀ ଉଦୟ ନାରାୟଣ ମଲିକ ଚାରାରୋପଣ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ କୁମାର ଦାସଙ୍କ ସହ ବିଡିଓ ଏବଂ ଅନ୍ୟମାନେ।


OFFICE OF THE
NOTIFIED AREA COUNCIL, BALIMELA, ODISHA, PIN - 764051
e-Mail: eonacbalimela@gmail.com
Lt. No. 1718/Dev/2025 Dated: 10.09.2025

e-NOTICE

BID IDENTIFICATION No. EOBLM01/2025

No. C-1089: The Executive Officer, NAC, Balimela, on behalf of Government of Odisha invites for bidders of eligible clas registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Works
2. Number of Work : 49 Nos.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.15.09.2025 to 5.00 P.M. of Dt.08.10.2025
6. Last date and time for receipt of Bid in the portal : 5.00 P.M. of Dt.08.10.2025
7. The bid received online shall be opened on : 11.00 A.M. of Dtd.09.10.2025
8. If necesary, Lottery will be drwan : On Dtd.10.10.2025 at 11 A.M.
9. Name and address of the Officer Inviting Bid : Executive Officer, NAC, Balimela

Further details can be seen from the Procurement Portal: www.tendersorissa.gov.in.

Sd./- Junior Engineer Balimela NAC | Sd./- Chairperson Balimela NAC | Sd./- Executive Officer Balimela NAC

OIPR-13140/11/0006/2526



OFFICE OF THE
PURI MUNICIPALITY, PURI
Mail ID: purim.hud@nic.in, purim.hud@gmail.com
Letter No. 8696 Dated: 15.09.25

NOTICE INVITING TENDER

No. C-1097: Sealed tender in conformity with the detailed tender call notice are invited from registered contractors of P.W.D./R.D./Water Resources/ PHED of Odisha Govt./Puri Municipality for execution of the under mentioned work so as to reach the Executive Officer, Puri Municipality through Registered Post/Speed Post only upto 05 P.M. on 24.09.2025. The tender documents are to be obtained from Puri Municipality on deposit of the non-refundable cost of tender documents in shape of A/C Payee Bankers Cheque/Bank Draft in favour of the Executive Officer, Puri Municipality, Puri upto 05 P.M. on 23.09.2025. The tender will be opened at 11.00 A.M. on 25.09.2025 in presence of bidder or their authorized representative who may be present at the time of opening of the tender. Puri Municipality will in no way be responsible for any delay in respect of the tender document.

The detailed tender call notice may be seen in the website www.purimunicipality.nic.in & www.puri.odisha.gov.in.

Sd./- Executive Officer Puri Municipality, Puri

OIPR-13159/11/0066/2526



GOVERNMENT OF ODISHA
OFFICE OF THE
DIVISIONAL FOREST OFFICER, SAMBALPUR FOREST DIVISION
Near Jail Chowk, e-mail id: dfo.sambalpur@odisha.gov.in
BID IDENTIFICATION No. F&E/SBP/01 (Online)/2025-26

E-Procurement Notice

No. 01 Dated: 16.09.2025

No. MM-193: The Divisional Forest Officer, Sambalpur Forest Division, on behalf of Governor of Odisha, invites Percentage Rate bids in Single Cover System in ONLINE MODE.

1. Nature of Work : Construction of Forest Guard Quarters
2. Tender Cost : Rs.6000/-
3. Class of Contractor : "C" & "D" Class Contractors
4. Availability of bid document in the website : 18.00 hours of 17.09.2025 to 17.30 hours of 13.10.2025
5. Date of Opening of Tenders : 11.30 hours on Dt.14.10.2025
6. The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.

Sd./- Divisional Forest Officer Sambalpur Forest Division

OIPR-08104/11/0021/2526



ODISHA HYDRO POWER CORPORATION LIMITED
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051
Phone:06861-291058 (O)/ 06861-291048 (R) <Email- bhep.balimela@gmail.com, unit.head_balimela@yahoo.com>
TENDER CALL NOTICE NO.BHEP/33/2025-26 DATED:15.09.2025

No.CAD-1788: Sealed tenders are invited in single part bid basis from Vehicle Owners/Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & time of receipt of tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Hiring of 01 (One) number of (TUV 300/ Bolero/Sumo Gold/Ertiga) Vehicle with single driver provision for shift duty of valve house for three years under BHEP, Balimela | Rs.7080/- (Rupees Seven Thousand Eighty) only | Rs.22,147/- | From 18.09.2025 to upto 11.30 hrs. on 08.10.2025 | 11.30 Hrs. of 08.10.2025 | 12.30 Hrs. of 08.10.2025 |

For details of the tender documents, terms & conditions please visit our website www.ohpcltd.com.

OIPR-04019/11/0114/2526 Sd./- C & P Head, BHEP, Balimela



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
Letter No.3254 email- serwsbd2003@yahoo.com Date:10.09.2025

E-PROCUREMENT NOTICE FOR PMGSY MAINTENANCE WORKS

No.O-783:1.Name of the work : Periodical Renewal work of 5 year post DLP PMGSY Roads-02 Nos. 2. Class of contractor : "B" Class & "A" Class of (Odisha PWD) or relevant class of other licensing authority. 3. Estimated Cost : Various from Rs.106.89 Lakhs to Rs.128.45 Lakhs (Approximately) 4.Details of projects: As per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-17/2025-26 | 17.09.2025 at 11.00 A.M. | 04.10.2025 upto 5.00 P.M. | 03.10.2025 upto 2.00 P.M. | 06.10.2025 at 11.00 A.M. | To be intimated separately |

5. The details of works can be seen from the website https://www.pmgsytenders.gov.in for PMGSY maintenance works.
6. Any Corrigendum/Addendum will be displayed in the above e-tender website.

OIPR-25182/11/0078/2526 Sd./- Chief Construction Engineer, R.W. Circle, Sunabeda



OFFICE OF THE SUPERINTENDENT
VSS INSTITUTE OF MEDICAL SCIENCES & RESEARCH, BURLA
DIST.: SAMBALPUR, E-MAIL: vimsarsuptd24@gmail.com
No. 14252/VIMSAR Dated: 15.09.2025

TENDER CALL NOTICE

No. E-388: Sealed tenders are hereby invited by the undersigned from the interested Travel Agencies/Tour Operators having GST registration for providing 01 (One) number A.C. Vehicle of 7 seated preferably Scorpio/Marazzo/XUV-700 for use in the different Blood Bank Campus on rental basis as when required. The tenders should reach the Office of the Superintendent, VIMSAR, Burla on or before Dtd.14.10.2025 upto 5.00 P.M. through Regd. Post/Speed Post/Courier only which will be opened in the next working day at 12.00 Noon.

The detail terms and conditions of this tender call notice can be downloaded from the District website http://sambalpur.odisha.gov.in and from the Institution website www.vimsar.ac.in and can be submitted with a Bank Draft of Rs.2000/- (Rupees two thousand) only in favour of the Superintendent, VIMSAR, Burla towards the cost of the tender paper with their tender. The cost of tender paper is not refundable.

The undersigned/committee reserves the full right to accept in full or part or reject any or all the tenders without assigning any reason thereof.

Sd./- Superintendent

OIPR-10187/11/0050/2526 VSS Inst. of Med. Sc. & Research, Burla

**କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଦାଶରଥିପୁର ଗ୍ରାମର ରାକେଶ କୁମାର ମୁଣ୍ଡା (୨୮) ପାରିବାରିକ କଳହରୁ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ରାଜେଶ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବୁଧବାର ସକାଳେ ଝଗଡ଼ା ହୋଇଥିଲା। ରାକେଶ ଉଦ୍‌କ୍ଷିପ୍ତ ହୋଇ କୀଟନାଶକ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୋଲିସ ଏକ ମାମଲା(ନଂ.୨୯/୨୫)ରୁଜୁ କରି ତଦନ୍ତ କରୁଥିବା ଏସ୍‌ଆଇ ସୁଜାତା ମହାନ୍ତ କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଛେଳି ଚରାଳିଙ୍କ ମୃତ୍ୟୁ

ଚମ୍ପୁଆ,୧୭।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତ ରାଇଗୁଡ଼ିଠାରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ଘଟିଛି। ମୃତକ କରଞ୍ଜିଆ ଗ୍ରାମର ବିଜୟ କୁମାର ନାଏକ(୪୫)। ସେ ଛେଳି ନେଇ ରାଇଗୁଡ଼ି ଅଞ୍ଚଳକୁ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବିଜୟ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ଉପସ୍ଥିତ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚମ୍ପୁଆ ଥାନାରେ ଏକ ମାମଲା(ନଂ. ୪୫/୨୫) ରୁଜୁ ହୋଇଛି।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ପାଟଣା,୧୭।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସରସକେଲା ପଞ୍ଚାୟତ ଅନ୍ତର୍ଗତ ଖମୁଆ କୁସୁମପଶି ଗ୍ରାମରେ ବୁଧବାର ପୂର୍ବାହ୍ନ ୧୦ ଟାରେ ଜଣେ ବୃଦ୍ଧାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତା ଗ୍ରାମର ଛବି ମୁଣ୍ଡାଙ୍କ ସ୍ତ୍ରୀ ମୁକ୍ତା(୬୦)। ପାଟଣା ଥାନାରେ ଏକ ମାମଲା(ନଂ.୨୫/୨୫)ରୁଜୁ ହୋଇଛି। ପୋଲିସ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନୂତନ ଜିଲା ମଙ୍ଗଳ ଅଧିକାରୀଙ୍କ ଯୋଗଦାନ

କେନ୍ଦୁଝର,୧୭।୯(ନରେଶଚନ୍ଦ୍ରପଟ୍ଟନାୟକ)

କେନ୍ଦୁଝର ଜିଲାର ନୂତନ ଜିଲା ମଙ୍ଗଳ ଅଧିକାରୀଭାବେ ବିକାଶ କୁମାର ମହାନ୍ତି ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଦାୟିତ୍ୱରେ ଥିବା ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପରିଡ଼ାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟରେ ଯୋଗ ଦେବା ପରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକର ତଦାରଖ ସୁଚାରୁରୂପେ କରାଯିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରବୃତ୍ତି କିପରି ଠିକ୍ ସମୟରେ ପାଇବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଏସ୍‌ସି ବର୍ଗର ମହିଳା, ପୁରୁଷଙ୍କୁ ବିବାହ କରିଥିବା ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ସରକାରଙ୍କ ନିୟମ ଅନୁସାରେ ଅର୍ଥ ରାଶି ପ୍ରଦାନ କରିବା ଓ ଆଟ୍ରୋସିଟି ପୀଡ଼ିତ ଓ ପୀଡ଼ିତାଙ୍କୁ ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ଅର୍ଥରାଶି ପ୍ରଦାନ ଦିଗରେ ସେ ତ୍ୱରିତ ପଦକ୍ଷେପ ନେବେ ବୋଲି କହିଛନ୍ତି। ପୂର୍ବରୁ ପୁରୀ ଜିଲା ମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। କେନ୍ଦୁଝରରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଏହି ଅଧିକାରୀଙ୍କୁ ବିଭାଗର କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବିଭିନ୍ନ ସଂଗଠନ ତରଫରୁ ସ୍ୱାଗତ କରାଯାଇଛି। ପ୍ରକାଶଯୋଗ୍ୟ, ଜୁଲାଇରେ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଅବସର ଗ୍ରହଣ ପରେ ଉକ୍ତ ପଦବୀ ଖାଲି ରହିଥିଲା। ସହକାରୀ ଜିଲାପାଳ ସନ୍ତୋଷ କୁମାର ପରିଡା ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ ତୁଲାଉଥିଲେ। ଓଡ଼ିଶା ମଙ୍ଗଳ ଅଧିକାରୀଙ୍କ କ୍ୟାଡର ପୁନର୍ଗଠନ ପରେ କେନ୍ଦୁଝର ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ମଙ୍ଗଳ ଅଧିକାରୀ ପଦବୀ ସହିତ ସ୍ୱତନ୍ତ୍ର ଅଧିକାରୀ ପଦବୀ ସୃଷ୍ଟି ହୋଇଛି। ଚଳିତ ମାସ ୩ ତାରିଖରେ ଏହି ପଦବୀରେ ସୁନାରାମ ସିଂହ ଯୋଗ ଦେଇଛନ୍ତି।

### ‘ଚାରାରୋପଣ ସହ ଯତ୍ନ ନେବା ଜରୁରୀ’



ହାଟଡିହୀ,୧୭।୯(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ଥାନା ତରଫରୁ ବୁଧବାର ଚାରାରୋପଣ କରାଯାଇଛି। ଆନନ୍ଦପୁର ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ସମେତ ନନ୍ଦିପଦା, ସୋସୋ, ଘସିପୁରା, ଆନନ୍ଦପୁର, ରାମଚନ୍ଦ୍ରପୁର ପ୍ରମୁଖ ଥାନା ପରିସରରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ଶତାଧିକ ଚାରାରୋପଣ କରାଯାଇଛି। ଏହି ଅବସରରେ ଆନନ୍ଦପୁର ଏସ୍‌ଡିପିଓ ବେହେରା ଗଛ ଲଗାଇବା ଯେତିକି ଗୁରୁତ୍ୱ ବହନ କରେ, ସେମିତି ଲଗାଇଥିବା ଗଛକୁ ଯତ୍ନ ସହକାରେ ବଡ଼ କରିବା ପାଇଁ ଦାୟିତ୍ୱ ନିର୍ବାହ କରିବା ସେତିକି ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ମିଳିମିଶି ଗଛ ଲଗାଇଲେ ଆମେ ଏକ ନୂତନ ସବୁଜିମା ପୃଥିବୀ ସୃଷ୍ଟି କରିପାରିବା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ପାତ୍ର, ଯମୁନା ମାରାଣ୍ଡି, ମନୋଜ ସ୍ୱାଇଁ, ମାନସ ରଞ୍ଜନ ବାରିକ, ଫନେନ୍ଦ୍ର ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅପରେଶନ ଥିଏଟର, ଡାଏଲିସିସ୍ ବ୍ୟବସ୍ଥା ନାହିଁ

- ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ନିର୍ଭର ମେଡିକାଲ କଲେଜ
- ପୂର୍ବ ପରି ରୋଗୀ କଟକ ରେଫର ହେଉଛନ୍ତି

କେନ୍ଦୁଝର,୧୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଦୀର୍ଘ ପ୍ରାୟ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ହେଲା କାର୍ଯ୍ୟକ୍ଷମ ହୋଇଥିବା ମେଡିକାଲ କଲେଜ ଓ ହସ୍ପିଟାଲ ଅଦ୍ୟାବଧି ପୂର୍ଣ୍ଣକାର୍ଯ୍ୟକ୍ଷମ ହୋଇପାରୁନାହିଁ। ବିଶେଷକରି ରକ୍ତଭଣ୍ଡାର, ଡାଏଲିସିସ୍ ଏବଂ ଅପରେଶନ ଥିଏଟର ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ମେଡିକାଲ କଲେଜରୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ସ୍ଥାନାନ୍ତର ହେଉଛନ୍ତି। ଅନେକ ସମୟରେ ଚିକିତ୍ସା କରୁଥିବା ଡାକ୍ତରମାନେ ଦ୍ୱନ୍ଦ୍ୱରେ ପଡୁଛନ୍ତି।

ପ୍ରକାଶ ଯେ, ଜିଲା ମୁଖ୍ୟ ଡାକ୍ତରଖାନାରୁ ଗୁରୁତର ରୋଗୀଙ୍କୁ ପୂର୍ବରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା। ଦୀର୍ଘ ୨୨୦ କି.ମି. କଟକ ଯିବା ବାଟରେ ଅନେକ ରୋଗୀ ମୃତ୍ୟୁବରଣ କରୁଥିଲେ। ଏଣୁ ଏଠାରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲିବା ପରେ ରୋଗୀସେବା ସୁଦୃଢ଼ ହେବ ବୋଲି ସମସ୍ତେ ଆଶାବାଦୀ ଥିଲେ। କିନ୍ତୁ ଜିଲା ମୁଖ୍ୟ ଡାକ୍ତରଖାନାରୁ ରୋଗୀଙ୍କୁ ସ୍ଥାନୀୟ ଧରଣୀଧର ମେଡିକାଲ କଲେଜକୁ ରେଫର କରିବା ପରିବର୍ତ୍ତେ ମେଡିକାଲ କଲେଜରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ରୋଗୀ ରେଫର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଫଳରେ ପୂର୍ବପରି ଗୁରୁତର ରୋଗୀଙ୍କୁ କଟକ ଯିବାକୁ ପଡୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ମେଡିକାଲ କଲେଜରେ ଶିଶୁ, ମହିଳା ବିଭାଗ ଭଳି ୱାର୍ଡ ଖୋଲାଯାଇ ନ ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ରୋଗୀଙ୍କୁ ପଠାଯାଉଛି। ସେହିପରି ଅପରେଶନ ଥିଏଟର ନ ଥିବାରୁ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଉଛି। ରକ୍ତଭଣ୍ଡାର ନ ଥିବାରୁ ରକ୍ତହୀନତା, ଥାଲାସେମିଆ, ସିକଲସେଲ ଭଳି ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ତ ଅଭାବରୁ ଟ୍ରମା କେୟାର ସେଣ୍ଟରରେ ମଧ୍ୟ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ଡାଏଲିସିସ୍ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସୁବିଧା ନ ଥିବାରୁ ରୋଗୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯିବାକୁ ପଡୁଛି। ଏପରିକି ମାଇନର ଅପରେଶନ ଥିଏଟର ନ ଥିବାରୁ ଛୋଟ ଅପରେଶନ ବି ଏଠାରେ ହୋଇପାରୁନାହିଁ। ଫଳରେ ପୂର୍ବପରି ଲୋକେ ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ନିର୍ଭରଶୀଳ ରହିଛନ୍ତି। ଏପରିକି ଡାକ୍ତର ଅଭାବ ଯୋଗୁ ଜିଲା ମୁଖ୍ୟ ମେଡିକାଲ କଲେଜରେ କାମ କରୁଥିବା ସୀମିତ ଡାକ୍ତରଙ୍କ ଉପରେ ଚାପ ପଡୁଛି। ଜଣେ ଡାକ୍ତର ଅନେକ ଶହ ଇନ୍‌ଡୋର ଓ ଆଉଟ୍‌ଡୋର ରୋଗୀଙ୍କୁ ଦେଖିବାକୁ ବାଧ୍ୟ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଡାକ୍ତର ଅଭାବରୁ ଟ୍ରମା କେୟାର ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ।

ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ଭରତ ଚନ୍ଦ୍ର ପାତ୍ର କହିଛନ୍ତି, ମେଡିକାଲ କଲେଜ ଓ ଜିଲା ମୁଖ୍ୟ ଡାକ୍ତରଖାନା ଏକାଠି ଚାଲୁଥିବା ବେଳେ ରୋଗୀ ସେବା ଭଲରେ ହେଉଥିଲା। ଉଭୟ ଡାକ୍ତରଖାନାର ଡାକ୍ତରମାନେ ଗୋଟିଏ ସ୍ଥାନରେ କାମ କରୁଥିଲେ। ଫଳରେ ଡାକ୍ତର ଅଭାବଜନିତ ସମସ୍ୟା କିଛିଟା ଦୂରକରିହେଉଥିଲା। ଏବେ ରୋଗୀ କେଉଁଠିକୁ ଯିବେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଅନେକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ କହିଛନ୍ତି । ମେଡିକାଲ କଲେଜ ଓ ଡାକ୍ତରଖାନାର ଅଧୀକ୍ଷକ ଡ. ମହେନ୍ଦ୍ର କୁମାର ନାୟକ କହିଛନ୍ତି, ଧୀରେ ଧୀରେ ସବୁ ବ୍ୟବସ୍ଥା କରାଯାଉଛି। କିଛି ବର୍ଷ ମଧ୍ୟରେ ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିୟମିତ ଜଣାଇ ଦିଆଯାଉଛି।

# ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ



ପ୍ରଶାସନିକ ଅଧିକାରୀ, ସ୍ୱଚ୍ଛ ସାଥୀ ଓ ଅନ୍ୟମାନେ।

କେନ୍ଦୁଝର,୧୭।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୫ ସ୍ୱଚ୍ଛ ଉତ୍ସବର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ମନ୍ଦରଧର ମହାଲିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତ, ସହକାରୀ ଜିଲାପାଳ ସରୋଜ ମଲ୍ଲିକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ସ୍ୱଚ୍ଛ ସାଥୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଏକ ଦସ୍ତଖତ ଅଭିଯାନ, ସେଲ୍ଫି ପଏଣ୍ଟ ସହ ଫୋଟୋ ଉତ୍ତୋଳନ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ କରାଯାଇଥିଲା।

ବଉଳା(ଦୁର୍ଗା ପ୍ରସାଦ ଆୟଚ) ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ରଶ୍ମିରେଖା ନାଇକ, କାର୍ତ୍ତିକ ପାତ୍ର, ବରିଷ୍ଠ କିରାଣି ଶବଣ କଲ୍ୟାଣ, ସହକାରୀ ଯନ୍ତ୍ରୀ ମଦନ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ସଫେଇ କରିଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା

ଢେଙ୍କିକୋଟ/ ପାଟଣା,୧୭।୯
(ନୀଳମଣି ମଣ୍ଡଳ/ ବୀରକିଶୋର ଦାଶ)



କେନ୍ଦୁଝର ଜିଲା ବ୍ୟବସାୟିକ ବଜାର ଢେଙ୍କିକୋଟଠାରେ ବୁଧବାର ଦେବଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ବିଦ୍ୟୁତ୍ ବିଭାଗୀୟ ପ୍ରତିଷ୍ଠାନ ସାଙ୍ଗକୁ ବ୍ଲକ୍, ଗ୍ୟାରେଜ, ବିଭିନ୍ନ ଦୋକାନରେ ଦେବଶିଳ୍ପୀଙ୍କ ପୂଜା କରାଯାଇଛି। ମଣ୍ଡପଗୁଡ଼ିକରେ ଭଜନ କୀର୍ତ୍ତନ ସାଙ୍ଗକୁ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା।

ସେହିପରି ପାଟଣା ବ୍ଲକ୍ ମୁଖ୍ୟାଳୟରେ ବୁଧବାର ଟାଟା ପାୱାର ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ, ସାଇ କୋଡ଼ିଂ ସେଣ୍ଟର, ଶିବ କୃପା ଫିଲିଂ ଷ୍ଟେସନ, ସାଇ ଆଗ୍ରୋ ଇକ୍ୟୁମେଣ୍ଟ, ସ୍ୱାମୀ ବୈତରଣୀ ଫ୍ଲାଇ ଆଶ ବ୍ରିକ୍ସ, ପାଟଣା ଅନନ୍ତେଶ୍ୱର ଫ୍ଲାଇ ଆଶ ବ୍ରିକ୍ସ, ତୁରୁମୁଙ୍ଗା ଉପଖଣ୍ଡ ଟାଟା ପାୱାର ବିଦ୍ୟୁତ କାର୍ଯ୍ୟାଳୟ ଓ ନେଉଳପଶି ଆଇଟିଆଇ କଲେଜରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି।

### ବିଶ୍ୱକର୍ମା ପୂଜା ଉପଲକ୍ଷେ ଚାରାରୋପଣ

ବଡ଼ବିଲ(ଜୟନ୍ତୀ ରଣା) କେନ୍ଦୁଝର ଜିଲା ବଡ଼ବିଲର ବିଭିନ୍ନ ସ୍ଥାନରେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ବଡ଼ବିଲ ଥାନା ପରିସରରେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ଥାନା ଇନ୍ସପେକ୍ଟର ଅଶୋକ ନାୟକ, ପୋଲିସ ଅଧିକାରୀ ଓ କର୍ମଚାରୀ ଥାନା ପରିସରରେ ଚାରାରୋପଣ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଚାରାରୋପଣ ଅଭିଯାନରେ ଲଇଡ଼ାପଦାଠାରେ ଦିନକ ପୂର୍ବରୁ ଅର୍ଥାତ ମଙ୍ଗଳବାର ଲଇଡ଼ାପଦାସ୍ଥିତ ଶ୍ରୀମେଟାଲିକ୍ସ କାରଖାନା ପରିସରରେ ଚାରାରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବୈଜ୍ଞାନିକ, ବଡ଼ବିଲ ବନାଞ୍ଚଳ ଅଧିକାରୀ, ତୁରୁଡ଼ି ଥାନାଧିକାରୀ ଏବଂ ଗୁରୁଡ଼ି ଫରେଷ୍ଟରଙ୍କ ସହ କମ୍ପାନୀର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅତିଥି, କମ୍ପାନୀ ପଦାଧିକାରୀ ଓ କର୍ମଚାରୀ ଚାରାରୋପଣ କରିଥିଲେ। ଏଥିସହ କାରଖାନା କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ କିସମର ପ୍ରାୟ ୪ ଶହ ଚାରା ବଣ୍ଟନ କରାଯାଇଥିବା କାରଖାନା ବରିଷ୍ଠ ଅଧିକାରୀ ସତ୍ୟ ସୁନ୍ଦର କର ସୂଚନା ଦେଇଛନ୍ତି।

# ମହିଳାଙ୍କ ବିରୋଧରେ ଅତ୍ୟାଚାର ବରଦାସ୍ତ କରାଯିବ ନାହିଁ: ବିଜେଡି

**ଡିଜିଙ୍କ ଉଦ୍ଦେଶ୍ୟରେ ବିଜେଡି ମହିଳା କର୍ମୀଙ୍କ ଦାବିପତ୍ର**

କେନ୍ଦୁଝର,୧୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ମହିଳାଙ୍କ ଉପରେ କ୍ରମାଗତ ଭାବରେ ଅତ୍ୟାଚାର ବୃଦ୍ଧି, ନିୟମିତ ନିଖୋଜ ହେବା, ବଳାତ୍କାର ଶିକାର ଆଦି ବଢ଼ିଚାଲିଛି। ଏହାର ପ୍ରତିବାଦରେ କେନ୍ଦୁଝର ଜିଲା ସଦର ମହକୁମାରେ ବିଜୁ ଜନତା ଦଳର ମହିଳା କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବାଲେଶ୍ୱରରେ ଛାତ୍ରୀ ଆତ୍ମାହୁତି, ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ଗୋପାଳପୁର ବେଳାଭୂମିରେ ଗଣବଳାତ୍କାର, ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଅଶାଳୀନ ମନ୍ତବ୍ୟ, ଶାସକ ଦଳର ନେତା ଓ କର୍ମୀଙ୍କ ଆଭିମୁଖ୍ୟ ସାଧାରଣ ମହିଳାଙ୍କୁ ଡରାଉ ପକାଇ ବୋଲି ମହିଳା ନେତ୍ରୀମାନେ କହିଛନ୍ତି। ବିଜୁ ପଟ୍ଟନାୟକ ଛକରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶତାଧିକ ମହିଳା ନେତ୍ରୀମାନେ ସହର ପରିକ୍ରମା କରିଥିଲେ। ପରେ ପୋଲିସ ମହାନିର୍ଦ୍ଦେଶକ ବା ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଏସ୍‌ପିଙ୍କୁ ୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଜୁ ଜନତା ଦଳର ସଭାନେତ୍ରୀ ରମଣୀ ନାୟକ, କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ, ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଜିଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ମଲ୍ଲୀ ସୋରେନ, ସୁକୁମାରୀ ଦେହୁରୀ, ଗୁରୁ ମହାନ୍ତ, ଚମ୍ପାବତୀ ଗୁପ୍ତ, ଶାନ୍ତିଲତା ରଣା, ହରିଚନ୍ଦନପୁର ବ୍ଲକ୍ ଅଧ୍ୟକ୍ଷ ସୁନେଲୀ ନାୟକ, କାଉନ୍‌ସିଲର ରେଣୁକା କାକଲି କୁଜୁର, ଦମୟନ୍ତୀ ଦାସ, ପଦ୍ମିନୀ ପାତ୍ର, ଜିଲା ମହିଳା ବିଜେଡ଼ି ଉପ ସଭାନେତ୍ରୀ ସତ୍ୟଭାମା ଙ୍ଗି, ତେଲକୋଇ ମହିଳା ବିଜେଡି ସଭାନେତ୍ରୀ ପୁଷ୍ପାଞ୍ଜଳି ଆପଟ, କେନ୍ଦୁଝର ନଗର ସଭାନେତ୍ରୀ ପୂନମ ରାଠୋର, କୁନ୍ଦୁଦିନୀ ନାୟକ, ପାଟଣା ବ୍ଲକ୍ ସଭାନେତ୍ରୀ ସୁକାନ୍ତି ମହାନ୍ତ, ଝୁମ୍ପୁରା ବ୍ଲକ୍ ଅଧ୍ୟକ୍ଷା ମାଳତୀ ନାୟକ ପ୍ରମୁଖ ନେତୃତ୍ୱ ନେଇ ମହିଳାଙ୍କ ବିରୋଧରେ ଅତ୍ୟାଚାର ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ।

# ଏକ୍ ପେଡ୍ ମା’ କେ ନାମ ୨.୦ରେ ଚାରାରୋପଣ

କେନ୍ଦୁଝର,୧୭।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାସ୍ତରୀୟ ଏକ ପେଡ୍ ମା’ କେ ନାମ ୨.୦ ଚାରାରୋପଣ ଅଭିଯାନ ସଦର ବ୍ଲକ୍ ବୋଦାପଲସା ପଞ୍ଚାୟତର କେନ୍ଦୁଆରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅନନ୍ତ ନାଏକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମ ଦିବସକୁ ସ୍ମରଣୀୟ କରିବା ନିମନ୍ତେ ତାଙ୍କ ଦ୍ୱାରା ପରିକଳ୍ପିତ ଏକ ପେଡ୍ ମା’ କେ ନାମ ଅଭିଯାନରେ ଏକ ସବୁଜ ସୁନ୍ଦର ଧରିତ୍ରୀର ସ୍ୱପ୍ନକୁ ସାକାର ପାଇଁ ଚାରାରୋପଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଜିଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତଥା ଜଙ୍ଗଲ ପରିବେଶ ବିଭାଗ ଆନୁକୂଲ୍ୟରେ ସମଗ୍ର ଜିଲାର ପଞ୍ଚାୟତ, ବ୍ଲକ୍, ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଦ୍ୱାରା ୧୦,୦୭,୦୦୯ ଚାରାରୋପଣ କରାଯାଇଛି।



ଏମ୍‌ପି ଅନନ୍ତ ନାଏକଙ୍କ ସମେତ ଜିଲାପାଳ, ଏସ୍‌ପି, ଡିଏଫ୍‌ଓ ଏବଂ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

### ଟାଟା ଷ୍ଟିଲ୍ ପକ୍ଷରୁ ଚାରାରୋପଣ

**ଯୋଡା(ମାନସ ମହାନ୍ତି)** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବୁଧବାର ଟାଟାଷ୍ଟିଲ ପକ୍ଷରୁ ଯୋଡ଼ା ସହର, ଯୋଡ଼ା ଅଞ୍ଚଳରେ ଥିବା ଖଣି ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାରାରୋପଣ କରାଯାଇଛି। ଯୋଡ଼ା ପୌର ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଟାଟା ଷ୍ଟିଲର ଯୋଡା ମୁଖ୍ୟ ରାଜେଶ କୁମାରଙ୍କ ସମେତ ବହୁ ବରିଷ୍ଠ ସରକାରୀ ପଦାଧିକାରୀ, କମ୍ପାନୀ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ଯୁବ ଗୋଷ୍ଠୀ ଏବଂ ପ୍ରତ୍ୟେକ ବର୍ଗର ଲୋକ ଯୋଗଦେଇ ଚାରାରୋପଣ କରିଥିଲେ।

### ହାଟଡିହୀରେ ୧୫ ହଜାର ଚାରାରୋପଣ

ବଉଳା(ଦୁର୍ଗା ପ୍ରସାଦ ଆୟଚ): ହାଟଡ଼ିହୀ ବ୍ଲକ୍ ପକ୍ଷରୁ ହାଟଡ଼ିହୀ ହାଇସ୍କୁଲ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ପରିଡା, ଏବିଡିଓ ରଶ୍ମିରେଖା ନାଇକ, କାର୍ତ୍ତିକ ପାତ୍ର, ବରିଷ୍ଠ କିରାଣି ଶବଣ କଲ୍ୟାଣ, ସହକାରୀ ଯନ୍ତ୍ରୀ ମଦନ ମୋହନ ବେହେରା, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଯୁଧିଷ୍ଠିର ମଲ୍ଲିକ, ହାଇସ୍କୁଲର ପ୍ରଧାନ ଶିକ୍ଷକ ପରମାନନ୍ଦ ପରିଡ଼ା ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତରେ ଚାରାରୋପଣ କରାଯାଇଛି। ଏଥିସହ ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟରେ ମୋଟ ୧୫ ହଜାର ୬ ଶହ ଚାରାରୋପଣ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

### ପାଟଣାରେ ଲଗାଗଲା ୫ ହଜାର ଚାର

ପାଟଣା(ବୀର କିଶୋର ଦାଶ): ପାଟଣା ରେଞ୍ଜର ୩ ସେକ୍ସନରେ ବୁଧବାର ୫ ହଜାରରୁ ଉର୍ଦ୍ଧ୍ୱ ଚାରା ବୈତରଣୀ ନଦୀକୂଳ, ଉଜୁଡ଼ା ଜଙ୍ଗଲରେ ରୋପଣ କରାଯାଇଛି। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମୋହନ ସୁନ୍ଦର୍ ମହାନ୍ତ, ତହସିଲଦାର ଅଶିନୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ପାଟଣା ଥାନା ଅଧିକାରୀ ମାନସ ମାହାକୁଳ, ବ୍ରଜବନ୍ଧୁ ସେଠୀ, ଯୁଧିଷ୍ଠିର ମହାନ୍ତ, ପାଟଣା ରେଞ୍ଜର ବନବିହାରି ସର୍ଦ୍ଧାର, ବନପାଳ ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସାହାରପଡ଼ା ସେକ୍ସନ ଉଦୟପୁର ବିଟ ବିଲ୍ଲା ଡିପିଏଫ୍‌ରେ ଚାରା ରୋପଣ କରାଯାଇଛି।


**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: POST: BALIMELA: DIST: MALKANGIRI (ODISHA): PIN: 764 051
Phone:06861-291058 (O)/ 06861-291048 (R) <Email- bhep.balimela@gmail.com, unit.head_balimela@yahoo.com>
TENDER CALL NOTICE NO.BHEP/33/2025-26 DATED:15.09.2025

No.CAD-1788: Sealed tenders are invited in single part bid basis from Vehicle Owners/Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & time of receipt of tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Hiring of 01 (One) number of (TUV 300/ Bolero/Sumo Gold/Ertiga) Vehicle with single driver provision for shift duty of valve house for three years under BHEP, Balimela | Rs.7080/- (Rupees Seven Thousand Eighty) only | Rs.22,147/- | From 18.09.2025 to upto 11.30 hrs. on 08.10.2025 | 11.30 Hrs. of 08.10.2025 | 12.30 Hrs. of 08.10.2025 |

For details of the tender documents, terms & conditions please visit our website www.ohpcltd.com.
OIPR-04019/11/0114/2526 Sd./- C & P Head, BHEP, Balimela

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
Letter No.3254 email- serwsbd2003@yahoo.com Date:10.09.2025
**E-PROCUREMENT NOTICE FOR PMGSY MAINTENANCE WORKS**

No.O-783:1.Name of the work : Periodical Renewal work of 5 year post DLP PMGSY Roads-02 Nos. 2. Class of contractor : “B” Class & “A” Class of (Odisha PWD) or relevant class of other licensing authority. 3. Estimated Cost : Various from Rs.106.89 Lakhs to Rs.128.45 Lakhs (Approximately) 4.Details of projects: As per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-17/2025-26 | 17.09.2025 at 11.00 A.M. | 04.10.2025 upto 5.00 P.M. | 03.10.2025 upto 2.00 P.M. | 06.10.2025 at 11.00 A.M. | To be intimated separately |

5. The details of works can be seen from the website https://www.pmgsytenders.gov.in for PMGSY maintenance works.
6. Any Corrigendum/Addendum will be displayed in the above e-tender website.
OIPR-25182/11/0078/2526 Sd./- Chief Construction Engineer, R.W. Circle, Sunabeda

OFFICE OF THE
NOTIFIED AREA COUNCIL, BALIMELA, ODISHA, PIN - 764051
e-Mail: eonacbalimela@gmail.com
Lt. No. 1718/Dev/2025 Dated: 10.09.2025
**e-NOTICE**
BID IDENTIFICATION No. EOBLM01/2025
No. C-1089: The Executive Officer, NAC, Balimela, on behalf of Government of Odisha invites for bidders of eligible clas registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.
1. Name of the Work : Civil Works
2. Number of Work : 49 Nos.
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of Bid document in the portal : From 10.00 A.M. of Dt.15.09.2025 to 5.00 P.M. of Dt.08.10.2025
6. Last date and time for receipt of Bid in the portal : 5.00 P.M. of Dt.08.10.2025
7. The bid received online shall be opened on : 11.00 A.M. of Dtd.09.10.2025
8. If necesary, Lottery will be drwan : On Dtd.10.10.2025 at 11 A.M.
9. Name and address of the Officer Inviting Bid : Executive Officer, NAC, Balimela
Further details can be seen from the Procurement Portal: www.tendersorissa.gov.in.
Sd./- Junior Engineer Balimela NAC Sd./- Chairperson Balimela NAC Sd./- Executive Officer Balimela NAC
OIPR-13140/11/0006/2526

OFFICE OF THE
PURI MUNICIPALITY, PURI
Mail ID: purim.hud@nic.in, purim.hud@gmail.com
Letter No. 8696 Dated: 15.09.25
**NOTICE INVITING TENDER**
No. C-1097: Sealed tender in conformity with the detailed tender call notice are invited from registered contractors of P.W.D./R.D./Water Resources/ PHED of Odisha Govt./Puri Municipality for execution of the under mentioned work so as to reach the Executive Officer, Puri Municipality through Registered Post/Speed Post only upto 05 P.M. on 24.09.2025. The tender documents are to be obtained from Puri Municipality on deposit of the non-refundable cost of tender documents in shape of A/C Payee Bankers Cheque/Bank Draft in favour of the Executive Officer, Puri Municipality, Puri upto 05 P.M. on 23.09.2025. The tender will be opened at 11.00 A.M. on 25.09.2025 in presence of bidder or their authorized representative who may be present at the time of opening of the tender. Puri Municipality will in no way be responsible for any delay in respect of the tender document.
The detailed tender call notice may be seen in the website www.purimunicipality.nic.in & www.puri.odisha.gov.in.
Sd./- Executive Officer Puri Municipality, Puri
OIPR-13159/11/0066/2526

GOVERNMENT OF ODISHA
OFFICE OF THE
DIVISIONAL FOREST OFFICER, SAMBALPUR FOREST DIVISION
Near Jail Chowk, e-mail id: dfo.sambalpur@odisha.gov.in
BID IDENTIFICATION No. F&E/SBP/01 (Online)/2025-26
**E-Procurement Notice**
No. 01 Dated: 16.09.2025
No. MM-193: The Divisional Forest Officer, Sambalpur Forest Division, on behalf of Governor of Odisha, invites Percentage Rate bids in Single Cover System in ONLINE MODE.
1. Nature of Work : Construction of Forest Guard Quarters
2. Tender Cost : Rs.6000/-
3. Class of Contractor : “C” & “D” Class Contractors
4. Availability of bid document in the website : 18.00 hours of 17.09.2025 to 17.30 hours of 13.10.2025
5. Date of Opening of Tenders : 11.30 hours on Dt.14.10.2025
6. The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.
Sd./- Divisional Forest Officer Sambalpur Forest Division
OIPR-08104/11/0021/2526

OFFICE OF THE SUPERINTENDENT
VSS INSTITUTE OF MEDICAL SCIENCES & RESEARCH, BURLA
DIST.: SAMBALPUR, E-MAIL: vimsarsuptd24@gmail.com
No. 14252/VIMSAR Dated: 15.09.2025
**TENDER CALL NOTICE**
No. E-388: Sealed tenders are hereby invited by the undersigned from the interested Travel Agencies/Tour Operators having GST registration for providing 01 (One) number A.C. Vehicle of 7 seated preferably Scorpio/Marazzo/XUV-700 for use in the different Blood Bank Campus on rental basis as when required. The tenders should reach the Office of the Superintendent, VIMSAR, Burla on or before Dtd.14.10.2025 upto 5.00 P.M. through Regd. Post/Speed Post/Courier only which will be opened in the next working day at 12.00 Noon.
The detail terms and conditions of this tender call notice can be downloaded from the District website http://sambalpur.odisha.gov.in and from the Institution website www.vimsar.ac.in and can be submitted with a Bank Draft of Rs.2000/- (Rupees two thousand) only in favour of the Superintendent, VIMSAR, Burla towards the cost of the tender paper with their tender. The cost of tender paper is not refundable.
The undersigned/committee reserves the full right to accept in full or part or reject any or all the tenders without assigning any reason thereof.
Sd./- Superintendent
OIPR-10187/11/0050/2526 VSS Inst. of Med. Sc. & Research, Burla

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଓଆଇର ଆର୍ଥିକ ସମାବେଶ ଓ ରି-କେୱାଇସି ଶିବିର




**ଭୁବନେଶ୍ୱର,୧୭।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ସମ୍ବଲପୁର ଅଞ୍ଚଳ ପକ୍ଷରୁ ଗଞ୍ଜାମ ଜିଲାର ବେଗୁନିଆପଡ଼ା ବ୍ଲକ୍‌ର ସାଙ୍କୁଡ଼ା ଗ୍ରାମପଞ୍ଚାୟତଠାରେ ସାଙ୍କୁଡ଼ା ଓ ସୁମଣ୍ଡଳ ଲିଙ୍କ୍ ଶାଖା ସହଯୋଗରେ ଏକ ଆର୍ଥିକ ସମାବେଶ ଓ ରି-କେୱାଇସି ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଓଆଇ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା ଆର୍ଥିକ ସମାବେଶ, ରି-କେୱାଇସି, ସାଇବର ଠକେଇ ଏବଂ ସରଳୀକୃତ ଏସ୍‌ଓପି ବିଷୟରେ ଆଲୋଚନା କରିଥିଲେ। ଗଞ୍ଜାମ ଏଲ୍‌ଡିଏମ୍ ହିମାଞ୍ଚଳ ସାହୁ ସାମାଜିକ ସୁରକ୍ଷା ଯୋଜନା (ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ, ଏପିୱାଇ) ଆର୍‌ବିଆଇର ବ୍ୟାଙ୍କିଙ୍ଗ୍, ଓମ୍ବୁଡ୍‌ସମ୍ୟାନ୍ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବାରେ ରି-କେୱାଇସିର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ବିଓଆଇ ସାଙ୍କୁଡ଼ା ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ସମୀର ପଲାଇ, ବିଓଆଇ ସୁମଣ୍ଡଳ ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ରବୀନ୍ଦ୍ରନାଥ ଦାଶ, ସାଙ୍କୁଡ଼ା ସରପଞ୍ଚ ଗଦାଧର ପ୍ରଧାନ, ସାଙ୍କୁଡ଼ା ଗ୍ରାମପଞ୍ଚାୟତର ସମିତି ସଭ୍ୟ ଜୟନ୍ତୀ ସ୍ୱାଇଁ, ସୁମଣ୍ଡଳ ସରପଞ୍ଚ ଶିବଶଙ୍କର ବେହେରା, ପରମାଣପୁର ସରପଞ୍ଚ ମହେନ୍ଦ୍ର କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ତନେଇରାର ପାର୍ବଣ କଲେକ୍ସନ 'ମିଆରା'

**ଭୁବନେଶ୍ୱର,୧୭।୯**

ଟାଟାର ଏଥ୍‌ନିକ୍ ୱିୟର ବ୍ରାଣ୍ଡ ତନେଇରା ପକ୍ଷରୁ ରାଉରକେଲାର ଉଦିତନଗରସ୍ଥିତ ତନେଇରା ଶୋ'ରୁମରେ 'ମିଆରା: କ୍ରାଫ୍ଟେଡ ବାଏ ହ୍ୟାଣ୍ଡ, ରୁଟେଡ ଇନ ପ୍ୟୁରିଟି'ର ଶୁଭାରମ୍ଭ କରାଯାଇଛି। ଏହା ସହ ନୂତନ ଅଭିଯାନ 'ଦି ଗିଫ୍ଟ ଅଫ ପ୍ୟୁର ଲଭ୍' ପ୍ରେମର ପ୍ରତୀକ ଭାବରେ ପ୍ରତିଫଳିତ କରିବ। ପ୍ରତ୍ୟେକ କ୍ରୟକୁ ସ୍ମରଣୀୟ କରିବା ପାଇଁ, ଉପହାର ଭାଉଚର ଏବଂ ସ୍ୱର୍ଣ୍ଣ ମୁଦ୍ରା ସହିତ ବ୍ରାଣ୍ଡ ପକ୍ଷରୁ ବିଶେଷ ଉତ୍ସବ ଅଫର୍ ଆରମ୍ଭ କରାଯାଇଛି। ଏହି ଉପଲକ୍ଷେ ତନେଇରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବୁଜ ନାରାୟଣ କହିଛନ୍ତି ଗ୍ରାହକମାନେ ପ୍ରତି ୧୦,୦୦୦ ଟଙ୍କା କ୍ରୟ ପାଇଁ ୧,୦୦୦ ଟଙ୍କାର ଏକ ଭାଉଚର ପାଇବେ ଯାହାକୁ ସେମାନଙ୍କର ପରବର୍ତ୍ତୀ କ୍ରୟରେ ବ୍ୟବହାର କରିପାରିବେ। ଏହିପରି ୫୦,୦୦୦ ଟଙ୍କା କିମ୍ବା ତାହାଠାରୁ ଅଧିକ କ୍ରୟ କରୁଥିବା ଗ୍ରାହକମାନେ ୦.୨ ଗ୍ରାମ ତନିସ୍କ ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ପାଇପାରିବେ। ଏହି ଅଫର୍ ଅକ୍ଟୋବର ୨୦ ପର୍ଯ୍ୟନ୍ତ ବୈଧ ରହିବ।

# ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବ ପତଞ୍ଜଳି




**ଭୁବନେଶ୍ୱର,୧୭।୯**

ଦେଶର ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ମାଗଣା ଚିକିତ୍ସା ଶିବିର ଆୟୋଜନ ତଥା ସ୍ୱଦେଶୀ ଆନ୍ଦୋଳନ ଜାରି ରଖିବା ପାଇଁ ପତଞ୍ଜଳି ପକ୍ଷରୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ଯୋଗଗୁରୁ ରାମଦେବ ମହାରାଜ ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି। ରାମଦେବ କହିଛନ୍ତି, ଦେଶର ସମସ୍ତ ଜିଲାରେ ସିବିଏସ୍‌ଇ, ଭାରତୀୟ ଶିକ୍ଷା ବୋର୍ଡ (ବିଏସ୍‌ବି) ଓ ରାଜ୍ୟ ଶିକ୍ଷା ବୋର୍ଡରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଓ ସମ୍ମାନ ଦେବା ପାଇଁ ପତଞ୍ଜଳି ଦ୍ୱାରା ପ୍ରଧାନମନ୍ତ୍ରୀ ପ୍ରତିଭା ପୁରସ୍କାର ବାବଦରେ ୧୧,୦୦୦ରୁ ୫୧,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଦେଶର ୭୫୦ରୁ ଅଧିକ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଯୋଗ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଏହା ସହ ଦୀର୍ଘକାଳୀନ ଯକୃତ ରୋଗ, ଫ୍ୟାଟି ଲିଭର ଓ ଲିଭର ସିରୋସିସ୍‌ର ମାଗଣା ଔଷଧ ବଣ୍ଟନ ଓ ଚିକିତ୍ସା ଶିବିର ଆୟୋଜନ ହେବ। ରାମଦେବ ଆହୁରି କହିଛନ୍ତି, ଭାରତ ପ୍ରାଚୀନ କାଳରେ ଅର୍ଥନୀତିରେ ଶୀର୍ଷରେ ଥିଲା, ମାତ୍ର ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଅନ୍ୟାନ୍ୟ ବିଦେଶୀ କମ୍ପାନୀ ୨ଦଶନ୍ଧି ମଧ୍ୟରେ ଭାରତର ୧୦୦ ଟ୍ରିଲିୟନରୁ ଅଧିକ ସମ୍ପଦ ଲୁଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ ଫର୍ ଲୋକାଲ' ଆହ୍ୱାନକୁ ଗ୍ରାମେ ଗ୍ରାମେ ଓ ଘରେ ଘରେ ଜନ ଆନ୍ଦୋଳନ ରୂପେ ପତଞ୍ଜଳି ପହଞ୍ଚାଇବ। ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ ଭାରତକୁ ବିଶ୍ୱର ଅର୍ଥନୈତିକ ମହାଶକ୍ତି କରାଯିବ ଏବଂ ବିଦେଶୀ ଶକ୍ତିଙ୍କ ଦ୍ୱାରା ଦେଶର ସମ୍ପଦ ଲୁଟକୁ ରୋକାଯିବ। ରାମଦେବ ଆମେରିକୀୟ ଓ ବିଦେଶୀ କମ୍ପାନୀଙ୍କ 'ଜିରୋ ଟେକ୍ନୋଲୋଜି' ଉତ୍ପାଦକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଭାରତୀୟ ଶିକ୍ଷା ବୋର୍ଡ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଏବଂ ପରେ ୩ ଲକ୍ଷ ବିଦ୍ୟାଳୟକୁ ସ୍ୱଦେଶୀ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ି ଏପରି ଆଦର୍ଶ ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନ କରାଯିବ ବୋଲି କହିଛନ୍ତି। ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ୍.ପି. ସିଂହ ଏହାର ଗଠନ ଓ ବୈଧାନିକ ସ୍ୱରୂପ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।


# ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ନାଲ୍‌କୋର ନୂତନ ପଦକ୍ଷେପ



**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ନୂତନ ପଦକ୍ଷେପ ଗ୍ରହଣ କରିଛି। ଏକ ଅଗ୍ରଣୀ ପଦକ୍ଷେପ ଭାବରେ ଏବଂ କର୍ମଚାରୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତା ସହ ନାଲ୍‌କୋ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଗ୍ରଣୀ ବ୍ୟାଙ୍କ ସହିତ କର୍ପୋରେଟ ଦରମା ଆକାଉଣ୍ଟ ମାଧ୍ୟମରେ ଏହାର ସମସ୍ତ ନିୟମିତ କର୍ମଚାରୀଙ୍କୁ ୧ କୋଟି ଟଙ୍କାର ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା କଭରେଜ୍ ପ୍ରଦାନ କରୁଛି। କମ୍ପାନୀ ଏହାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ମଧ୍ୟ ଏକ ଗୋଷ୍ଠୀ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କର ଡ୍ୟୁଟି ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୨୦ ଲକ୍ଷ ଟଙ୍କା ଏବଂ ଅକ୍ଷମତା କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପାଇବେ।

# ଭାରତ ମସଲାର କର୍ନଫ୍ଲୋର ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନକଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୭।୯(ଅନୁରାଧା ମହାରଣା)**

ଶିଳ୍ପ ବିଭାଗ ଦ୍ୱାରା ଓୟୁଏଟି ସ୍ଥିତ କନ୍‌ଭେନ୍‌ସନ ସେଣ୍ଟରଠାରେ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଜିଲାର ଭାରତ ମସଲା କମ୍ପାନୀର ଏକ ନୂତନ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କୃଷି ଓ କୃଷକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ଭାରତ ମସଲା କମ୍ପାନୀ ମକାଚାଷୀମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ଯାଉଛି। ରାଜ୍ୟରେ ଗଞ୍ଜାମ, କୋରାପୁଟ, ରାୟଗଡ଼ା ମାଲକାନଗିରି, କଳାହାଣ୍ଡି ଭଳି ଜିଲାଗୁଡ଼ିକ ମକା ଉତ୍ପାଦନ ପାଇଁ ଅନୁକୂଳ ହୋଇଥିବାବେଳେ ଏହାର ଅଭାବୀ ବିକ୍ରି ସାଙ୍ଗକୁ ଚାଷୀମାନେ ମଧ୍ୟ ଚାଷ ପାଇଁ ଉପଯୁକ୍ତ ସହଯୋଗ ପାଇପାରୁ ନାହାନ୍ତି। ଫଳରେ ଉତ୍ପାଦନ ମଧ୍ୟ କମ୍ ହେଉଛି। ଏହି ଅସୁବିଧାକୁ ଉପଲବ୍ଧକରି କମ୍ପାନୀ ୫୦ ହଜାର ମେଟ୍ରିକ୍ ଟନ୍ ମକା ଚାଷୀଙ୍କଠାରୁ ସିଧାସଳଖ କ୍ରୟ କରିବାକୁ ଯୋଜନା ରଖିଛି। ଭାରତ ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ମାତ୍ର ୨ରୁ ୩ ମେଟ୍ରିକ୍ ଟନ୍ ବର୍ତ୍ତମାନ ମକା ଅମଳ ହେଉଥିବାବେଳେ ଆମର ଆବଶ୍ୟକତା ଚାଷୀଙ୍କୁ ଚାଷକରିବାକୁ ଯଥେଷ୍ଟ ମନୋବଳ ବୃଦ୍ଧି କରାଇବ। କମ୍ପାନୀ ଯେତିକି ପରିମାଣରେ କର୍ନଫ୍ଲୋର ଉତ୍ପାଦନ କରିବ ତାହା ରାଜ୍ୟରେ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ହେବ ବୋଲି ସୁଶାନ୍ତ କହିଛନ୍ତି। ପୂର୍ବରୁ କମ୍ପାନୀ ଲଙ୍କା, ହଳଦୀ, ଅଦା ଓ ଟମାଟୋ ଚାଷ କରୁଥିବା ଚାଷୀମାନଙ୍କୁ ସହଯୋଗର ହାତ ବଢ଼ାଇ ସହ ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ମିଡିଲମ୍ୟାନ୍ ପ୍ରଥାକୁ ଅନେକାଂଶରେ ରୋକିପାରିଥିବା ସେ କହିଥିଲେ।ଭାରତ ମସଲା କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସହ ମୁଖ୍ୟମନ୍ତ୍ରୀ ମାଝୀ ଏହି ଗ୍ରାଉଣ୍ଡ ବ୍ରେକିଂ ମହୋତ୍ସବରେ ଶିଳ୍ପ ସଂକ୍ରାନ୍ତୀୟ ଅନେକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ବାରଙ୍ଗସ୍ଥିତ ରାମଦାସପୁର ଭାରତ ମସଲା କମ୍ପାନୀ ପରିସରରେ ତହସିଲଦାର ଡ. ତୁଷାରଜ୍ୟୋତି ରଞ୍ଜନ, ଡିପାର ଏଆଇଇ ସ୍ୱପ୍ନା ଦାସ, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଏସ୍.ଏନ୍. ମିଲେନିୟମ, ଆଶୁତୋଷ ପଣ୍ଡା ,ଜିଏମ୍ ଅଶ୍ୱିନୀ ଦାସ, ଜିଏମ୍ (ଅପରେଶନ) ଅରୁଣ ନାୟକ, ଜିଏମ୍ (ପ୍ରଡକ୍ସନ) ନବକୃଷ୍ଣ ପ୍ରଧାନ ପ୍ରମୁଖ ଭର୍ଚୁଆଲ ମୋଡ୍‌ରେ ସାମିଲ ଥିଲେ।

# ପିଇଓଙ୍କ ବିରୋଧରେ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

**ଛେନାପଦି,୧୭।୯(ନିରାକାର ପରିଡା)**

## ୩ ବର୍ଷ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୁଲଣ ପଞ୍ଚାୟତରୁ ପ୍ରଶାସନ ତରଫରୁ ଯୋଗାଇ ଦିଆଯାଉଥିବା ଭତ୍ତା ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ତତ୍କାଳୀନ ପିଇଓ ଟଙ୍କା ଉଠାଇନେଇଥିବା ପ୍ରମାଣ ଥିଲେ ବି ସେ ଅର୍ଥ ଫେରାଉନାହାନ୍ତି। ଘଟଣାକୁ ଦୀର୍ଘ ୩ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ବି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଯାହା ସମସ୍ତଙ୍କୁ ଚକିତ କରିଛି। ସୂଚନା ଅନୁଯାୟୀ, ସମସ୍ତ ପଞ୍ଚାୟତର ପିଇଓ ଓ ସରପଞ୍ଚଙ୍କ ମିଳିତ ଆକାଉଣ୍ଟକୁ ଭତ୍ତା ଟଙ୍କା ବ୍ଲକ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ଆକାଉଣ୍ଟକୁ ଟଙ୍କା ଆସିଲା ପରେ ପିଇଓ ଓ ସରପଞ୍ଚ ଟଙ୍କା ଉଠାଇ ହିତାଧିକାରୀଙ୍କୁ ବଣ୍ଟନ କରିଥାନ୍ତି। ସେହିପରି ହାଟଡ଼ିହୀ ବ୍ଲକ୍ ସୁଲଣ ପଞ୍ଚାୟତକୁ ୨୦୨୨ରେ ବ୍ଲକ୍ ପକ୍ଷରୁ ଭତ୍ତା ଟଙ୍କା ଯୋଗାଇ ଦିଆଯାଇଥିଲା। କିନ୍ତୁ କୌଣସି ଭୁଲ କ୍ରମେ ସୁଲଣ ପଞ୍ଚାୟତର ପ୍ରାପ୍ୟ ଭତ୍ତା ଟଙ୍କାଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପଠାଯାଇଥିଲା। ତତ୍କାଳୀନ ପିଇଓ ବିକଳ୍ପ ନାୟକ ସରପଞ୍ଚଙ୍କୁ ନ ଜଣାଇ ଭତ୍ତା ଟଙ୍କା ଉଠାଯିବ କହି ସରପଞ୍ଚଙ୍କ ପାଖରୁ ଦସ୍ତଖତ ନେଇ ସବୁ ଟଙ୍କା ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ସରପଞ୍ଚ ଏହା ଜାଣିବା ପରେ ସେ ସମ୍ପୃକ୍ତ ପିଇଓଙ୍କୁ କହିବାରୁ, ସେ ବ୍ଲକ୍ ଆକାଉଣ୍ଟରେ ଜମା କରିଦେବେ ବୋଲି କହି ଜମା କରି ନ ଥିଲେ। ସରପଞ୍ଚ ଏ ବିଷୟରେ ବିଡିଓଙ୍କୁ ଅବଗତ କରିବାରୁ ପିଇଓ ଆସନ୍ତା ମାସରେ ଦାଖଲ କରିଦେବି କହି ଆଉ ଧରାଛୁଁଆ ଦେଇ ନ ଥିଲେ। ଏହା ମଧ୍ୟରେ ୨ ଜଣ ବିଡିଓଙ୍କ ବଦଳି ହୋଇଥିଲେ ମଧ୍ୟ ଉକ୍ତ ପିଇଓ ଜଣଙ୍କ ଟଙ୍କା ଫେରାଇନାହାନ୍ତି। ମାତ୍ର ତାଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇନାହିଁ। ଏପରିକି ସମ୍ପୃକ୍ତ ପିଇଓ ଜଣଙ୍କ ହାଟଡ଼ିହୀ ବ୍ଲକ୍‌ରେ କାର୍ଯ୍ୟରତ ଥିଲେ ବି ତାଙ୍କୁ କୌଣସି ପଞ୍ଚାୟତ ଦାୟିତ୍ୱ ଦିଆଯାଇନି। ସେ ଆଉ ବ୍ଲକକୁ ମଧ୍ୟ ଆସୁନାହାନ୍ତି। ସୁଲଣ ସରପଞ୍ଚ ମନୀଷାରାଣୀ ସା କହିଛନ୍ତି, ଏ ବିଷୟରେ ୨ ଜଣ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପରେ ସମ୍ପୃକ୍ତ ପିଇଓଙ୍କ ଦରମା ବନ୍ଦ କରାଯାଇଥିଲା। ବ୍ଲକ୍ ଭତ୍ତା ଅଧିକାରୀ ସାବିତ୍ରୀ ସିଂ କହିଛନ୍ତି, ସେ ପିଇଓ ଜଣଙ୍କ ଆଉ ବ୍ଲକ୍‌କୁ ଆସୁନାହାନ୍ତି, ତେଣୁ ଯାହା ପଦକ୍ଷେପ ନିଆଯିବ ବିଡିଓ ନେଇପାରିବେ। ଏ ବିଷୟରେ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

# ନିଲମ୍ବିତ ଶିକ୍ଷୟିତ୍ରୀଙ୍କ ନାଁରେ ଏତଲା ଦେଲେ ଅଭିଭାବକ




ଶିକ୍ଷୟିତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପାଇଁ ଆସିଥିବା ଅଭିଭାବକମାନେ।

**ବୈଶିଙ୍ଗା,୧୭।୯(ରତନ ଦାଶ)**

ପ୍ରାର୍ଥନା ପରେ ପ୍ରଣାମ ନ କରିବାରୁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖଣ୍ଡଦେଉଳା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି କର ୩୦ ଜଣ ଛାତ୍ରୀଛାତ୍ରଙ୍କୁ ବାଉଁଶ ବାଡ଼ିରେ ପିଟି କ୍ଷତାକ୍ତ କରିଥିବା ଅଭିଯୋଗ ହୋଇଥିଲା। ବେତନଟୀ ବିଇଓ ବିପ୍ଳବ କର ଏହାର ତଦନ୍ତ କରି ଶିକ୍ଷୟିତ୍ରୀ କରଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ତେବେ ଶିକ୍ଷୟିତ୍ରୀ ଜଣଙ୍କ ଏହି ଘଟଣାର ସମାଧାନ କରିବା ପରିବର୍ତ୍ତେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପୂର୍ବତନ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟିର ସଭାପତିଙ୍କ ବିରୋଧରେ କପୋଳକଳ୍ପିତ ଅଭିଯୋଗ କରି ଥାନାରେ ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ବୁଧବାର ଅପରାହ୍ନରେ ଶତାଧିକ ଅଭିଭାବକ ବୈଶିଙ୍ଗା ଥାନାରେ ପହଞ୍ଚି ନିଲମ୍ବିତ ଶିକ୍ଷୟିତ୍ରୀ କରଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଶିକ୍ଷୟିତ୍ରୀ ଜଣଙ୍କ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା। ପ୍ରଧାନଶିକ୍ଷକଙ୍କ ଯୋଗୁ ପ୍ରତିମାଦେଇପୁର କ୍ଲଷ୍ଟରର ଖଣ୍ଡଦେଉଳା ସ୍କୁଲଟି ସ୍ୱତନ୍ତ୍ର ଓ ଶ୍ରେଷ୍ଠମାନ୍ୟତା ପାଇଛି। ନିଲମ୍ବିତ ଶିକ୍ଷୟିତ୍ରୀ କର ଦୀର୍ଘମାସ ହେଲା କୌଣସି ଶିକ୍ଷୟିତ୍ରୀ, ଶିକ୍ଷକ ତଥା ପରିଚାଳନା କମିଟିର ସଭାପତି ଓ ସଦସ୍ୟମାନଙ୍କ ସହିତ କଥାବାର୍ତ୍ତା କରନ୍ତି ନାହିଁ କିମ୍ବା କୌଣସି ବୈଠକରେ ଯୋଗ ଦିଅନ୍ତିନାହିଁ। ଶିକ୍ଷୟିତ୍ରୀ ଜଣକେ ନିଜ ଦୋଷକୁ ଅନ୍ୟମାନଙ୍କ ମୁଣ୍ଡରେ ଲଦି ଖସିଯିବାକୁ ଚେଷ୍ଟା କରୁଛନ୍ତି। ପିଲାଙ୍କୁ ମାଡ଼ ମାରିଥିବା କାରଣରୁ ଅନେକପିଲାଙ୍କ ଅଭିଭାବକ ବର୍ତ୍ତମାନ ଥାନାରେ ଏତଲା ଦେବାକୁ ଥିବାରୁ ସେଥିରୁ ମୁକୁଳିବା ପାଇଁ ଏଭଳି ମିଛ ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାର ଠିକ୍ ତଦନ୍ତ କରି ବିଦ୍ୟାଳୟର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅଭିଭାବକମାନେ ନିବେଦନ କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ସମୂହ ଦୀପଦାନ



ଭାରତୀୟ ଜନତା ମହିଳା ମୋର୍ଚ୍ଚା ସଦସ୍ୟମାନେ ଦୀପ ପ୍ରଜ୍ୱଳନ କରୁଛନ୍ତି।

**ଘଟଗାଁ,୧୭।୯(ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଜିଲା ଭାରତୀୟ ଜନତା ମହିଳା ମୋର୍ଚ୍ଚା ତରଫରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଘଟଗାଁ ମା' ତାରିଣୀଙ୍କ ନିକଟରେ ସମୂହ ଦୀପଦାନ କରାଯାଇଛି। ଜିଲା ସଭାନେତ୍ରୀ ମମତା ସିଂଙ୍କ ନେତୃତ୍ୱରେ ମହିଳାମାନେ ପ୍ରଥମେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ମନ୍ଦିର ସମ୍ମୁଖରେ ସମୂହ ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ଉପସ୍ଥିତ ଭକ୍ତଙ୍କୁ ଲଡ୍ଡୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣାଳା ନାୟକ, ଜିଲା ମହିଳା ମୋର୍ଚ୍ଚା ତରଫରୁ କଳ୍ପନା ରାଉତ, ବବିତା ରାମ, ଚପଳା ମହାକୁଡ଼, ଝରଣା ମହାନ୍ତ, ପ୍ରଣୟଣୀ ବ୍ରହ୍ମ, ବବିତା ସାହୁ, ମୁକୁନ୍ଦପୁର ପାଟଣା ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ, ସନ୍ଧ୍ୟାରାଣୀ ବେହେରା, ସନ୍ତୋଷିନୀ ମୋଦୀ, ମମତା ପଣ୍ଡା, ମନୋରମା ମହାକୁଡ଼ଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ।

# ପଙ୍ଖା ଖସି ଛାତ୍ରୀ ଗୁରୁତର

**ଉଦଳା,୧୭।୯(ସନ୍ତୋଷ କୁମାର ବାଚ୍ଛିନୀ)**

ବିଦ୍ୟାଳୟରେ ପାଠପଢ଼ା ଚାଲିଥିଲା ବେଳେ ଅଚାନକ ଶ୍ରେଣୀଗୃହ ଛାତରୁ ପଙ୍ଖା ଖସି ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟିଥିବା ବେଳେ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୁଧବାର ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ବାଘିଆଗଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ।

ସୂଚନା ଅନୁଯାୟୀ, ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷାରାଣୀ ବେଜ ଶ୍ରେଣୀଗୃହ ଭିତରେ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ବେଳେ ଅଚାନକ ଶ୍ରେଣୀଗୃହ ଛାତରୁ ଏକ ପଙ୍ଖା ଖସି ପ୍ରତୀକ୍ଷାଙ୍କ ମୁଣ୍ଡରେ ବାଜିଥିଲା। ତୁରନ୍ତ ପ୍ରଧାନଶିକ୍ଷୟିତ୍ରୀ ଘଟଣା ବାବଦରେ ପରିବାର ଲୋକଙ୍କୁ ଅବଗତ କରିବା ସହିତ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଇଥିଲେ।


# Classified Everyday
0674-2580101, 9692975378




REAL ESTATE
SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941




Rooms suitable for Office, Hostel at Bapujinagar, Bhubaneswar. 9556700943 / 7683912628. D-76939

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

I, Amulya Khandual, S/o- Late Kumuda Khandual, of Village/ Post- Baragam, P.S.- Kotinada, Dist.- Ganjam, Odisha, declare by this affidavit No.- 1533, dt- 16.09.2025 sworn before the Executive Magistrate, Aska that now onwards I shall be known as Amulya Khandual instead of Amuli Khanduwal for all future purposes as both are one and same person. D-2009

I, Anita Agrawal, W/o- Anil Kumar Agarwala, Resident of Plot No.- 1408/1409, Shiripur Square, Bhubaneswar, P.S.- Khandagiri, Dist.- Khurda, State- Odisha, PIN- 751003, declare by this affidavit number- 704, dtd- 16.09.2025 that now onwards I shall be known as Anita Agarwala for all future purpose.
Sd/- Anita Agarwala
D-1994

I, Anil Kumar Agrawal, S/o- Sitaram Agarwala. Resident of plot No.- 1408/1409 Shiripur Square, Bhubaneswar, P.S.- Khandagiri, Dist.- Khurda, State- Odisha, PIN- 751003, declare by this affidavit number 705, dtd- 16.09.2025 that now onwards I shall be known as Anil Kumar Agarwala for all future purposes.
Sd/- Anil Kumar Agarwala
D-1995

**ପାଠକଙ୍କ ପାଇଁ ସୂଚନା**


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ତଥାପି ଆଶାବାଦୀ ପ୍ରିୟଙ୍କା..

ପ୍ରିୟଙ୍କା ଚୋପ୍ରା। ଦିନ ଥିଲା ସେ ବଲିଉଡ୍‌ରେ ରାଜ୍ କରୁଥିଲେ। ହେଲେ ଯେତେବେଳେ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିବାକୁ ଚାହିଁଲେ ସେତେବେଳେ ତାଙ୍କୁ କମ୍ ସଂଘର୍ଷ କରିବାକୁ ପଡ଼ି ନ ଥିଲା। ଘାତ ପ୍ରତିଘାତର ସାମନା କରି ସେ ଆଗକୁ ଆଗେଇଥିଲେ। ଆଉ ତା'ପରେ ଏପରି ସମୟ ଆସିଲା ପ୍ରଯୋଜକମାନେ ତାଙ୍କୁ ସାଇନ୍ କରାଇବାକୁ ତାଙ୍କ ପଛରେ ଲମ୍ବା ଲାଇନ୍ ଲଗାଇଦେଲେ। ହେଲେ ବେଶ୍ କିଛି ବର୍ଷ ବଲିଉଡ୍‌ର ସହ ଜଡିତ ରହିବା ପରେ ସେ ହଲିଉଡ୍ ସିନେମାରେ ଅଭିନୟ କଲେ। ଆଉ ସେଠାରେ ନିକ୍ ଜୋନାସଙ୍କୁ ବିବାହ କରିବା ପରେ ପ୍ରାୟ ବଲିଉଡ୍‌ଠାରୁ ଦୂରେଇ ଯାଇଛନ୍ତି କହିଲେ ଭୁଲ୍ ହେବ ନାହିଁ। ହେଲେ ଏବେ ମଧ୍ୟ ସେ ଏକ ବଡ ସୁଯୋଗ ଅପେକ୍ଷାରେ ଅଛନ୍ତି। ଆଉ ସେପରି ଚାନ୍ସ ପାଇଲେ ସେ ପୁଣି ଥରେ ହିନ୍ଦୀ ସିନେମାରେ ଦମ୍‌ଦାର ରି-ଏଣ୍ଟ୍ରି କରିବେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ବର୍ତ୍ତମାନ ସମୟ ବଦଳିଯାଇଛି। ଏବେ ତ ପ୍ରାୟ ହିନ୍ଦୀ ସିନେମାଠାରୁ ଦୂରେଇଯାଇଛି। ବର୍ତ୍ତମାନ ଯଦି ସେଭଳି ଏକ ମନଲାଖି ଭୂମିକାଟିଏ ମିଳେ ତେବେ ନିଶ୍ଚୟ ମୁଁ ତାହାକୁ ଗ୍ରହଣ କରିବି। କାରଣ ଏବେ ଏଣୁତେଣୁ ଫିଲ୍ମରେ ଅଭିନୟ କରିବା ଚକ୍କରରେ ମୁଁ ନାହିଁ।'' ଇଏ ସିନା ତାଙ୍କର ମନର କଥା, ହେଲେ ତାହା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଖସିନି କ୍ରିକେଟ ନିଶା


ଭେଙ୍କଟେଶ

ତେଲୁଗୁ ସିନେମା ଜଗତରେ ତାଙ୍କୁ କିଏ ବା ନ ଜାଣେ କହିଲେ ? ନିଜର ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। 'ଅନାଡି' ସିନେମାରେ ତାଙ୍କର ନିଖୁଣ ଆକ୍ଟିଂ ଏବେ ବି ଅନେକଙ୍କ ମନରେ ସତେଜ ହୋଇ ରହିଛି। କେବଳ ଏହି ସିନେମା ନୁହେଁ ସେ ଅଭିନୟ କରିଥିବା ଅନେକ ତେଲୁଗୁ ସିନେମା ସୁପରହିଟ୍ ସାବ୍ୟସ୍ତ ହୋଇଛି। ହଁ, ସେ ହେଲେ ତାମିଲ ସିନେମାର ସୁପରଷ୍ଟାର ଭେଙ୍କଟେଶ। ଅଭିନୟ, ପ୍ରଯୋଜନା ସହ ଜଡିତ ରହିଲେ ମଧ ସେ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା ହେଲା କ୍ରିକେଟ ଖେଳିବା। ଏକଦା ସେ ଟଲିଉଡ୍‌ର ତେଲୁଗୁ ୱାରିୟର୍ସ ଦଳର ଅଧିନାୟକ ଥିଲେ। ତେଣୁ ଏବେ ନିଜର ବ୍ୟସ୍ତବହୁଳ ଜୀବନରେ ସମୟ ଟିକିଏ ମିଳିଲେ ସେ କ୍ରିକେଟ ଖେଳିବାକୁ ବାହାର ଯାଆନ୍ତି। ତାଙ୍କର ସଫଳ ଅଭିନୟ କ୍ୟାରିୟର ପାଇଁ ପ୍ରଶଂସକମାନେ ତାଙ୍କୁ 'ଭିଭି' ବା ଭିକ୍ଟ୍ରି ଭେଙ୍କଟେଶ ବୋଲି ଡାକିଥାଆନ୍ତି। ଅନ୍ୟତମ ନାମୀ ବ୍ୟାନର ସୁରେଶ ପ୍ରଡକ୍ସନସ ଏବଂ ପ୍ରଯୋଜକ ଡି.ରାମାନାଇଡୁଙ୍କୁ କିଏ ବା ନ ଜାଣେ। ତାଙ୍କର ସୁପୁତ୍ର ହେଉଛନ୍ତି ଭେଙ୍କଟେଶ। ଅଭିନୟ କରିବା ପୂର୍ବରୁ ସେ ଆମେରିକାର ଏକ କଲେଜରୁ ଏମବିଏ ଡିଗ୍ରୀ ହାସଲ କରିଛନ୍ତି। ଜଣେ ଶିଶୁ କଳାକାର ଭାବରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା, ଆଉ ଫିଲ୍ମଟି ଥିଲା 'ପ୍ରେମ ନଗର' (ତେଲୁଗୁ)।

# କିଛି ଜଣା: କିଛି ଅଜଣା

### ଏକାଥରେ ଦଶ...


ଥରେ ମନେପକାନ୍ତୁ ନା ନିଶିକାନ୍ତ କାମତଙ୍କ ନିର୍ଦ୍ଦେଶିତ 'ଦୃଶ୍ୟମ' ଫିଲ୍ମକୁ। ଏଥିରେ ଅଜୟ ଦେବଗନ ଏବଂ ତବୁଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଫିଲ୍ମଟି ମଧ ବେଶ୍ ଦର୍ଶକାଦୃତ ହୋଇଥିଲା। କେବଳ ସେତିକି ନୁହେଁ, ସେହି ବର୍ଷ ଏହି ସିନେମା ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ରେକର୍ଡଭିତ୍ତିକ ୧୦ଟି ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲା।

### ତିନୋଟି ଭାଷାରେ 'ମୁଗଲ-ଇ-ଆଜମ'

ବଲିଉଡ୍‌ର ସର୍ବକାଳୀନ ଶ୍ରେଷ୍ଠ ଚଳଚ୍ଚିତ୍ର ତାଲିକା ଉପରେ ଦୃଷ୍ଟି ନିକ୍ଷେପ କଲେ ସ୍ୱତଃ ନଜର 'ମୁଗଲ-ଇ-ଆଜମ' ଉପରକୁ ଚାଲିଯିବ। ଏହି ସିନେମାର ନିର୍ମାଣଶୈଳୀ, କେ. ଆସିଫଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ ପୃଥ୍ୱୀରାଜ କପୁର, ଦିଲୀପ କୁମାର ଏବଂ ମଧୁବାଳାଙ୍କ ନିଖୁଣ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ଏହାର 'ପ୍ୟାର୍ କିୟା ତୋ ଡର୍‌ନା କ୍ୟା..' ଗୀତକୁ ଆଜି ମଧ ଅନେକ ଗୁଣୁଗୁଣେଇ ଥାଆନ୍ତି। ହେଲେ ଜାଣନ୍ତି, ହିନ୍ଦୀ ବ୍ୟତୀତ ଏହି ସିନେମା ଆଉ ଦୁଇଟି ଭାଷାରେ ନିର୍ମିତ ହୋଇଥିଲା। ତାହା ଥିଲା ତାମିଲ ଏବଂ ଇଂଲିଶ। ହେଲେ ତାମିଲ ଭର୍ସନ ବକ୍ସ ଅଫିସରେ ସୁପରଫ୍ଲପ୍ ହୋଇଥିଲା। ଏହାଦେଖି ପ୍ରଯୋଜକ ଏହାକୁ ଇଂଲିଶ ଭାଷାରେ ନିର୍ମାଣ କରିଥିଲେ। ହେଲେ ହିନ୍ଦୀ ଭାଷାରେ ପ୍ରସ୍ତୁତ ଫିଲ୍ମଟି ଦର୍ଶକଙ୍କ ହୃଦୟରେ ଏବେ ବି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଛି।

### 'ଗେରୁଆ..' ଗୀତକୁ ଏବେ ବି ମନେପକାନ୍ତି ଶାହରୁଖ

ବଲିଉଡ୍‌ରେ ଶାହରୁଖ-କାଜୋଲ ଯୋଡ଼ିକୁ ଅନ୍ୟତମ ଶ୍ରେଷ୍ଠ ଲୋକପ୍ରିୟ ଯୋଡି ଭାବରେ ଗ୍ରହଣ କରାଯାଇଛି। ଏହି ଦୁହିଁଙ୍କୁ 'ଦିଲୱାଲେ' ଫିଲ୍ମରେ ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ ଏଥିରେ ଏକ ଡୁଏଟ୍ ଗୀତରେ ଉକ୍ତ ଯୋଡ଼ି ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ଆଉ ଗୀତଟି ଥିଲା 'ଗେରୁଆ..'। ଏହାର କିଛି ଅଂଶ ଏକ ଏୟାରକ୍ରାଫ୍ଟ ଉପରେ ଶୁଟିଂ କରାଯାଇଥିଲା, ଯାହାର ଅନୁଭୂତିକୁ ଏବେ ବି ଶାହରୁଖ ମନେପକାନ୍ତି।


'ଦିଲୱାଲେ' ଫିଲ୍ମରେ ଶାହରୁଖ-କାଜୋଲ


(ବାମରୁ) ଅମ୍ଲାନ, ପ୍ରମୋଦ, ତୃପ୍ତି

# ପ୍ରମୋଦଙ୍କ ଜନ୍ମଦିନ ଉପହାର

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଚଳିତ ସପ୍ତାହରେ ସେ ତାଙ୍କର ଜନ୍ମଦିନ ପାଳନ ଅବସରରେ ତାଙ୍କ ଦ୍ୱାରା ପ୍ରଯୋଜିତ ହେବାକୁ ଯାଉଥିବା ସପ୍ତମ ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ ବିଷୟରେ ସୂଚନା ଦେଇଛନ୍ତି। ଏକ ଭିନ୍ନ ଧରଣର ସସ୍‌ପେନ୍ସ ଥ୍ରିଲର ବିଶିଷ୍ଟ ଏହି ଫିଲ୍ମଟିର ଟାଇଟଲ ରହିଛି 'ମଙ୍ଗଳପୁର ଡାଏରୀ'। ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ମୋର ଏହି ନୂଆ ସିନେମା 'ମଙ୍ଗଳପୁର ଡାଏରୀ'କୁ ମଧ ଦର୍ଶକ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର ଶୁଟିଂ ଆସନ୍ତା ମାସ ୬ରେ ଆରମ୍ଭ ହୋଇ ସେହି ମାସ ୨୪ରେ ଶେଷ ହେବ ଏବଂ ୨୦୨୬ ଜାନୁୟାରୀ ୧୪ରେ ଚିତ୍ରଟି ପରଦା ଉପରକୁ ଆସିବାର ଯୋଜନା ରହିଛି।'' ମହାଦେବ ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏହାର ବିଭିନ୍ନ ଭୂମିକାରେ ଅମ୍ଲାନ କୁମାର, ତୃପ୍ତି ମିରାଣ୍ଡିକା, ଚୌଧୁରୀ ଜୟ ପ୍ରକାଶ ଦାସ (ଗୁଲୁ ଭାଇ), ଅମର ମହାପାତ୍ର, ଉଦୟ ଗୁରୁ, ଶୁଭାଂଶୁ ନାୟକ, ଚନ୍ଦନ, ତୁଷାର ଆଚାର୍ଯ୍ୟ (ମୁମ୍ବାଇ), ବିଜୟଲକ୍ଷ୍ମୀ ଏବଂ ରାଖୀଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଯୁବ ସ୍ୱର ସଂଯୋଜକ ସୋମେଶ ଶତପଥୀ। ଫିଲ୍ମଟିର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ଅପରେଶ ବେହେରା।

# ମଡେଲିଂ କରି ନ ଥିଲେ...

ପୂଜା ହେଗଡେ ଦୀର୍ଘ ୧୩ ବର୍ଷ ଧରି ଅଭିନୟ ସହ ଜଡିତ ଅଛନ୍ତି। ହେଲେ ଏହାପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? କଲେଜରେ ପାଠ ପଢ଼ିବା ସମୟରେ ତାଙ୍କର ପସନ୍ଦ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ସମୟ ମିଳିଲେ ସେ ର୍‌ୟାମ୍ପ ପ୍ରାକ୍ଟିସ କରୁଥିଲେ। ଏକଦା ତାଙ୍କୁ କଲେଜରେ ମଡେଲିଂ କରିବାର ସୁଯୋଗ ମିଳିଲା। ଆଉ ଏଥିରେ ସେ ଅଂଶଗ୍ରହଣ କରୁଥିବା ସମୟର ଏକ ଘଟଣାକୁ ଏବେ ବି ମନେ ପକାନ୍ତି। ଏ ବିଷୟରେ ପୂଜା କହନ୍ତି, 'ଥରେ କଲେଜରେ ମଡେଲିଂ କରୁଥିବା ବେଳେ ମୋର କେତେ ଜଣ ସାଙ୍ଗ ମୋତେ ଅଭିନୟ କରିବାକୁ ପ୍ରସ୍ତାବ ଦେଇଥିଲେ। ଅବଶ୍ୟ ସେତେବେଳେ ଏହି କଥାକୁ ମୁଁ ଗୁରୁତ୍ୱର ସହ ନେଇ ନ ଥିଲି। ହେଲେ ୨୦୧୨ରେ ଯେତେବେଳେ ମୋତେ ଏକ ତାମିଲ ସିନେମା 'ମୁଗାମୁଡି'ରେ ଅଭିନୟ କରିବାକୁ ଅଫର ମିଳିଲା ସେତେବେଳେ ମୁଁ ଭାବିଲି ଏହା ହିଁ ହେଉଛି ଉପଯୁକ୍ତ ସମୟ। ତେଣୁ ସେଥିରେ ଅଭିନୟ କରିବାକୁ ରାଜି ହେଲି। ବାସ୍, ତା'ପରେ ଗୋଟିଏ ପରେ ଗୋଟିଏ ଫିଲ୍ମରେ ଆକ୍ଟିଂ କରି ଚାଲିଛି। ମୁଁ ମଧ୍ୟ କେତୋଟି ବଲିଉଡ୍ ସିନେମାରେ ଅଭିନୟ କରିଛି। ଯା ଭିତରେ ଦର୍ଶକ ମୋତେ ଢେର ଭଲ ପାଇବା ଦେଇଛନ୍ତି, ଯାହାକୁ ପାଥେୟ କରି ମୁଁ ଆଗକୁ ଆଗେଇ ଚାଲିଛି।'' ପୂଜାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ଏବଂ ହୃତିକ ରୋଶନଙ୍କ ଅଭିନୀତ 'ମହେଞ୍ଜୋଦାରୋ'। ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିଥିଲା। ତା'ପରେ ସେ 'ହାଉସଫୁଲ ୪', 'ରାଧେଶ୍ୟାମ' ଏବଂ 'କିସିକା ଭାଇ କିସିକା ଜାନ୍'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ଏବେ ସେ ନିର୍ମାଣାଧୀନ ହିନ୍ଦୀ ସିନେମା 'ହେ ଜୱାନୀ ତୋ ଇସ୍କ ହୋନା ହେ'ରେ ଅଭିନୟ କରୁଛନ୍ତି।


ପୂଜା

# ସତ ହେଲା ଭାବନା

ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ଭାବରେ ପରିଗଣିତ ହୁଅନ୍ତି ବୈଦ୍ୟନାଥ ଦାଶ। 'ଗୁଡବୟ' ଫିଲ୍ମରୁ ତାଙ୍କର ଆରମ୍ଭ ହୋଇଥିଲା ଓଲିଉଡ୍ କ୍ୟାରିୟର। କିନ୍ତୁ ଏହାପୂର୍ବରୁ ସେ ଅନେକ ଓଡ଼ିଆ ଆଲବମ୍‌ର ସ୍ୱର ସଂଯୋଜନା କରି ନିଜ ଦକ୍ଷତାର ପରିଚୟ ଦେଇସାରିଥିଲେ। ଏବେ ତାଙ୍କର କ୍ରେଜ୍ କେତେ ବଢ଼ିଯାଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ବିଶେଷଭାବରେ ନିକଟରେ ରିଲିଜ ହୋଇଥିବା 'ଡେଲିଭିରି ବୟ ୨'ର ଗୀତ ବେଶ୍ ଶ୍ରୋତାଦୃତ ହୋଇଛି। ଅନ୍ୟପକ୍ଷରେ ରିଲିଜ ଅପେକ୍ଷାରେ ଥିବା ଅନୁଭବ ମହାନ୍ତିଙ୍କ ଅଭିନୀତ ଏବଂ ତାପସ ସରଘରିଆ ନିର୍ଦ୍ଦେଶିତ 'ତାରିଧାମ'ରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଗୀତ 'କେରେକେରା' ଗଣେଶ ପୂଜା ବଜାରକୁ ବେଶ୍ ସରଗରମ କରିଥିଲା। ଏହି ଗୀତଟି ବେଶ୍ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି। ଏ ବିଷୟରେ ବୈଦ କହନ୍ତି, ''ଗୀତଟିଏ ସ୍ୱର ଦେବା ସମୟରେ ମୁଁ ସବୁ ଦିଗକୁ ଦୃଷ୍ଟି ଦିଏ। 'କେରେକେରା' ଗୀତର ମ୍ୟୁଜିକ ସିଟିଂ ବେଳେ ମୋର ହୃଦବୋଧ ହୋଇଥିଲା ଏହି ଗୀତଟି ନିଶ୍ଚୟ କ୍ଲିକ୍ କରିବ। ଗୀତଟିର ସ୍ୱର କଥା ଛାଡ଼ନ୍ତୁ ଏଥିରେ ଅନୁଭବ ଏବଂ ଶିବାନୀଙ୍କ ଡ୍ୟାନ୍ସ ଏହାକୁ ଚାରଚାନ୍ଦ ଲଗାଇ ଦେଇଛି। ମୁଁ ସ୍ୱର କରିଥିବା ଗୀତଗୁଡ଼ିକୁ ଯେତେବେଳେ ଶ୍ରୋତା ଗ୍ରହଣ କରନ୍ତି, ସେତେବେଳେ ମୁଁ ଭାବେ ମୋର ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଛି।'' କିଛି ବର୍ଷ ପୂର୍ବେ ତାଙ୍କ ଦ୍ୱାରା ସ୍ୱର ସଂଯୋଜିତ 'ଗୁଲୁଟି ସାହୁ..' ଗୀତ ବେଶ୍ ହିଟ୍ ହୋଇଥିଲା।


ବୈଦ୍ୟନାଥ

## ଅତୀତରୁ

➔ନିତାଇ ପାଲିତଙ୍କ ନିର୍ଦ୍ଦେଶିତ 'ଭାଇ ଭାଇ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଭୁବନ-କିଶନ। ଗୌର, ଚପଳା, ସାମୁଏଲ ସାହୁ (ବାବି) ଏବଂ ଲୀଲାଦୁଲାରୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➔'ଦସ୍ୟୁ ରତ୍ନାକର' ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ କୃଷ୍ଣ ଚନ୍ଦ୍ର ତ୍ରିପାଠୀ। ପ୍ରଭାତ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ନାୟକ ସାଜିଥିଲେ ଶରତ ପୂଜାରୀ।

➔'ଅମଡାବାଟ' ଫିଲ୍ମର ନିର୍ଦ୍ଦେଶକ ଥିଲେ ଅମର ଗାଙ୍ଗୁଲି। ଗୀତଗୁଡ଼ିକର ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଉମାକାନ୍ତ, ଝରଣା ଦାସ ଏବଂ ସାମୁଏଲ ସାହୁ (ବାବି)ଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

➔ଓଡ଼ିଆ ସିନେମା 'କନକଲତା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ହରିଶ ମହାନ୍ତି, ସୁଜାତା ଆନନ୍ଦ, ଶାନ୍ତିଲତା, କାଶୀନାଥ ପ୍ରମୁଖ କଳାକାର।

ଛୋଟ ପରଦା

# ମ୍ୟାଜିକ୍ ଅଧ୍ୟାୟରେ ଚାରି ଧାରାବାହିକ

ରାଜ୍ୟର ଅନ୍ୟତମ ଆଗଧାଡ଼ିର ମନୋରଞ୍ଜନ ଚ୍ୟାନେଲ ସିଦ୍ଧାର୍ଥ ଟିଭିରେ ପ୍ରସାରିତ ହେଉଥିବା ଚାରୋଟି ପ୍ରମୁଖ ଧାରାବାହିକ ନିକଟରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୋଟିଏ ଦିନରେ ଏହି ଧାରାବାହିକଗୁଡ଼ିକ ୫୦୦ ଅଧ୍ୟାୟରେ ପଦାର୍ପଣ କରିଛି। ଉକ୍ତ ଧାରାବାହିକଗୁଡ଼ିକ ହେଲା 'ମାୟା ମମତା', 'ସୁନୟନା', 'ସିନ୍ଦୁର ଖେଳ' ଏବଂ 'କେଦାର ଗୌରୀ'। ନିର୍ମାତା ସୀତାରାମ ଅଗ୍ରୱାଲଙ୍କ ଗଭୀର ପ୍ରଚେଷ୍ଟା, ବଙ୍କିମ୍ ପରିକଳ୍ପନା ଓ ନମିତା ଅଗ୍ରୱାଲଙ୍କ ପ୍ରେରଣା ଓ ଦିଗଦର୍ଶନ ଏହି ସଫଳତାର ମୂଳ ମନ୍ତ୍ର। ଧାରାବାହିକ 'ମାୟା ଓ ମମତା' ସନ୍ଧ୍ୟା ୭ଟାରେ ପ୍ରସାରିତ ହେଉଛି, ଯାହାର ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି ଶୁଭସ୍ମିତା, ଅଭିଷେକ, ରଞ୍ଜିତା, ଅର୍ପିତା, ଭବାନୀ, ଜଗବନ୍ଧୁ ଏବଂ ପିଙ୍କି। ଅନ୍ୟପକ୍ଷରେ ସନ୍ଧ୍ୟା ୭.୩୦ରେ ପ୍ରସାରିତ ହେଉଛି 'ସୁନୟନା'। ସୀମା, ଆଶିଷ, ପ୍ରୀତି, ଲୁଲୁ ପଣ୍ଡା, ବନ୍ଦନା, ଚିନ୍ମୟୀ, ମିଲି ଓ ସ୍ମିତା ଏଥିରେ ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ରାତି ୮ ଟାରେ ପ୍ରସାରିତ ହେଉଛି 'ସିନ୍ଦୁର ଖେଳ', ଯାହାର ଲିଡ୍ ରୋଲରେ ରଶ୍ମି ରେଖା, ରୋଶନ, ମାମୁନି, ମମତା, ରାଜେଶ, ସୁଶ୍ରୀ, ବିଶ୍ୱରୂପା ପ୍ରମୁଖ ଅଭିନୟ କରୁଛନ୍ତି। ରାତି ୮.୩୦ରେ ପ୍ରସାରିତ ହେଉଛି ଅନ୍ୟତମ ଲୋକପ୍ରିୟ ଧାରାବାହିକ 'କେଦାର ଗୌରୀ'। ରୂପାଲି, ଚିନ୍ମୟ, ସ୍ମିତା ତ୍ରିପାଠୀ, ସବିତା, ବବଲୁ, ସ୍ୱୟଂପ୍ରଭା ଓ ମୋନାଲିସା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳୁଛି। ଏହି ଚାରୋଟି ଧାରାବାହିକର କାହାଣୀ ଦିନକୁ ଦିନ ରୋଚକ ମୋଡ ନେଉଛି। ନିକଟରେ ଦର୍ଶକାଦୃତ ଏହି ଚାରୋଟି ଧାରାବାହିକଗୁଡ଼ିକର ଏପରି ସଫଳତାକୁ କଳାକାର, ନିର୍ମାତା, ନିର୍ଦ୍ଦେଶକ ଏବଂ ଟେକ୍ନିସିଆନମାନେ ଧୁମଧାମରେ ସେଲିବ୍ରେଟ୍ କରିଛନ୍ତି।


ଚାରି ଧାରାବାହିକର ନାୟିକାମାନେ



କଟକର ବାରବାଟୀ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ବ୍ରାଣ୍ଡ ଆମ୍ବାସାଡର ଇର୍ଫାନ ପଠାନ, ଓସିଏ କର୍ମକର୍ତ୍ତା ଓ ଅନ୍ୟମାନେ।

# ଯୁବ ଶକ୍ତି, ପ୍ରତିଭାର ପରିପ୍ରକାଶ କ୍ରିକେଟ: ମୁଖ୍ୟମନ୍ତ୍ରୀ

କଟକ,୧୭।୯(କାର୍ତ୍ତିକ ସାହୁ)

ଐତିହାସିକ ବାରବାଟୀ ଷ୍ଟାଡ଼ିୟମରେ ଅନେକ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ହୋଇଛି। ଗର୍ବର ବିଷୟ ଭାରତୀୟ ଦଳ ଏଠାରେ ବହୁ ମ୍ୟାଚ୍ ଜିତିଛି। ଯୁବଶକ୍ତି ଓ ପ୍ରତିଭାର ପରିପ୍ରକାଶ ହେଉଛି କ୍ରିକେଟ। କ୍ରିକେଟ୍ ଖେଳକୁ ଲୋକଙ୍କ ସାମ୍ନାକୁ ଆଣିବା, ଓଡ଼ିଶା କ୍ରିକେଟକୁ ଆଗକୁ ନେବାରେ ବାରବାଟୀର ବଡ଼ ଭୂମିକା ରହିଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗକୁ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ଏହା କହିଛନ୍ତି।

ପ୍ରକାଶ ଯେ, ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ଦ୍ୱାରା ଆଗାମୀ ଦିନରେ ରାଜ୍ୟରୁ ଅନ୍ତର୍ଜାତୀୟସ୍ତରର ଖେଳାଳି ବାହାରି ପାରିବେ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ର ବ୍ରାଣ୍ଡ୍ ଆମ୍ବାସାଡାର ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ଯୁବ ଖେଳାଳିମାନଙ୍କ ପାଇଁ ବଡ଼ ପ୍ଲାଟଫର୍ମ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍ ଟ୍ରଫି ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ବ୍ରାଣ୍ଡ ଆମ୍ବାସାଡାର ଇର୍ଫାନ କହିଲେ, ଓସିଏ ଯୁବ ଖେଳାଳିମାନଙ୍କ ପାଇଁ ବଡ଼ ସୁଯୋଗ ଆଣିଛି। ଖେଳାଳିମାନେ ଏହାର ଫାଇଦା ନେବା ଆବଶ୍ୟକ। ନିଜ ଉପରେ ଦୃଢ଼ ବିଶ୍ୱାସ ରଖି ଆଗକୁ ବଢ଼ିଲେ ଯୁବ ଖେଳାଳୀମାନେ ପ୍ରତିଟି କ୍ଷେତ୍ରରେ ସଫଳତା ପାଇବେ। ଭଲ କ୍ରିକେଟର ହେବାକୁ ହେଲେ ପ୍ରଥମେ ନିଜ ଉପରେ ଦୃଢ଼ ଆତ୍ମବିଶ୍ୱାସ ରଖିବା ଦରକାର। ଯେଉଁ ବ୍ୟାଟ୍ସମ୍ୟାନ ସାମ୍ନାରେ ଥାଆନ୍ତୁ ବୋଲର ତାଙ୍କୁ ଆତ୍ମବିଶ୍ୱାସର ସହିତ ସାମ୍ନା କରିବା ନିମନ୍ତେ ଯୁବ ଖେଳାଳିମାନଙ୍କୁ ଇର୍ଫାନ ପରାମର୍ଶ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓଡ଼ିଶାର ଯୁବ ଖେଳାଳିମାନଙ୍କୁ ଆଗକୁ ନେବାରେ ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ସହାୟକ ହେବ ବୋଲି କହିଥିଲେ। ଉଦ୍‌ଘାଟନୀ ସମାରୋହର ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓସିଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଓସିଏ ପକ୍ଷରୁ କଟକର ଏକ ଅନାଥ ଆଶ୍ରମ ଆଦୃତ ଚିଲ୍‌ଡ୍ରେନ୍ ହୋମ୍‌ର ପିଲାମାନଙ୍କୁ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ।



ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ରାଜକିଶୋର ମହାନ୍ତି)

## ଓଡ଼ିଶା ପ୍ରୋ ଟ୍ୱେଣ୍ଟି୨୦ ଲିଗ ଉଦ୍‌ଘାଟିତ

# ପୁଣି ନୁଆଁଇଲା ପିସିବି

# ପାଇକ୍ରଫ୍ଟ ରେଫରି ରହିଲେ

ଦୁବାଇ,୧୭।୯(ପି.ଟି.)

ଚଳିତ ଏସିଆ କପ୍‌ରେ ୟୁଏଇ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇ ଥିବା ଗ୍ରୁପ୍-ଏ' ମ୍ୟାଚ୍ ପୂର୍ବରୁ ଏକ ନାଟକୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ଭାରତ ବିପକ୍ଷ ମ୍ୟାଚ୍ ପରେ ସୃଷ୍ଟି ହୋଇଥିବା ନୋ-ହ୍ୟାଣ୍ଡସେକ୍ ବିବାଦ କାରଣରୁ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ ଏହି ଆବେଦନକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ପରେ ମଧ୍ୟ ପିସିବି ନିଜ ଜିଦ୍‌ରେ ଅଟଳ ରହିଥିଲା ଏବଂ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଦଳର ଖେଳାଳିଙ୍କୁ ହୋଟେଲ ନ ଛାଡ଼ିବାକୁ କହିଥିଲା। ଏଥିଯୋଗୁ ମ୍ୟାଚ୍ ହେବ କି ନାହିଁ, ସେନେଇ ଖୁବ୍ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଏପରିକି ପାଇକ୍ରଫ୍ଟଙ୍କ ବଦଳରେ ରିଚି ରିଚାର୍ଡସନ ପାକିସ୍ତାନ-ୟୁଏଇ ମ୍ୟାଚ୍ ପରିଚାଳନା କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଏଭଳି ପରିସ୍ଥିତି ଯୋଗୁ ମ୍ୟାଚ୍‌କୁ ଏକ ଘଣ୍ଟା ଲାଗି ଘୁଞ୍ଚାଇ ଦିଆଯାଇଥିଲା। ଭାରତ ବିପକ୍ଷ ମ୍ୟାଚ୍ ବେଳେ ଖେଳାଳିଙ୍କୁ ହ୍ୟାଣ୍ଡସେକ୍ କରିବାରୁ ଦୂରେଇ ରହିବା ପାଇଁ କହିଥିବାରୁ ପାଇକ୍ରଫ୍ଟ ପାକିସ୍ତାନ ଦଳର ଅଧିନାୟକ ଓ ମ୍ୟାନେଜରଙ୍କୁ କ୍ଷମାପ୍ରାର୍ଥନା କରିଥିବା ନେଇ ପିସିବି ପକ୍ଷରୁ କୁହାଯାଇଥିଲା। ଏହାପରେ ପାକିସ୍ତାନ ଖେଳାଳିମାନେ ୮ଟାରେ ଗ୍ରାଉଣ୍ଡରେ ପହଞ୍ଚିଥିଲେ ଏବଂ ୮.୩୦ରେ ଟସ୍ ପଡ଼ିଥିଲା। ରେଫରି ପାଇକ୍ରଫ୍ଟ ଟସ୍ ପରିଚାଳନା କରିବା ସହ ମ୍ୟାଚ୍ ପୂର୍ବରୁ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଥିଲା।

ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପରାଜୟ ପରେ ପାକିସ୍ତାନୀ ଖେଳାଳିଙ୍କ ସହ ଭାରତୀୟ ଖେଳାଳିମାନେ ହାତ ମିଳାଇବାକୁ ମନା କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣଙ୍କ ପ୍ରତି ସମ୍ମାନ ଜଣାଇ ଭାରତୀୟ ଦଳ ପକ୍ଷରୁ ଏଭଳି କରାଯାଇଥିଲା। ଏହାପରେ ଆଇସିସି ରୁଲ୍ସ ଓ ରେଗୁଲେଶନ ଭଙ୍ଗ କରିଥିବା ଦର୍ଶାଇ ପାଇକ୍ରଫ୍ଟଙ୍କୁ ଟୁର୍ନାମେଣ୍ଟରୁ ହଟାଇବା ପାଇଁ ପିସିସି ଦାବି କରିଥିଲା। ହେଲେ ଆଇସିସି ପକ୍ଷରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହାପରେ ପାଇକ୍ରଫ୍ଟଙ୍କୁ ହଟା ନ ଗଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିବାକୁ ଧମକ ଦେଇଥିଲା। ପାକିସ୍ତାନ ପକ୍ଷରୁ ୟୁଏଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ହେବାକୁଥିବା ଖବରଦାତା ସମ୍ମିଳନୀକୁ ମଧ୍ୟ ବାତିଲ କରାଯାଇଥିଲା।

## ନକ୍‌ଭିଙ୍କଠାରୁ ଭାରତ ଏସିଆ କପ୍ ନେବନାହିଁ

ଦୁବାଇ,୧୭।୯(ପି.ଟି.)

ଚଳିତ ଏସିଆ କପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ପରେ ଘଟିଥିବା ନୋ-ହ୍ୟାଣ୍ଡସେକ୍ ଘଟଣା ଏବେ ବଡ଼ଧରଣର ରାଜନୈତିକ ଓ କୂଟନୈତିକ ବିବାଦର ରୂପ ନେଇଛି। ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବାକୁ ନେଇ ପାକିସ୍ତାନ ପକ୍ଷରୁ ଦାବି କରାଗଲାଭଳି ଭାରତ ପକ୍ଷରୁ ମଧ୍ୟ ଏସିଆନ କ୍ରିକେଟ୍ କାଉନ୍‌ସିଲ(ଏସିସି) ନିକଟରେ କିଛି ଅନୁରୋଧ କରାଯାଇଛି। କେତେକ ଗଣମାଧ୍ୟମ ରିପୋର୍ଟ ମୁତାବକ, ଭାରତ ଯଦି ଏସିଆ କପ୍ ଜିତେ, ତେବେ ଏସିସି ଚେୟାରମ୍ୟାନ୍ ଥିବା ପାକିସ୍ତାନର ମହସିନ ନକ୍‌ଭିଙ୍କଠାରୁ ଭାରତ ଟ୍ରଫି ଗ୍ରହଣ କରିବନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏସିସିକୁ ଜଣାଇ ଦେଇଛନ୍ତି।

## ମନ୍ଧାନାଙ୍କ ଶତକରେ ଭାରତ ଜିତିଲା

ମୁଲାନପୁର,୧୭।୯(ପି.ଟି.)

ଓପନର ସ୍ମୃତି ମନ୍ଧାନାଙ୍କ ଶତକ ଓ ବୋଲରଙ୍କ ମାପଚୁପ ବୋଲିଂ ବଳରେ ଭାରତୀୟ ମହିଳା ଦଳ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୧୦୨ ରନ୍‌ରେ ହରାଇଛି। ଏହା ଦିନିକିଆ ଫର୍ମାଟ୍‌ରେ ଭାରତୀୟ ମହିଳା ଦଳ ପାଇଁ ସର୍ବବୃହତ୍ ପରାଜୟ। ଏହି ପରାଜୟ ସହ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ଲଗାତର ୧୩ ଦିନିକିଆ ମ୍ୟାଚ୍ ଜିତିବାଧାରା ଭଙ୍ଗ ହୋଇଛି। ଅନ୍ୟପକ୍ଷରେ ଏହି ବିଜୟ ସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଘରୋଇ ଭାରତୀୟ ଦଳ ୧-୧ରେ ବରାବର କରିଛି। ସିରିଜ୍‌ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଦିଲ୍ଲୀଠାରେ ଆସନ୍ତା ୨୦ ତାରିଖରେ ଖେଳାଯିବ। ଶତକୀୟ ପାଳି ଖେଳିଥିବା ମନ୍ଧାନାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୫ ଓଭରରେ ୨୯୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମନ୍ଧାନା ୯୧ ବଲ୍‌ରେ ୧୪ ଚୌକା ଓ ୪ ଛକା ସହ ୧୧୭ ରନ୍ କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୯୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।




**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୪୯.୫ ଓଭରରେ ୨୯୨/ଅଲଆଉଟ୍ (ସ୍ମୃତି ମନ୍ଧାନା-୧୧୭, ଦୀପ୍ତି ଶର୍ମା-୪୦, ଡାର୍ସି ବ୍ରାଉନ୍-୩/୪୨, ଆଶ୍‌ଲେ ଗାର୍ଡନର-୨/୩୯)। ଅଷ୍ଟ୍ରେଲିଆ ମହିଳା: ୪୦.୫ ଓଭରରେ ୧୯୦/ଅଲଆଉଟ୍।

# ପ୍ରିୟାଂଶାଙ୍କ ୪ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୬ ପଦକ

**ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୭।୯(ତପନ ସ୍ୱାଇଁ)

ବିହାରର ନାଳନ୍ଦା ଓ ପାଟ୍‌ନାରେ ଚାଲିଥିବା ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଓଡ଼ିଶା ମୋଟ ୬ଟି ପଦକ ହାସଲ କରିଛି। ଏହା ମଧ୍ୟରୁ କେବଳ ପ୍ରିୟାଂଶା ହୋତା ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ସବ୍‌ଜୁନିୟର, ୟୁଥ୍, ଜୁନିୟର ଓ ମହିଳା ବର୍ଗରେ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସୌମ୍ୟରଞ୍ଜନ ପଣ୍ଡା ୧୦ ମିଟର ଏୟାର ରାଇଫଲ ସବ୍‌ଜୁନିୟର ପୁରୁଷ ବିଭାଗରେ ରୌପ୍ୟ ଜିତିଥିବାବେଳେ ଅତ୍ରିଶା ରାଉତ ୧୦ ମିଟର ଏୟାର ରାଇଫଲ ବଧିର ମହିଳା ବର୍ଗରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି।



ପ୍ରିୟାଂଶା ହୋତା

## ପ୍ରଧାନମନ୍ତ୍ରୀ ମୋଦିଙ୍କ ଲାଗି ମେସିଙ୍କ ଉପହାର

ନୂଆଦିଲ୍ଲୀ,୧୭।୯(ପି.ଟି.): ବହୁ ପ୍ରତୀକ୍ଷିତ ଭାରତ ଗସ୍ତ କରିବା ପୂର୍ବରୁ ଆର୍ଜେଣ୍ଟିନା ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସି ତାଙ୍କ ସ୍ୱାକ୍ଷର ଥିବା ୨୦୨୨ ବିଶ୍ୱକପ୍ ବିଜୟୀ ଜର୍ସିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ପାଇଁ ପଠାଇଛନ୍ତି। ମେସିଙ୍କୁ ଆଣୁଥିବା ପ୍ରମୋଟର ଶତଦ୍ରୁ ଦତ୍ତ କହିଛନ୍ତି, ମେସିଙ୍କ ବିଶ୍ୱକପ୍ ବିଜୟୀ ଜର୍ସି ଆସନ୍ତା ୨ରୁ୩ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ପହଞ୍ଚିବ। 'ମୁଁ ଯେତେବେଳେ ମେସିଙ୍କୁ ଗତ ଫେବୃଆରୀରେ ଭାରତ ଗସ୍ତ ଲାଗି ଭେଟିଥିଲି, ସେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ସମ୍ପର୍କରେ ଜଣାଇଥିଲି। ପରେ ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଲାଗି ଏକ ସ୍ୱାକ୍ଷର ଥିବା ଜର୍ସି ପଠାଇବେ' ବୋଲି ଦତ୍ତ କହିଛନ୍ତି।

## ଆର୍‌ପି ସିଂ, ପ୍ରଜ୍ଞାନ ଓଝା ସିନିୟର ଜାତୀୟ ଚୟନକର୍ତ୍ତା ହେବେ

ନୂଆଦିଲ୍ଲୀ,୧୭।୯(ପି.ଟି.)

ଭାରତର ପୂର୍ବତନ ବାମହାତୀ ପେସର ରୁଦ୍ର ପ୍ରତାପ ସିଂ ଓ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ଜାତୀୟ ସିନିୟର ଚୟନ କମିଟିର ସଦସ୍ୟ ହେବାକୁ ଯାଉଛନ୍ତି। ଅଜିତ୍ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟିରୁ ଏସ୍. ଶରଥ ଓ ସୁବ୍ରୋତୋ ବାନାର୍ଜୀ ବିଦାୟ ନେଇଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍ ଦଳର ସଦସ୍ୟ ଆର୍‌ପି ଘରୋଇ କ୍ରିକେଟ୍‌ରେ ଉତ୍ତର ପ୍ରଦେଶ ପାଇଁ ଖେଳିଥିଲେ। ସେ ଚୟନ କମିଟିରେ ସେଣ୍ଟ୍ରାଲ ଜୋନ୍‌ର ପ୍ରତିନିଧିତ୍ୱ କରିବେ। ତାଙ୍କ ପ୍ରତିନିଧିତ୍ୱରେ ପାର୍ଥିବ ପଟେଲଙ୍କ ନେତୃତ୍ୱରେ ଗୁଜରାଟ ୨୦୧୬-୧୭ ରଣ୍‌ଜୀ ଟ୍ରଫି ଜିତିଥିଲା। ଆର୍‌ପି ବାନାର୍ଜୀଙ୍କ ସ୍ଥାନ ନେବେ। ଓଡ଼ିଶାରେ ଜନ୍ମିତ ଓଝାଙ୍କ ନାମରେ ୧୦୦ରୁ ଅଧିକ ଟେଷ୍ଟ ଉଇକେଟ୍ ରହିଛି। ହେଲେ ଘରୋଇ କ୍ରିକେଟ୍‌ରେ ସେ ପ୍ରାୟତଃ ହାଇଦ୍ରାବାଦ ଲାଗି ଖେଳିଥିଲେ। ଏଣୁ ସେ ସାଉଥ୍ ଜୋନ୍‌ରୁ ପ୍ରତିନିଧିତ୍ୱ କରିବେ ଏବଂ ଶରଥଙ୍କ ସ୍ଥାନ ନେବେ। ଅନ୍ୟପକ୍ଷରେ ଶରଥ ଜୁନିୟର ସିଲେକ୍ସନ କମିଟିର ଚେୟାରମ୍ୟାନ ଭାବେ ତିଲକ ନାଇଡୁଙ୍କ ସ୍ଥାନ ନେବେ। ୪୦ ବର୍ଷୀୟ ଆର୍‌ପି ଭାରତ ପାଇଁ ୧୪ ଟେଷ୍ଟ, ୫୮ ଦିନିକିଆ ଓ ୧୦ ଟି୨୦ ମ୍ୟାଚ୍ ଖେଳି ମୋଟ୍ ୧୨୪ ଉଇକେଟ ନେଇଛନ୍ତି । ସେହିଭଳି ଓଝା ଟେଷ୍ଟରେ ୧୧୩ ଉଇକେଟ ସହ ମୋଟ ୧୪୪ ଉଇକେଟ ନେଇଛନ୍ତି ।

# ପ୍ରଥମ ଥ୍ରୋରେ ନୀରଜଙ୍କୁ ଫାଇନାଲ୍ସ ଯୋଗ୍ୟତା

ଟୋକିଓ, ୧୭।୯(ପି.ଟି.)

ଗତଥରର ଚାମ୍ପିୟନ ନୀରଜ ଚୋପ୍ରା ଏଠାରେ ଚାଲିଥିବା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ଭାରତର ଏହି ତାରକା ଆଥଲେଟ୍ ଗ୍ରୁପ୍ 'ଏ'ର କ୍ୱାଲିଫିକେଶନ ରାଉଣ୍ଡରେ ନିଜ ପ୍ରଥମ ଥ୍ରୋରେ ୮୪.୮୫ ମିଟର ଥ୍ରୋ କରି ସିଧାସଳଖ ଯୋଗ୍ୟତା ପାଇଛନ୍ତି। ଫାଇନାଲ୍ସ ପାଇଁ ଯୋଗ୍ୟତା ମାର୍କ ହେଉଛି ୮୪.୫୦ ମିଟର। ଟପ୍-୧୨ ଫିନିଶ୍ କରିଥିବା ଆଥଲେଟ୍‌ଙ୍କୁ ନେଇ ଫାଇନାଲ୍ସ ଗୁରୁବାର ଅନୁଷ୍ଠିତ ହେବ।

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୁରୁଷ ଜାଭେଲିନ୍**

ଫାଇନାଲ୍ସରେ ନୀରଜଙ୍କର ଅଲିମ୍ପିକ୍ସ ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମଙ୍କ ସହ ମୁକାବିଲା ହେବ। ଗ୍ରୁପ୍ 'ବି'ରେ ନଦୀମ ଭଲ ଆରମ୍ଭ କରି ନ ଥିଲେ ହେଁ ତୃତୀୟ ତଥା ଅନ୍ତିମ ଥ୍ରୋରେ ୮୫.୨୮ ମିଟର ପକାଇ ଫାଇନାଲ୍ସରେ ପହଞ୍ଚିଛନ୍ତି। ୨୦୨୪ ଅଲିମ୍ପିକ୍ସ ପରେ ନଦୀମଙ୍କ ସହ ନୀରଜଙ୍କର ଏହା ପ୍ରଥମ ମୁକାବିଲା ହେବ। ପ୍ୟାରିସ ଅଲିମ୍ପିକ୍ସରେ ନଦୀମ ୯୨.୯୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ନୀରଜ ୮୯.୪୫ ମିଟର ସହିତ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଏବେ ଏହାର ମଧୁର ପ୍ରତିଶୋଧ ନେବାକୁ ନୀରଜଙ୍କ ନିକଟରେ ସୁଯୋଗ ରହିଛି।

ନୀରଜଙ୍କ ବ୍ୟତୀତ ଗ୍ରୁପ୍ 'ଏ'ରୁ ସିଧାସଳଖ ଯୋଗ୍ୟତା ପାଇଥିବା ଅନ୍ୟ ଦୁଇ ଆଥଲେଟ୍ ହେଲେ ଜର୍ମାନୀର ଜୁଲିଆନ ୱେବର(୮୭.୨୧) ଓ ପୋଲାଣ୍ଡର ଦାୱିଦ ୱେଗନର (୮୫.୬୭ମିଟର)। ଏହି ୧୯ ଜଣିଆ ଗ୍ରୁପ୍‌ରେ ଥ୍ରୋ କରିଥିବା ଅନ୍ୟତମ ଭାରତୀୟ ସଚିନ ଯାଦବ ୮୩.୬୭ ମିଟର ଥ୍ରୋ କରି ୬ଷ୍ଠ ସ୍ଥାନରେ ରହିଥିଲେ ହେଁ ର୍‍ୟାଙ୍କ୍ ଭିତ୍ତିରେ ଫାଇନାଲ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ଚେକ୍ ରିପବ୍ଲିକ୍‌ର ଜାକୁବ ଭାଡଲେଚ୍ ୮୪.୧୧ ମିଟର ଥ୍ରୋ କରିଥିଲେ ମଧ୍ୟ ଫାଇନାଲ୍ସରେ ଦେଖିବାକୁ ମିଳିବେ।



ଟୋକିଓରେ ଜାଭେଲିନ୍ ଥ୍ରୋ ଅବସରରେ ନୀରଜ ଚୋପ୍ରା।

**ଫାଇନାଲିଷ୍ଟ**

ଆଣ୍ଡରସନ ପିଟର୍ସ (ଗ୍ରେନେଡା): ୮୯.୫୩
ଜୁଲିଆନ ୱେବର (ଜର୍ମାନୀ): ୮୭.୨୧
ଜିଲିଅସ ୟେଗୋ (କେନିୟା): ୮୫.୯୬
ଦାୱିଦ ୱେଗନର (ପୋଲାଣ୍ଡ): ୮୫.୬୭
ଅର୍ଶଦ ନଦୀମ (ପାକିସ୍ତାନ): ୮୫.୨୮
ନୀରଜ ଚୋପ୍ରା (ଭାରତ): ୮୪.୯୫
କୁର୍ଟିସ ଥମ୍ପସନ (ଆମେରିକା): ୮୪.୭୨
ଜାକୁବ ଭାଡଲେଚ୍ (ଚେକ୍ ରିପବ୍ଲିକ୍): ୮୪.୧୧
କେଶୋର୍ନ ୱାଲକଟ (ତ୍ରିନିଦାଦ ଆଣ୍ଡ ଟବାଗୋ): ୮୩.୯୩
ସଚିନ ଯାଦବ(ଭାରତ): ୮୩.୬୭
କାମେରିନ ମ୍ୟାକଏଣ୍ଟ୍ରି (ଅଷ୍ଟ୍ରେଲିଆ): ୮୩.୦୩
ରୁମେଶ ଥରଙ୍ଗା ପଥିରାଗେ (ଶ୍ରୀଲଙ୍କା): ୮୨.୮୦

# ସିଦ୍ଧାର୍ଥଙ୍କୁ ୩ ସ୍ୱର୍ଣ୍ଣ, ଓଡ଼ିଶାକୁ ୩୬ ପଦକ

**ଏସିଆନ ଓପନ୍ ଟାଏକୋଣ୍ଡୋ**

ପୁରୁଣା ଭୁବନେଶ୍ୱର, ୧୭।୯
(ସୁବାସ ଚନ୍ଦ୍ର ପ୍ରଧାନ)

ଏସିଆନ୍ ଓପନ୍ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ହାଇଦ୍ରାବାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ସିଙ୍ଗାପୁର, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ, ବାଂଲାଦେଶ, ଭୁଟାନ, ମାଲେସିଆ ଆଦି ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଏସ୍‌ଏସ୍ ମାର୍ଶାଲ ଆର୍ଟ ସ୍କୁଲର ୨୧ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ସିଦ୍ଧାର୍ଥ କୁମାର ସାହୁ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ଅନ୍ୟ ଖେଳାଳିମାନେ ହେଲେ ଶ୍ରୀନିବାସ ସ୍ୱାଇଁ, ଆଫ୍ରିନ୍ ପରୱିନ ଓ ନିର୍ଭିକା ମହାନ୍ତି। ସେହିପରି ଗଣେଶ କୁମାର ଦାସ, ଶୁଭମ୍ ଦାସ ମହାପାତ୍ର, ସୁବ୍ରତ ଗୋଛାୟତ, ସାଇ ଦିବ୍ୟାଂଶ ପୃଷ୍ଟି, ଓମ୍ ସତ୍ୟମେଧ ଜେନା ଓ ଚିନ୍ମୟ ପୃଷ୍ଟି ୨ଟି ଲେଖାଏ ଏବଂ ଶ୍ରୀନିବାସ ସ୍ୱାଇଁ, ଆଫ୍ରିନ୍ ପରୱିନ, ନିର୍ଭିକା ମହାନ୍ତି, ଶ୍ରେୟଂଶ ମହାପାତ୍ର, ସାଇ ରାଜ, ଅର୍ଜିତ ସାହୁ, ମିଭାନ ରଥ, ଆଗମନ୍ ମହାନ୍ତ, ନିର୍ବେଦ ମହାନ୍ତି, ସମ୍ପୂର୍ଣ୍ଣା ମିଶ୍ର, ସାହିଦ୍ ଅକ୍ତର ଖାଁ, ମାହିରା ପରବିନ୍, ଅମିତ କୁମାର ନାୟକ, ଆଦିତ୍ୟ ରଥ ଗୋଟିଏ ଲେଖାଏ ରୌପ୍ୟ ପଦକ ପାଇଛନ୍ତି। ସାହିଦ୍ ଅକ୍ତର ଖାଁ, ସମ୍ପୂର୍ଣ୍ଣା ମିଶ୍ର, ଅମିତ କୁମାର ନାୟକ, ଆଦିତ୍ୟ ରଥ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶା ଦଳର କୋଚ୍ ଥିଲେ ସିଦ୍ଧାର୍ଥ କୁମାର ସାହୁ।


ଏସିଆନ ଓପନ୍ ଟାଏକୋଣ୍ଡୋରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ